

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୬ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 August 2026
Vol.No. 36 ■ No.205 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଯୁବବର୍ଗଙ୍କୁ ବୁଝାସୁଝା କରି ଶାନ୍ତ କରାଅ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୫/୮ : ବିରୋଧ ପ୍ରଦର୍ଶନ ସମୟରେ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ସଂଯମତା ଅବଲମ୍ବନ କରିବା ସହ ଯୁବବର୍ଗଙ୍କୁ ବୁଝାସୁଝା କରି ଶାନ୍ତ କରିବା ଉଚିତ୍ ବୋଲି ବୁଧବାର ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଯଦିଓ କେତେକ ବିପଥଗାମୀ ବ୍ୟକ୍ତି ଢେଲା ମାଡ଼ ଭଳି ହିଂସାରେ ସାମିଲ ହୁଅନ୍ତି, ତଥାପି ସରକାରୀ ଶକ୍ତିର ଆକ୍ରମଣାତ୍ମକ ମନୋଭାବ ସ୍ଥିତିକୁ ଆହୁରି ଜଟିଳ କରିପାରେ । ଗତ ଜୁଲାଇ ୨୦ରେ ଅନୁଷ୍ଠିତ ''ସଂସଦ ଚାଲୋ'' ପଦଯାତ୍ରା ସମୟରେ ହିଂସା ଉସ୍କାଇଥିବା ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଦାୟର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହା କହିଛନ୍ତି । ଶୁଣାଣି ସମୟରେ ଆବେଦନକାରୀ ମନୀଷ କୁମାର ସୋଲାଙ୍କିଙ୍କ ଆଇନଜୀବୀ ରିଜୱାନ ଅହମ୍ମଦ ଯୁକ୍ତି କରିଥିଲେ ଯେ, ଆନ୍ଦୋଳନକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାର ନମନୀୟ ହେବା ଉଚିତ୍ ନୁହେଁ। ଗୋଟିଏ ସ୍ଥାନରେ ନମନୀୟତା ଦେଖାଇଲେ ଏହା ଅନ୍ୟ ରାଜ୍ୟଗୁଡ଼ିକରେ ଗ୍ରହଣୀୟ ହୋଇ ଏକ ଖରାପ ନଜିର ସୃଷ୍ଟି କରିବ । ସଂସଦ ଭବନ ଆଡ଼କୁ ମାଡ଼ି ଚାଲିଥିବା ଆନ୍ଦୋଳନକାରୀ ଏବଂ ହିଂସାର ଆୟୋଜକମାନଙ୍କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରାଯିବା ଆବଶ୍ୟକ। ଏହାର ପ୍ରତିଉତ୍ତରରେ ପ୍ରଧାନ ବିଚାରପତି କହିଥିଲେ ଯେ, ଯୁବକମାନଙ୍କୁ ପରାମର୍ଶ ଓ ବୁଝାସୁଝା କରିବା ଆବଶ୍ୟକ। ସେମାନଙ୍କ ସମସ୍ୟା ଶୁଣିବା ସବୁଠାରୁ ବଡ଼ ମାଧ୍ୟମ । ତେବେ ଏପରି ପରିସ୍ଥିତିର ମୁକାବିଲା କିପରି କରାଯିବ, ତାହା ଆଇନ ଶୃଙ୍ଖଳା ସଂସ୍ଥାଗୁଡ଼ିକର ବିଚାରବୁଦ୍ଧି ଉପରେ ଛାଡ଼ିଦେବା ଉଚିତ୍ । ଏହାସହ ଆବେଦନରେ ପୁଲିସ ଓ ସୁରକ୍ଷା କର୍ମୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଦ୍ୱାରା ସାମାଜିକ ସେବା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି ।

## ଶେଖ୍ ହସିନାଙ୍କ ପ୍ରଥମ ସାର୍ବଜନୀନ ବକ୍ତବ୍ୟ: ଡିସେମ୍ବର ମାସରେ ସ୍ୱଦେଶ ଫେରିବା ଘୋଷଣା



ନୂଆଦିଲ୍ଲୀ,୫/୮ : ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଯୋଗୁ କ୍ଷମତାଚ୍ୟୁତ ହୋଇ ଭାରତରେ ଆଶ୍ରୟ ନେବାର ଦୁଇ ବର୍ଷ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବୁଧବାର ପ୍ରଥମ ସାର୍ବଜନୀନ ଭର୍ଚୁଆଲ ମଞ୍ଚକୁ ଆସି ଏକ ଭାବପୂର୍ଣ୍ଣ ଅଡିଓ ବକ୍ତବ୍ୟ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରୁ ଦେଇଥିବା ଏହି ସମ୍ବୋଧନରେ ସେ ଦାବି କରିଛନ୍ତି ଯେ, ୨୦୨୪ ଜୁଲାଇ-ଅଗଷ୍ଟ ମାସରେ ତାଙ୍କ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ହୋଇଥିବା ଜନଆନ୍ଦୋଳନ କୌଣସି ସ୍ୱାଭାବିକ ଛାତ୍ର ପ୍ରତିବାଦ ନଥିଲା । ଏହା ଗଣତାନ୍ତ୍ରିକ ପ୍ରକ୍ରିୟା ବାହାରେ ତାଙ୍କ ସରକାରକୁ ହଟାଇ ଏକ ନୂତନ ଶାସନ ପ୍ରତିଷ୍ଠା କରିବା ପାଇଁ ଅତି ସୂକ୍ଷ୍ମ ଭାବେ ପ୍ରସ୍ତୁତ କରାଯାଇଥିବା ଏକ ଯୋଜନାବଦ୍ଧ ବୈଦେଶିକ ଅପରେସନ ଥିଲା । ଢାକା ପ୍ରଶାସନର ତୀବ୍ର ଆପତ୍ତି ସତ୍ତ୍ୱେ ହସିନାଙ୍କ ଏହି କାର୍ଯ୍ୟକ୍ରମ ଏକ ବେସରକାରୀ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିଲା, ଯେଉଁଥିରେ ଭାରତ ସରକାରଙ୍କ କୌଣସି ସମ୍ପୃକ୍ତି ନଥିବା ସ୍ପଷ୍ଟ କରାଯାଇଛି । ଶେଖ୍ ହସିନା ନିଜ ବକ୍ତବ୍ୟ ପ୍ରାରମ୍ଭରେ ବାଂଲାଦେଶର ପ୍ରତିଷ୍ଠାତା ତଥା ତାଙ୍କ ପିତା ଶେଖ୍ ମୁଜିବୁର ରହମାନ, ୧୯୭୧ ମସିହା ମୁକ୍ତିଯୁଦ୍ଧର ସହିଦ ଏବଂ ୧୯୭୫ ଅଗଷ୍ଟ ସାମରିକ ବିଦ୍ରୋହରେ ପ୍ରାଣ ହରାଇଥିବା ତାଙ୍କ ପରିବାର ସଦସ୍ୟମାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶର ସାମ୍ପ୍ରତିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ପ୍ରକାଶ କରି ସେ କହିଛନ୍ତି ଯେ,

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଦୁଇ ଜଣ ଆରଟିଓ ଅଧିକାରୀ: ତିନୋଟି ଠିକଣାରେ ଏକକାଳୀନ ଚଢ଼ାଉ

ଭୁବନେଶ୍ୱର, ୦୫/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ଦୁଇ ଆରଟିଓ ଅଧିକାରୀ। ନିଲାମ ଟ୍ରକର ନୂଆ ପଞ୍ଜିକରଣ ପ୍ରମାଣପତ୍ର ଜାରି କରିବାକୁ ଲାଞ୍ଚ ନେବା ବେଳେ ଧରିଲା ଭିଜିଲାନ୍ସ ଟିମ୍ । ରାଉରକେଲା ଆରଟିଓ କାର୍ଯ୍ୟାଳୟରେ ଚଢ଼ାଉ କରି ଦୁଇ ଅଧିକାରୀଙ୍କୁ ବାନ୍ଧିଲେ ଭିଜିଲାନ୍ସ ଅଧିକାରୀ । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଉରକେଲା ଆରଟିଓ କାର୍ଯ୍ୟାଳୟର ଡିଲିଂ କ୍ଲାର୍କ-କମ୍-ନାଇଟ୍ ୱାଚର ନିରଞ୍ଜନ ଷଣ୍ଢ ଓ ଆଇଟି ଏକ୍ସିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରା । ସୂଚନା ଅନୁସାରେ ଏକ ଘରୋଇ ବ୍ୟାଙ୍କ ନିଲାମ କରିଥିବା ଦୁଇଟି ଟ୍ରକ୍‌କୁ ଜଣେ ବ୍ୟକ୍ତି କିଣିଥିଲେ। ସରକାରୀ ନିୟମ ଅନୁଯାୟୀ ସେ ଦୁଇଟି ଟ୍ରକ୍ ପାଇଁ ଫ୍ରେଶ୍ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଜାରି କରିବାକୁ ଆବେଦନ କରିଥିଲେ। ଡିଲିଂ କ୍ଲାର୍କ ନିରଞ୍ଜନ ଷଣ୍ଢ ଫାଇଲ୍ ପ୍ରକ୍ରିୟାକରଣ କରିବା

◆◆ପୃଷ୍ଠା ୭

## ଭାରତ-ଶ୍ରୀଲଙ୍କା ମଧ୍ୟରେ ୩୫ କୋଟି ଡଲାରର ଋଣ ଚୁକ୍ତି ବିନିମୟ

ନୂଆଦିଲ୍ଲୀ,୫/୮ : ଶ୍ରୀଲଙ୍କା ଗସ୍ତରେ ଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି ବୁଧବାର ଦିନ ରାଜଧାନୀ କଲମ୍ବୋରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟେକେଙ୍କୁ ଭେଟିଛନ୍ତି। ଉଭୟ ପକ୍ଷ ପାରସ୍ପରିକ ସ୍ୱାର୍ଥ ଏବଂ ଭାରତର ସହାୟତାରେ ଶ୍ରୀଲଙ୍କାରେ ଚାଲିଥିବା ପ୍ରମୁଖ ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ। ଦୁଇଦେଶ ୩୫୦ ନିୟୁତ ଆମେରିକୀୟ ଡଲାରର ଲାଇନ୍ ଅଫ୍ କ୍ରେଡିଟ୍ ଅଫ୍ ଇଣ୍ଡିଆନ୍ ଟଙ୍କା (ଆଇ.ଏନ୍.ଆର୍.) ସମ୍ବନ୍ଧୀୟ ରାଜିନାମା ମଧ୍ୟ ବିନିମୟ କରିଥିଲେ।ଶ୍ରୀଲଙ୍କାରେ ଥିବା ଭାରତୀୟ ହାଇ କମିଶନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ରାଷ୍ଟ୍ରପତି ଅନୁରା କୁମାର ଦିସାନାୟେକେଙ୍କ ସହ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଭାରତର ସହାୟତାରେ ଶ୍ରୀଲଙ୍କାରେ ଚାଲିଥିବା ପ୍ରମୁଖ ବିକାଶ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଛନ୍ତି। ବୈଠକ ପରେ ଉଭୟ ପକ୍ଷ ୩୫୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ଲାଇନ୍ ଅଫ୍ କ୍ରେଡିଟ୍ ସମ୍ବନ୍ଧୀୟ ରାଜିନାମା ବିନିମୟ କରିଥିଲେ।

## କନଷ୍ଟେବଲ ସୌମ୍ୟରଞ୍ଜନ ହତ୍ୟା ଘଟଣା
## ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର, ୦୫/୮ (ନି.ପ୍ର): ବହୁ ଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ବୁଧବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ୭୬୭ ପୃଷ୍ଠା ବିଶିଷ୍ଟ ଚାର୍ଜସିଟ୍ ଦାଖଲ କରାଯାଇଛି। ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ସେମାନେ ହେଉଛନ୍ତି- ଯୁଧିଷ୍ଠିର ଜେନା, ରଞ୍ଜିତ ପାତ୍ର, ରଞ୍ଜିତ ରଣା, ପଞ୍ଚାନନ ବଡ଼ଜେନା, ବିନୋଦ କୁମାର ବେହେରା, ପ୍ରଦୀପ ଚନ୍ଦ୍ର ମଙ୍ଗରାଜ, ଅଶୋକ କୁମାର ଜେନା, ବିଭୁତି ଭୂଷଣ ପରିଡ଼ା,ସୁବାସ ଭୋଇ, ସ୍ୱାଏଲାବ ପତି ଓ ବିସ୍ମୟ ମହାନ୍ତି। ଏହି ଚାର୍ଜସିଟ୍ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୦୩(୧), ୧୯୧(୨), ୧୯୧(୩), ୧୮୯(୪), ୧୯୦ ଏବଂ ୧୨୬(୨) ଅନୁଯାୟୀ ଦାଖଲ କରାଯାଇଛି। ତଦନ୍ତ ସମୟରେ ସଂଗୃହୀତ ମୌଖିକ, ଦସ୍ତାବିଜ, ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ସମର୍ଥନକାରୀ

◆◆ପୃଷ୍ଠା ୭

## ଲଗାଣ ବର୍ଷା ପରେ ବନ୍ୟା ବିପତ୍ତିରୁ ବାହାରିନି ଚାଷୀ : ପୁଣି ଡରାଇଲାଣି ବର୍ଷା ଭୟ



ଭୁବନେଶ୍ୱର, ୦୫/୮ (ନି.ପ୍ର): ରାଜ୍ୟରେ ପୁଣି ବର୍ଷା । ଆଗାମୀ ୨୪ ଘଣ୍ଟା ପାଇଁ ପାଣିପାଗ ବିଭାଗର ସତର୍କ ସୂଚନା । ମୟୂରଭଞ୍ଜ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଆଉ ୧୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି। ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ଝଟକା ପବନ ବହିପାରେ। ମୟୂରଭଞ୍ଜରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏପଟେ ଗତ ୨୪ ଘଣ୍ଟାରେ ତାଳଚେରରେ ସର୍ବାଧିକ ୮ ସେଣ୍ଟିମିଟର ବର୍ଷା ରେକର୍ଡ ହୋଇଛି। ୬ ତାରିଖ ସକାଳ ସାଢ଼େ ୮ଟାରୁ ୭ତାରିଖ ସକାଳ ସାଢ଼େ ୮ଟା ଯାଏଁ କେନ୍ଦୁଝର, ମୟୂରଭଞ୍ଜକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

◆◆ପୃଷ୍ଠା ୭

## ନିବେଶ ଟାଣିବ ଓଡ଼ିଶା: ଦିଲ୍ଲୀ-ଗୁରୁଗାଓଁରେ ହେବ ଇନଭେଷ୍ଟର୍ସ ମିଟ୍



ଭୁବନେଶ୍ୱର, ୦୫/୮ (ନି.ପ୍ର): ଓଡ଼ିଶାରେ ଶିଳ୍ପ ନିବେଶ ବଢ଼ାଇବା ଲକ୍ଷ୍ୟରେ ଆସନ୍ତାକାଲି ଦିଲ୍ଲୀ ଓ ଗୁରୁଗାଓଁରେ ଆୟୋଜିତ ହେବ ଇନଭେଷ୍ଟର୍ସ ମିଟ୍ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଟିମ୍ ଓଡ଼ିଶା ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ଆଲୋଚନା କରିବେ । ଓଡ଼ିଶାରେ ଥିବା ଶିଳ୍ପାୟନର ସୁଯୋଗ ଫାଇଦା ନେବାକୁ ବିଭିନ୍ନ କମ୍ପାନୀକୁ ଆମନ୍ତ୍ରଣ କରିବେ । ଏଥର ଫୋକସ୍‌ରେ ରହିବ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ମେଟାଲ୍ ଡାଉନଷ୍ଟ୍ରିମ ଶିଳ୍ପ । ମେଟାଲ, କେମିକାଲ ଶିଳ୍ପରେ ଓଡ଼ିଶା ପୁଞ୍ଜି ଆଣିବାରେ ସମର୍ଥ ହୋଇଥିବାବେଳେ ନୀତି ଆୟୋଗର ରିପୋର୍ଟ ଅଧିକ ବଳ ଯୋଗାଇଛି । ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଉପରେ ଏଥର ଅଧିକ ଫୋକସ କରାଯିବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ।

## ଓଡ଼ିଶା ଗସ୍ତ ସାରି ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୦୫/୮ (ନି.ପ୍ର): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜୀଙ୍କ ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ଫେରିଯାଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ସାଦର ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି । ମାତୃଭୂମି ଓଡ଼ିଶା ପ୍ରତି ରାଷ୍ଟ୍ରପତିଙ୍କ ଶ୍ରଦ୍ଧା, ସ୍ନେହ ଏବଂ ମାର୍ଗଦର୍ଶନ ଆମ ସମସ୍ତଙ୍କ ପାଇଁ ସଦାସର୍ବଦା ଅପୂର୍ବ ପ୍ରେରଣାର ସ୍ରୋତ।

## ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ ପାଇଁ ପ୍ରସ୍ତୁତି: ଅଗଷ୍ଟ ୧୭ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ସମ୍ଭାବନା



ନୂଆଦିଲ୍ଲୀ,୫/୮ : ଦେଶର ରାଜନୀତିରେ ବଡ଼ଧରଣର ପରିବର୍ତ୍ତନ ଆଣିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ସୀମା ନିର୍ଦ୍ଧାରଣ (ଡିଲିମିଟେସନ୍) ଏବଂ ମହିଳା ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ବିଧେୟକକୁ ସଂସଦରେ ଆଗକୁ ବଢ଼ାଇବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ସଂସଦର ଚାଲୁରହିଥିବା ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ତାରିଖରେ ଶେଷ ହେବାକୁ ଥିଲେ ମଧ୍ୟ, ଏହାକୁ ତୁରନ୍ତ ସମାପ୍ତ କରାଯିବ ନାହିଁ । ଆବଶ୍ୟକ ପଡ଼ିଲେ ଯେକୌଣସି ମୁହୂର୍ତ୍ତରେ ସ୍ୱତନ୍ତ୍ର ଅଧିବେଶନ ଆହୂତ କରାଯାଇପାରିବ । ସରକାର ସମ୍ବିଧାନ ଅନୁସାରେ ଆବଶ୍ୟକ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସୁନିଶ୍ଚିତ କଲେ, ଅଗଷ୍ଟ ୧୭ ତାରିଖରୁ ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯିବାର ପୂର୍ଣ୍ଣ ସମ୍ଭାବନା ରହିଛି । ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକୁ ପାରିତ କରାଇବା ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ମୌସୁମୀ ଅଧିବେଶନରେ ଲାଗି ରହିଥିବା ମତାନ୍ତରକୁ ଦୂର କରିବା ଏବଂ ବିରୋଧୀଙ୍କ ସହଯୋଗ ଲୋଡ଼ିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି । ପ୍ରାୟ ୫୦ ମିନିଟ୍ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ । ଜାତୀୟ ଗଣମାଧ୍ୟମର ଚର୍ଚ୍ଚା ଅନୁସାରେ, ମନ୍ତ୍ରୀ ରିଜିଜୁ ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌ରେ କଂଗ୍ରେସର ସମର୍ଥନ ଚାହିଁଛନ୍ତି । ସଂଖ୍ୟା ବଳ ଜୁଟାଇବା ପାଇଁ ସରକାର ପରିସୀମନ ବିଲ୍‌ରେ ସଂସଦୀୟ ଆସନଗୁଡ଼ିକର ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି କରାଯିବ ବୋଲି ଏକ ଲିଖିତ ବ୍ୟବସ୍ଥା ମଧ୍ୟ ଯୋଡ଼ିପାରନ୍ତି । ସରକାରଙ୍କ ସାମ୍ନାରେ ବର୍ତ୍ତମାନ ଏହି ବିଲ୍ ପାରିତ କରିବା ପାଇଁ ଦୁଇଟି ମୁଖ୍ୟ ବିକଳ୍ପ ରହିଛି । ପ୍ରଥମ ବିକଳ୍ପ ହେଉଛି— ବିରୋଧୀ ଦଳଗୁଡ଼ିକ ସହ ସହମତି ସୃଷ୍ଟି କରି ମୌସୁମୀ ଅଧିବେଶନର ଶେଷ ସପ୍ତାହରେ ହିଁ ସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସଂଶୋଧନ ବିଧେୟକ ଗୃହରେ ଉପସ୍ଥାପନ କରାଯିବ । ଦ୍ୱିତୀୟ ବିକଳ୍ପ ଅନୁଯାୟୀ, ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଛୁଟି ପରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ କରି ଏହାକୁ ପାରିତ କରାଯିବ । ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ଲୋକସଭା ଏବଂ ବିଧାନସଭା ଆସନଗୁଡ଼ିକରେ

◆◆ପୃଷ୍ଠା ୭

## ଜନ୍ତରମନ୍ତର ଆନ୍ଦୋଳନ ପରେ କକ୍ରୋଚ୍ ଜନତା ପାର୍ଟିର ନୂଆ ଯୋଜନା: ଦେଶବ୍ୟାପୀ ବିସ୍ତାର ଉପରେ ନଜର



ନୂଆଦିଲ୍ଲୀ,୫/୮ : କକ୍ରୋଚ୍ ଜନତା ପାର୍ଟି ଏବେ ରାଜନୈତିକ ଦଳ ହେବ ନାହିଁ । ଏହାକୁ ଏକ ପ୍ରେସର ଗ୍ରୁପ୍ ଭାବେ ଆଗକୁ ବଢ଼ାଇବାକୁ ଘୋଷଣା କରିଛନ୍ତି କକ୍ରୋଚ୍ ଜନତା ପାର୍ଟି ସଂଗଠନର ପ୍ରତିଷ୍ଠାତା ଅଭିଜିତ ଦୀପକେ । ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଆରମ୍ଭ ହୋଇଥିବା କକ୍ରୋଚ୍ ଜନତା ପାର୍ଟିର ଦୁଇ ଦିନିଆ ବୈଠକ ପୂର୍ବରୁ ସେ ଏହି ବୟାନ ଦେଇଛନ୍ତି । ଅଭିଜିତ ଦୀପକେ କହିଛନ୍ତି, ବର୍ତ୍ତମାନ ଦେଶକୁ ଆଉ ଏକ ନୂଆ ରାଜନୈତିକ ଦଳର ଆବଶ୍ୟକତା ନାହିଁ, ବରଂ ଏକ ଶକ୍ତିଶାଳୀ ଜନ ଆନ୍ଦୋଳନ ଆବଶ୍ୟକ। ଯଦି କକ୍ରୋଚ୍ ଜନତା ପାର୍ଟି ରାଜନୈତିକ ଦଳ ହୋଇଥାନ୍ତା, ତେବେ ଏହାର ଆନ୍ଦୋଳନର ଉଦ୍ଦେଶ୍ୟ ପ୍ରଭାବିତ ହୋଇଥାନ୍ତା ବୋଲି ସେ କହିଛନ୍ତି । ସେ କହିଛନ୍ତି, ବିଭିନ୍ନ ବିଚାରଧାରା ଓ ରାଜନୈତିକ ପୃଷ୍ଠଭୂମିର ଲୋକ ଏକାଠି ହୋଇଥିବାରୁ ଆନ୍ଦୋଳନ ସଫଳ ହୋଇଥିଲା । ଦେଶର ଗଣତାନ୍ତ୍ରିକ ସଂସ୍ଥା ଉପରେ ଲୋକଙ୍କ ବିଶ୍ୱାସ କମୁଥିବାରୁ ଜନତାର ଚାପ ଓ ବ୍ୟାପକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି । ଛତ୍ରପତି ସମ୍ଭାଜୀନଗର ବୈଠକରେ ଜନ୍ତରମନ୍ତର ଆନ୍ଦୋଳନର ସମୀକ୍ଷା, ଶିକ୍ଷା ବ୍ୟବସ୍ଥା, ଋ୨୦ ପେଟ୍ରୋଲ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ । ଏହା ସହିତ ସଂଗଠନକୁ ଦେଶବ୍ୟାପୀ କିପରି ମଜବୁତ କରାଯିବ, ସେନେଇ ମଧ୍ୟ ଯୋଜନା ପ୍ରସ୍ତୁତ ହେବ ।

◆◆ପୃଷ୍ଠା ୭

# ଓଡ଼ିଆ ସାମ୍ବାଦିକତା ଦିବସ ପାଳିଲା : ଓୟୁଜେ

## ସାମ୍ବାଦିକ ହିଁ ସରକାର ଓ ଜନତାଙ୍କ ବିଶ୍ୱାସର ସ୍ୱର ହେଉ

ବାହାନଗା,୫/୦୮ (ନି.ପ୍ର): ସାମ୍ବାଦିକ ମାନେ ଜନସାଧାରଣ ଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ଖବର ଓ ସରକାରଙ୍କ ଜନ କଲ୍ୟାଣ ମୂଳକ କାର୍ଯ୍ୟ କ୍ରମକୁ ଠିକ୍ ଭାବେ ଉପସ୍ଥାପନ କରି ନିଜର ପାରଦର୍ଶିତା ପ୍ରଦାନ କରିବାର ବେଳ ଆସିଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି।ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ, ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ପୂର୍ବତନ ଅଧ୍ୟକ୍ଷ ଗଜେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ଓଡ଼ିଆ ସାମ୍ବାଦିକତାର ଗୌରବମୟ ଇତିହାସ, ବର୍ତ୍ତମାନ ସମୟରେ ସାମ୍ବାଦିକତାର ଆହ୍ୱାନ ଓ ଚ୍ୟାଲେଞ୍ଜ, ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଏବଂ ସାମ୍ବାଦିକଙ୍କ ନୈତିକ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସାମ୍ବାଦିକତା କେବଳ ଏକ ପେଶା ନୁହେଁ, ବରଂ ସତ୍ୟ, ନିରପେକ୍ଷତା ଓ ଜନସେବାର ଏକ ମହାନ ଦାୟିତ୍ୱ। ଏହି କାର୍ଯ୍ୟକ୍ରମ ରେ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମନାରାୟଣ ଶତପଥି, ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟ ବରିଷ୍ଠ ସଦସ୍ୟ ଅରୂପ କୁମାର ଦାସ, ପ୍ରମୁଖ ଉଦବୋଧନ ଦେଇ ଓଡ଼ିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।ରୁଚିକ ରଞ୍ଜନ ମହାପାତ୍ର, ରମାକାନ୍ତ ପଣ୍ଡା,ରବି ରଞ୍ଜନ ତ୍ରିପାଠୀ , ନନ୍ଦ କିଶୋର ସାହୁ, କହ୍ନେଇ ଚରଣ ପ୍ରଧାନ,ଜୟଦେବ ଆଚାର୍ଯ୍ୟ, ସୋମନାଥ ସାହୁ ,କୈଳାସ ଚନ୍ଦ୍ର ଦାସ ,ଗୌତମ କୁମାର ମୁଖି, ସୁଶାନ୍ତ କୁମାର ବେହେରା, ଲୋକନାଥ ପୀରି, ସରୋଜ କୁମାର ସାହୁ, ଲକ୍ଷ୍ମୀଧର ବାରିକ ପ୍ରମୁଖ ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହି ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ରେପ୍ରଥମ ସ୍ଥାନ ଅଧିକାର କରିଥିବା ଭାଗ୍ୟଜ୍ୟୋତି ବେହେରା , ଦ୍ୱିତୀୟ ଉର୍ବଶୀ ଦାସ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦୀପକ କୁମାର ସାହୁ, ଓ ଯଶୋଦାନ ଦାସ ଙ୍କୁ ୟୁନିଅନ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।। ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ସତ୍ୟନିଷ୍ଠ, ନିରପେକ୍ଷ ଓ ଦାୟିତ୍ୱବୋଧ ସହିତ ସାମ୍ବାଦିକତା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଂଶ ଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଗାୟତ୍ରୀ ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ଜୟପୁର,୫/୦୮ (ନି.ପ୍ର): ଗାୟତ୍ରୀ ଶକ୍ତି ପୀଠ ଠାରେ ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅବିଭକ୍ତ କୋରାପୁଟ ଜିଲ୍ଲା ଗାୟତ୍ରୀ ପରିବାରର ଗୋଷ୍ଠି ସଭାପତି ପ୍ରକାଶ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଏସପି, ଏସଡିପିଓ, ଅଗ୍ନିଶମ ବିଭାଗ, ବିଜୁଳି ବିଭାଗ, ଜଳ ସମ୍ପଦ ବିଭାଗ, ଟାଉନ ଆଇ.ଆଇ.ସି., ସଦର ଆଇ.ଆଇ.ସି., ସ୍ୱାସ୍ଥ୍ୟ ବିଭାଗ, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ, ସମସ୍ତ ପ୍ରଶାସନିକ ବିଭାଗକୁ ସ୍ୱୀକୃତି ନିମନ୍ତେ ଦରଖାସ୍ତ ପ୍ରଦାନ କରାଯାଇଛି । ଏବଂ ସମସ୍ତ ବିଭାଗ ବହୁ ଉତ୍ସାହ ସହକାରେ ଭୂରି ଭୂରି ପ୍ରଶଂସା ସହ ସହଯୋଗର ହାତ ବଢାଇବା ନିମନ୍ତେ ସହମତି ପ୍ରକାଶ କରିଥିଲେ । ଶକ୍ତିପୀଠ ମୁଖ୍ୟ ଟ୍ରଷ୍ଟି ଋତୁମ୍ବରା ପାତ୍ର, ନିରଞ୍ଜନ ପାଣିଗ୍ରାହି, ଗଙ୍ଗାଧର ପାଣିଗ୍ରାହି, ଗୋପାଳ ପାତ୍ରଙ୍କ ପ୍ରତିନିଧିତ୍ୱରେ ୧୨୦ ଜଣ ହରିଦ୍ୱାର ଯାଇ ମହାଯଜ୍ଞର ଶୁଭାରମ୍ଭ ନିମନ୍ତେ ଦିବ୍ୟ ଶକ୍ତି କଳସ ଆଣିବା ନିମନ୍ତେ ସ୍ଥିର କରାଗଲା । ଶକ୍ତି କଳସ ହରିଦ୍ୱାର ଠାରୁ ଆସନ୍ତା ୨୧ ତାରିଖ ଦିନ ବାହାରି ୨୩ ତାରିଖ ଦିନ ଜୟପୁର ରେଳବାଇ ଷ୍ଟେସନ ଠାରେ ପହଂଚି ଇରିଗେସନ କଲୋନୀରେ ପହଂଚିବ । ସେଠାରୁ ପୂର୍ବାହ୍ନ ୧୧ଟା ସମୟରେ ବାହାରି ଫରେଷ୍ଟ କଲୋନୀ ଦେଇ ପାରା ବେଢ଼ା, ଅଧିକାରୀ ଛକ, ଟ୍ରାଫିକ ଛକ, ପାର୍କ ଲାଇନ୍ ଛକ, ଜଗତ ଜନନୀ ମନ୍ଦିର ଛକ, ଚୈତନ୍ୟ ମନ୍ଦିର, ରାଜନଗର ଛକ, ଜଗନ୍ନାଥ ମନ୍ଦିର, ତାରିଣୀ ମନ୍ଦିର, ପଂଚାନନ ମନ୍ଦିର, ମାର୍ଗ ଦେଇ ଗାୟତ୍ରୀ ଶକ୍ତି ପୀଠ ଠାରେ ପହଂଚିବ । ତେଣୁ ସମସ୍ତ ଆଧ୍ୟାତ୍ମିକ ସାମାଜିକ ସଂଗଠନକୁ ନିଜ ପରିଚୟ (ବେନାର୍) କିର୍ତ୍ତନ ମଣ୍ଡଳୀ, ଘଣ୍ଟ, ଶଙ୍ଖ,ବାଦ୍ୟ, ହୁଳହୁଳି ସହ ଦିବ୍ୟ ଭବ୍ୟ ସ୍ୱାଗତ କରିବା ନିମନ୍ତେ ଗ୍ରାମବାସୀ ଓ ପ୍ରଶାସନଙ୍କୁ ଅନୁରୋଧ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୭ ତାରିଖ ଦିନ ଗାୟତ୍ରୀ ଶକ୍ତି ପୀଠ ଠାରେ ପୁନଃ ଯଜ୍ଞ ଓ ଶକ୍ତି କଳସ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ଜୟପୁର ନିକଟସ୍ଥ ୨୫୧ ଗ୍ରାମ ପରିକ୍ରମା ନିମନ୍ତେ ପ୍ରସ୍ତୁତି ବୈଠକ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ବାଲ୍ମୀକି ପ୍ରଧାନ, କାଳୁରାମ ପଣ୍ଡା, ବିଲୁ ସିଂ ରାଜପୂତ୍, ଅନିଲ ଦାସ, ଅମର ପାଢ଼ୀ, ବାଜି ସେଠୀ, ନିରଞ୍ଜନ ଭୂୟାଁ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଗାୟତ୍ରୀ ପରିବାର ଉପସ୍ଥିତ ଥିଲେ ।

## ବର୍ଷାପରେ ସାପ ଭୟ: ଆତଙ୍କରେ ଅଞ୍ଚଳବାସୀ

ନୀଳଗିରି,୫/୦୮ (ନି.ପ୍ର): ଲଗାଣ ବର୍ଷାଯୋଗୁଁ ନୀଳଗିରିର ବିଭିନ୍ନଅଞ୍ଚଳ ଜଳମଗ୍ନ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଘାଇସୃଷ୍ଟି ହୋଇଥିଲା। ମଙ୍ଗଳବାର କୁଳଡିହା ପାହାଡ଼ରୁ ବନ୍ୟାପାଣି ବହିଆସିବା ଫଳରେ ବିଭିନ୍ନ ପାଣିଉତ୍ସରେ ସାପସବୁ ଭାସି ଆସିଥିବାବେଳେ ଘାଗରା ନାଳରେ ଏକ ୧୫ଫୁଟ ଲମ୍ବର ଅଜଗର ଭାସିଆସି ତେଣ୍ଡା କନ୍ୟାଶ୍ରମ ରାସ୍ତାପାଖ ଏକ ଗଛରେ ଗୁଡ଼େଇହୋଇ ରହିଥିବା ଦେଖିବାକୁ ମିଳିଥିଲା। ସାପକୁ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇପଡିଥିବା ବେଳେ ସାପଟି ଲୋକଙ୍କୁ ଦେଖି ଗଛରୁ ଓହ୍ଲାଇ ଘାଗରା ନାଳଦେଇ କୁସୁମିଆ ଆଡ଼କୁ ପଳାଇ ଯାଇଥିବା ଦେଖିବାକୁ ମିଳିଛି।

# ଚାଷକାମରେ ଆଧୁନିକତାର ସ୍ପର୍ଶ: ହଜିଯାଉଛି ପରମ୍ପରା

ଜୟପୁର,୫/୦୮ (ନି.ପ୍ର): କୋରାପୁଟ ଜିଲାରେ ଚାଷ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। କୋରାପୁଟ ଜିଲ୍ଲାର ଜୟପୁର, କୋଟପାଡ଼, ବୋରିଗୁମ୍ମା, ବୈପାରିଗୁଡ଼ା, କୁନ୍ଦୁରାରେ ଚାଷ କାର୍ଯ୍ୟ ଅଧିକା ଚାଲିଥିବାବେଳେ କଥାରେ ଅଛି, ଚାଷ କାମ ଯାହାର, କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହାର। ଏହି କାର୍ଯ୍ୟ ପାଇଁ ଚାଷୀ ସଭିଙ୍କ ପାଖରେ ଆଦର ପାଉଥିଲା। ଦିନ ଥିଲା ଗ୍ରାମାଂଚଳ ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ। ବିଭିନ୍ନ କାରଣରୁ ଧିରେ ଧିରେ ଏବେ ଚାଷ କାମ ବନ୍ଦ ହେବାକୁ ବସିଛି। ପୂର୍ବରୁ ଚାଷ କରୁଥିବା ପ୍ରଣାଳୀ ବଦଳାଇ ନୂତନ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ ପାଇଁ ଉଦ୍ୟମ ଆରମ୍ଭ ହେଉଥିବାବେଳେ ଏହା ଏବେ ପୋଥି ବାଇଗଣ ପାଲଟିଯିବ ଏହି ଆଶଙ୍କା ପ୍ରକାଶ ପାଉଛି। କୋରାପୁଟ ଜିଲ୍ଲାରେ ଚାଷୀ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନ ଚାଷ କରିଥାନ୍ତି। ଏବେ ଚାଷ କାମ ବାଟବଣା ହେଉଥିବାବେଳେ ଚାଷର ଉପାୟ ବଦଳିବାରେ ଲାଗିଛି। ହଳରେ ଏବେ ଆଉ ପ୍ରାୟ କେହି ଚାଷ କରୁନଥିବାବେଳେ ଚାଷୀ ହୁଳହୁଳି, ହଳିଆ ଗୀତ ପୂର୍ବଭଳି ଆଉ ରୁଆ, ବୁଣାବେଳେ ଶୁଣିବାକୁ ମିଳୁନାହିଁ। ପୂର୍ବରୁ ଚାଷୀ ଜମିରେ ଚାଷ ପାଇଁ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ। ଏବେ ଚାଷ ପାଇଁ ଟ୍ରାକ୍ଟର, ପାୱାର ଟିଲର୍ ବ୍ୟବହାର ହେଉଛି। ମାସ ମାସ ଧରି ଚାଲୁଥିବା ଚାଷ କାମ ଏବେ କମ୍ ଦିନରେ ଶେଷ ହେଉଛି। ପ୍ରତିଗାଁରେ ପୂର୍ବେ ଘରେ ଘରେ ଜମି ଚାଷ ପାଇଁ ବଳଦ, ପୋଢ ପାଳନ କରାଯାଉଥିଲା। ଏପରିକି କିଛି ଧନୀ ଚାଷୀ ମଧ୍ୟ ଗାଇ ବଳଦଙ୍କ ପାଇଁ ହଳିଆ ମଧ୍ୟ ରଖୁଥିଲେ। ଘର ଆଗରେ ଗୁହାଳ ଦେଖିବାକୁ ମିଳୁଥିଲା। ହଳପାଇଁ ଚାଷୀ କୁସୁମ, ଫାଶୀ, ବାବୁଲ, ଗୁହାରିଆ ପ୍ରଭୃତି, କାଠର ଲଙ୍ଗଳ, ଡାମଣ, ଇଷ ତଥା ଅନ୍ୟାନ୍ୟ ଉପକରଣ ରଖାଯାଉଥିଲା। କିଛି ଚାଷୀ ମାମୁଁ ଭଣଜା ବଳଦକୁ ଏକାଠି କରି ହଳ କାର୍ଯ୍ୟରେ ଲଗାଉଥିଲେ। ପ୍ରତିବର୍ଷ ପ୍ରଥମ ବର୍ଷା ପରେ ଚାଷୀମାନେ ବଳଦ ବିକାକିଣା କରିବା ସହିତ ଅନ୍ୟଗ୍ରାମରୁ ବଳଦ କିଣି ଆଣୁଥିଲେ। ମହାଲକ୍ଷ୍ମୀ ସ୍ନାନ ଦିନ ଭୋର ସମୟରେ ତଳିଘଣା ପରେ ପୂଜାର୍ଚ୍ଚନା କରି ରୁଆ କାର୍ଯ୍ୟ ଆରମ୍ଭ କରୁଥିଲା। ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଉଥିଲା। ମହିଳାମାନେ ହୁଳହୁଳି ସହ ମିଳିତ ଭାବେ ଗୀତ ଗାଉଥିଲେ। ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲିଥିବା ସଂକେତ ମିଳୁଥିଲା। ଗୋଟିଏ ଜମିରେ ମହିଳା ଗୀତ ଗାଇବା ଆରମ୍ଭ କଲେ ଅନ୍ୟ ଜମିର ମହିଳା ତାହା ଅନୁସରଣ କରୁଥିଲେ। ବିଭିନ୍ନ କାରଣରୁ ଏବେ ହଳ ରଖିବା ବନ୍ଦ ହୋଇଯାଉଥିବାବେଳେ ଗ୍ରାମାଂଚଳରେ ପଶୁସମ୍ପଦ ବିଶେଷ ଭାବେ ହ୍ରାସ ପାଇଛି। ଚାଷ ଜମିରେ ଘର ନିର୍ମାଣ ସହ ବର୍ଷ ବର୍ଷ ଧରି ଜମି ପଡ଼ିଆ ରଖାଯାଉଛି। ଉର୍ବର ଜମି ମଧ୍ୟ ଏଥିରୁ ବାଦ ପଡୁନି। ପୂର୍ବରୁ ଶ୍ରମିକଙ୍କୁ ବର୍ଷକିଆ ଚୁକ୍ତି ଭିତିରେ ନିଯୁକ୍ତି ଦିଆଯାଇ ଧାନ, ମାଣ୍ଡିଆ, ସୁଆଁ ପ୍ରଭୃତି ଭାବେ ଦିଆଯାଉଥିଲା। ଶସ୍ୟ ମାପିବ ବା ପାଇଁ ନଉତି, ଅଡ଼ା ଆଦି ବ୍ୟବହାର କରାଯାଉଥିବାବେଳେ ଏବେ ସବୁ ଟଙ୍କାରେ ହେଉଛି। ଟ୍ରାକ୍ଟରରେ ଜମି ଚାଷ ହେଉଛି। ସମୟ କ୍ରମେ ଅନେକ ପରିବର୍ତନ ଘଟିଛି। ଚାଷ କାମର ଶୈଳୀ ପରିବର୍ତ୍ତନ ଯୋଗୁଁ ହଳ, ହୁଳହୁଳି, ହଳିଆ ଗୀତ ଏବେ ହଜିଯିବାକୁ ବସିଥିବା ଲକ୍ଷ୍ୟ କରାଯାଇଛି।

# ନୂଆପଡ଼ାରେ ନିଶାମୁକ୍ତି ଶପଥ ମହାଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ନୂଆପଡ଼ା,୫/୦୮ (ନି.ପ୍ର): ନିଶାମୁକ୍ତ ଭାରତ ଅଭିଯାନ ଓ ମିଶନ ସ୍ପନ୍ଦନ ଅନ୍ତର୍ଗତ ୧୦ କୋଟି ନିଶାମୁକ୍ତି ଶପଥ ମହାଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନର ମେଡିକାଲ ୱିଙ୍ଗ ପକ୍ଷରୁ ଆୟୋଜିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ୧୦ କୋଟି ନାଗରିକଙ୍କୁ ନିଶାମୁକ୍ତ ଜୀବନଶୈଳୀ ଗ୍ରହଣ ପାଇଁ ପ୍ରେରିତ କରିବା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସଚେତନ ଓ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରହ୍ମକୁମାରୀ ଅନୀତା ଓ ବ୍ରହ୍ମକୁମାରୀ ସୁମତୀ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ନିୟମିତ ରାଜଯୋଗ ଧ୍ୟାନ ଓ ଯୋଗାଭ୍ୟାସ ମାଧ୍ୟମରେ ଆତ୍ମଶକ୍ତି ବୃଦ୍ଧି ସହ ନିଶା ଅଭ୍ୟାସରୁ ମୁକ୍ତି ମିଳିପାରିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ନିଶାମୁକ୍ତ ଭାରତ ସମ୍ପର୍କିତ ଏକ ସଚେତନତା ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତେ ନିଶାମୁକ୍ତ ଭାରତ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିବା ସହ ନିଜ ପରିବାର, ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବାକୁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦ୍ୱାରିକାନାଥ ଶତପଥୀ, ବ୍ରହ୍ମକୁମାରୀ ଅନୀତା, ବ୍ରହ୍ମକୁମାରୀ ସୁମତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

କେନ୍ଦୁଝର,୫/୦୮ (ନି.ପ୍ର): ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ପୁଲିସ ବିଟ ଅଂଚଳ ଅନ୍ତର୍ଗତ ମହୁଲଗାଡିଆ ଗାଁରେ ଘଟିଛି ଦୁଃଖଦ ଘଟଣା, ପୋଖରୀରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ଚାନ୍ଦପଶି ଗ୍ରାମର ସନ୍ତୋଷ କୁମାର ମହାପାତ୍ର(୪୨) ବୋଲି ଜଣାପଡ଼ିଛି। ସେ ଘରଜ୍ୱାଇଁ ଭାବେ ମହୁଲଗାଡ଼ିଆ ଗ୍ରାମରେ ରହୁଥିଲେ। ସେ ରବିବାର ଅପରାହ୍ନ ୪ଟାରେ ଗାଧୋଇବା ପାଇଁ ଯାଇ ଘରକୁ ଆଉ ଫେରିନଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ରବିବାର ଢେଙ୍କିକୋଟ ପୁଲିସ ବିଟରେ ନିଖୋଜ ଅଭିଯୋଗ କରିଥିଲେ। ଆଜି ଘର ପାଖ ନିକଟ ପୋଖରୀରୁ ତାଙ୍କ ମୃତଦେହ ଭାସୁଥିବା ଦେଖି ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ଘଟଗାଁ ଅଗ୍ନିଶମ ବାହିନୀ ପହଂଚି ପୋଖରୀ ଭିତରୁ ମୃତଦେହ ଉଦ୍ଧାର କରିଛି। ଏନେଇ ଢେଙ୍କିକୋଟ ପୁଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ ମୃତ ସନ୍ତୋଷ ମହାପାତ୍ରଙ୍କ ନିଜ ଘର ଚାନ୍ଦପଶି ଗ୍ରାମରେ ହୋଇଥିବାବେଳେ ତାଙ୍କର ଦୁଇଟି ନାବାଳିକା ଝିଅ ଅଛନ୍ତି।

# ନୂଆପଡ଼ାରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା,୫/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷାର ଅଧ୍ୟକ୍ଷ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିକ୍ଷା ସମ୍ବନ୍ଧୀୟ ପ୍ରଗତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟଗୁଡ଼ିକରେ ସାପ୍ତାହିକ ପରୀକ୍ଷା ଓ ସ୍ୱତନ୍ତ୍ର ସନ୍ଦେହ ନିରାକରଣ କ୍ଲାସ୍ (ଡାଉଟ୍ କ୍ଲିୟରିଂ କ୍ଲାସ୍) ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାଦାନର ଗୁଣବତା ବୃଦ୍ଧି ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଏବଂ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ର ଅଭିଜ୍ଞ ଶିକ୍ଷକମାନଙ୍କୁ ନେଇ ଶିକ୍ଷକ ବିନିମୟ କାର୍ଯ୍ୟକ୍ରମ କରାଯିବାକୁ ଜିଲ୍ଲାପାଳ ପ୍ରସ୍ତାବ ଦେଇଥିଲେ। ବିଦ୍ୟାଳୟ ପରିସରକୁ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ ମୁକ୍ତ ରଖିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେଇ ପ୍ରତ୍ୟେକ ବିଦ୍ୟାଳୟର ଓଭରହେଡ୍ ପାଣି ଟାଙ୍କିର ନିୟମିତ ସଫେଇ ସୁନିଶ୍ଚିତ କରିବା ସହ ସମସ୍ତ ବିଦ୍ୟାଳୟକୁ ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ ଭାବେ ଗଢ଼ି ତୋଳିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ 'ସମ୍ଭାବନା-୨୦୨୭' କାର୍ଯ୍ୟକ୍ରମ, ପ୍ରଶସ୍ତ-୨.୦ ଆପ୍ ମାଧ୍ୟମରେ ଦିବ୍ୟାଙ୍ଗ ଶିଶୁ ଚିହ୍ନଟ, ଉଲ୍ଲାସ କାର୍ଯ୍ୟକ୍ରମ, ବିଦ୍ୟାଳୟ ମନିଟରିଂ, ଅପାର ଆଇଡି ସୃଷ୍ଟି, ବିଦ୍ୟାଳୟ ସୁରକ୍ଷା ସପ୍ତାହ, ବୃତି, ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ରେଟିଂ, ଭିତିଭୂମି ବିକାଶ ଏବଂ ବିଦ୍ୟାଳୟ ଉନ୍ନତୀକରଣ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଅବଶିଷ୍ଟ ଅଂଚଳଗୁଡ଼ିକରେ ଜମି ଚିହ୍ନଟ କାର୍ଯ୍ୟ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଚାଲିଥିବାବେଳେ ଏହି ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ସମ୍ପ୍ରତି ଆମସେନାରେ ଅନୁଷ୍ଠିତ ପରିବର୍ଦ୍ଧିତ ଜନଶୁଣାଣୀ ଅବସରରେ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ସାହୁଙ୍କ ଘରକୁ ଯାଇ ତାଙ୍କ ସହ ଓ ତାଙ୍କ ପରିବାର ସହ ଆଲୋଚନା କରି ବୋର୍ଡ଼ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ ପାଇଁ ପ୍ରେରଣା ଦେଇଥିବା କଥା ଉଲ୍ଲେଖ କରିଥିଲେ। ସେହିଭଳି ଜିଲ୍ଲାର ସମସ୍ତ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକମାନଙ୍କୁ ମେଧାବୀ ଏବଂ ସମ୍ଭାବନାମୟ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ସେମାନଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଡିଏସ୍‌ଏସ୍ ଗିରିଧାରୀ ସା, ଡିଆଇଇଟି ପ୍ରିନସିପାଲ ନରୋତମ ଭୋଇ, ଜିଲ୍ଲାର ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହାନଦୀ ପାର୍ ହୋଇ ବରଗଡ଼ ମୁହାଁ ହେଲେ ୩ ଦନ୍ତା ହାତୀ: ବେଲପାହାଡ଼ ବନ ବିଭାଗର ତିନି ଦିନର ଅପରେସନ୍ ସଫଳ

ଝାରସୁଗୁଡ଼ା,୫/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ବନାଚଂଳ ପାଇଁ ଏକ ବଡ଼ ସଫଳତା । ପ୍ରାୟ ତିନି ଦିନ ଧରି ନିରନ୍ତର ନଜରଦାରି, ସଚେତନତା ଏବଂ ଅକ୍ଳାନ୍ତ ପରିଶ୍ରମ ପରେ ୩ଟି ଦନ୍ତା ବଣୁଆ ହାତୀଙ୍କୁ ସୁରକ୍ଷିତ ଭାବେ ମହାନଦୀ ଅତିକ୍ରମ କରାଇ ବରଗଡ଼ ବନଖଣ୍ଡ ଅଧୀନ ଅମ୍ବାଭୋନା ସେକ୍ସନର ବୁଗୁଗି ବିଟ୍‌କୁ ପଠାଇବାରେ ବେଲପାହାଡ଼ ବନ ବିଭାଗ ସଫଳ ହୋଇଛି। ଏହା ଫଳରେ ଭିକମପାଲି ଓ ଆଖପାଖ ଅଂଚଳର ଲୋକଙ୍କ ମଧ୍ୟରେ ଥିବା ଆତଙ୍କ ଓ ଆଶଙ୍କା ଦୂର ହୋଇଛି। ସୂଚନା ଅନୁସାରେ, ଗତ ଜୁଲାଇ ୩୧ ତାରିଖ ରାତିରେ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବନାଚଂଳରୁ ଆସିଥିବା ଏହି ୩ଟି ଦନ୍ତା ହାତୀ କଦମଡିହି ଓ ଭିକମପାଲି ଫରେଷ୍ଟ ସେକ୍ସନରେ ପ୍ରବେଶ କରିଥିଲେ। ପରେ ସେମାନେ ସୁଖାଡିହି, ବାସେନପାଲି(କ), ବାଞ୍ଜିପାଲି, ପଲସଦା ଡାକ୍ତରଖାନା ନିକଟ ଦେଇ ପଂଚଗାଁଠାରେ ୪୯ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ଅତାବିରା ଅଂଚଳର ସୁନାଖାଏନ ଓ କଦମଘାଟ ଜଙ୍ଗଲରେ ପହଂଚିଥିଲେ। ସେଠାରୁ କେଲୋ ନଦୀ ପାର୍ ହୋଇ ହାତୀମାନେ ପୁଝାରୀପାଲି-ଛୁଇପାଲି ଜଙ୍ଗଲକୁ ଯାଇଥିଲେ।ସୋମବାର ରାତିରେ ହାତୀମାନେ କନକତୋରା ସେକ୍ସନର ଚାଂଟିପାଲି ବିଟ୍ ଅଧୀନ ସରଧା ଡଙ୍ଗାଘାଟରେ ପହଂଚି ମହାନଦୀ ଅତିକ୍ରମ କରିଥିଲେ। ପରେ ପଥରସେନି ମନ୍ଦିର ଦେଇ ସୁରକ୍ଷିତ ଭାବେ ବରଗଡ଼ ବନଖଣ୍ଡର ଭଟଲି ରେଞ୍ଜ ଅଧୀନ ଅମ୍ବାଭୋନା ସେକ୍ସନର ବୁଗୁଗି ବିଟ୍‌ରେ ପ୍ରବେଶ କରିଥିଲେ।ଏହି ଅଭିଯାନ ସମୟରେ ବନ ବିଭାଗର କର୍ମଚାରୀମାନେ ଦିନରାତି ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ବେଲପାହାଡ଼ ବନାଚଂଳ ଅଧିକାରୀ ପ୍ରଦୀପ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି 'ମିଶନ ଗଜରାଜ' ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଅଭିଯାନରେ ଭିକମପାଲି ବନପାଳ ସରୋଜ କୁମାର ଖମାରୀ, କଦମଡିହି ବନପାଳ ସଙ୍ଗୀତା ସାମନ୍ତରାୟ, ବନରକ୍ଷୀ ଯୁଧିଷ୍ଠିର ବାରୁ, ଅନୁପ କୁଜୁର, ଲିପିରାଣୀ କରଙ୍କ ସମେତ ସବୁଜ ବାହିନୀର ଖଗେଶ୍ୱର ପ୍ରଧାନ, ଅଜୟ ପିଙ୍ଗ, ଦୁର୍ବାଦଳ ପ୍ରଧାନ, ମିଳନ ଦାସ, ମୋତିଲାଲ ବଗାର, ଦିନେଶ ପ୍ରଧାନ ଓ ଜିଲ୍ଲା ସ୍କ୍ୱାର୍ଡ ଟିମ୍ ର ସଦସ୍ୟମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ବନ ବିଭାଗର ଏହି ସମନ୍ୱିତ ପ୍ରୟାସ ଯୋଗୁଁ କୌଣସି ଧନଜୀବନ କ୍ଷତି ଘଟିନଥିବା ବେଳେ ହାତୀମାନଙ୍କୁ ସୁରକ୍ଷିତ ଭାବେ ବରଗଡ଼ ବନଖଣ୍ଡକୁ ଯିବାରେ ସହାୟତା ମିଳିଥିଲା। ବଣୁଆ ହାତୀ ଦେଖିଲେ ଭୟଭୀତ ନହୋଇ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ସହ ସତର୍କତା ଅବଲମ୍ବନ କରିବାକୁ ବନାଚଂଳ ଅଧିକାରୀ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି।

# ଫୁଲବାଣୀରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କନ୍ଧମାଳ,୫/୦୮ (ନି.ପ୍ର): ଚଳିତ ବର୍ଷ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାପାଳ ତଥା ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ଶ୍ରୀ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାସ୍ତରୀୟ ଜାତୀୟ ପତାକା ଉତୋଳନ ଉକ୍ତ ଦିନର ଅତିଥି କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ। ଏଥିସହ ପ୍ୟାରେଡ୍ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଭୋର୍‌ରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ରାମଧୁନ ସହ ପ୍ରଭାତଫେରୀ, ମହାପୁରୁଷଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସକାଳ ୭.୩୦ ମିନିଟ୍ ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ପତାକା ଉତୋଳନ କରାଯିବ। ପୁର୍ବ ଦିନରୁ ସମସ୍ତ କାର୍ଯ୍ୟାଳୟ, ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆଲୋକୀକରଣ କରାଯିବା ପାଇଁ ଅନୁରୋଧ କରାଯିବ। ପ୍ୟାରେଡ୍ ଅଭିବାଦନ ଗ୍ରହଣ ପରେ ମୁଖ୍ୟଅତିଥି କାରାଗାରର ଅନ୍ତେବାସୀମାନଙ୍କୁ ଭେଟିବେ ପରେ ଗୋପବନ୍ଧୁ ବାଳାଶ୍ରମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ଓ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ଓ ଛତା ବଂଟନ ଫୁଲବାଣୀ ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମାଦିକୁନ୍ଦା ପୋଲିସ ପଡ଼ିଆ ପରିବର୍ତେ କନ୍ଧମାଳ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ। ସଂନ୍ଧ୍ୟାରେ ସାଂସ୍କୃତିକ ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଅବସରରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ରମେନ୍ଦ୍ର ପ୍ରସାଦଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ଶ୍ରୀ ଭିକାରୀ ଚରଣ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ବିଭିନ୍ନ ସଂଗଠନର ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ

ବଲାଙ୍ଗୀର,୫/୦୮ (ନି.ପ୍ର): ସ୍ଥାନୀୟ ସରକରୀ ମହିଳା ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ ତଥା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଥମକରି ପାଦ ଥାପିଥିବା ଛାତ୍ରୀଙ୍କ ପାଇଁ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି, ପାନୀୟଜଳ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷଣ କୌଶଳ ଇତ୍ୟାଦି ବିଷୟରେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗୀୟ ମୁଖ୍ୟ ଡ. ସଦାଶିବ ମଲ୍ଲିକ ଉତ୍ସବରେ ଯୋଗଦେଇ ମହାବିଦ୍ୟାଳୟର ଗୌରବାବହ ଇତିହାସ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ବିଭୂତି ଭୂଷଣ ସାହୁ ଓ ଅଧ୍ୟାପକ ଡ. କୁମାର ସମ୍ଭବ ଚୋପଦାର ନବାଗତା ଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ନିଯୁକ୍ତି ପାଇଥିବା ଅଧ୍ୟାପକ/ଅଧ୍ୟାପିକା ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ହଷ୍ଟେଲ ପରିଚାଳନା ବିଷୟରେ ପ୍ରତୀକ୍ଷା ପ୍ରତିଶ୍ରୁତି ଏବଂ ସିଖା ମେହେର, ଛାତ୍ରବୃତି ବିଷୟରେ ଝାନ୍ସିରାଣି ମହାନନ୍ଦ, ପରୀକ୍ଷା ପରିଚାଳନା ବିଷୟରେ ନିରଦା ରଣା, ୟୁଡ଼ିଆଇଏସ୍‌ଇ ଅପାର ଆଇଡି ବିଷୟରେ ଶେଖର ରାଏ, ଆତ୍ମରକ୍ଷା କୌଶଳ, ଆଭ୍ୟନ୍ତରୀଣ ଶୃଙ୍ଖଳା ସମ୍ପର୍କରେ ଡ. ଅର୍ପିତା ବେହେରା, ପାଠ୍ୟ ଖସଡ଼ା ସମ୍ପର୍କରେ ଆଲୋକ ପଧାନ, ନିଟ, ଜେଇଇ, ଶିକ୍ଷାଜ୍ୟୋତି ପୋର୍ଟାଲ ସମ୍ପର୍କରେ ସିଦ୍ଧିପ୍ରଦା ନନ୍ଦ ଏବଂ ଦେବହୁତି ପୁଟା ସବିଶେଷ ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ସଙ୍ଗୀତ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉକ୍ତ ସ୍ୱାଗତ ସମାରୋହକୁ ରାଜେଶ କୁମାର ମହାପାତ୍ର ସଂଚାଳନ କରିଥିବାବେଳେ ଜତୀନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା ପାଇଁ ଅଙ୍କିତାରାଣୀ କର୍ଣ୍ଣ, ନୀତା ମିଶ୍ର, ଶ୍ୱେତା ଲିନା ତ୍ରିପାଠୀ, ରଶ୍ମୀ ଶତପଥୀ, ଦୀପା ପୂର୍ବଲୋକି ଭୋଇ, ଅମିୟ କୁମାର ନନ୍ଦ, ମନୋଜ ବରଗର୍ତୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ଚୁଡ଼ାପାଲି ଶିଶୁ ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ

ବଲାଙ୍ଗୀର,୫/୦୮ (ନି.ପ୍ର): ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଚୁଡ଼ାପାଲି ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା ସମିତିର ଉପସଭାପତି ସଞ୍ଜୀବ କୁମାର ମେହେର ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶମ୍ଭୁ ପ୍ରସାଦ ମହାକୁର ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଧାର ସ୍ତରରୁ ଆରମ୍ଭ କରି ମାଧ୍ୟମିକ ସ୍ତର ଶିଶୁମାନେ ଗଣିତ ଓ ବିଜ୍ଞାନ ବିଷୟର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ଓ ଗଣିତ ପତ୍ରବାଚନ, ପ୍ରଶ୍ନ ମଂଚ, ପ୍ରୟୋଗରେ ଅଂଶଗ୍ରହଣ କରିଥିଲେ। ସମାରୋହ ଉତ୍ସବରେ ପରିଚାଳନା ସମିତିର ସହ ସମ୍ପାଦକ ସନ୍ତୋଷ କୁମାର ସା ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଧାରାବାହିକ:

ଭାଗ-୫୩

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



**ଡ. ଶ୍ରୀହରି ପଣ୍ଡା**



ଗୁଣ ହେତୁ କର୍ମର ସୃଷ୍ଟି ଏବଂ କର୍ମ ହେତୁ ଜୀବ ଫଳ ଭୋଗ କରୁଅଛି । ସୂତରାଂ ଜୀବ କର୍ମମୟ ଓ ବିନା କର୍ମରେ ସେ ଦଣ୍ଡେ ତିଷ୍ଠି ରହିପାରେ ନାହିଁ । ସେହି କର୍ମକୁ ନିୟନ୍ତ୍ରଣ ନକଲେ ଜୀବ ମାୟା ବନ୍ଧନରେ ପଡି ଜନ୍ମ ମରଣ ଚକ୍ରରେ ଘୁରିବୁଲେ ଓ ନାନା ଦୁଃଖ କଷ୍ଟ ଭୋଗକରେ । ସେହି ମାୟା ତାହାର କେବେ ହେଲେ ତୁଟେ ନାହିଁ । ଭଗବାନଙ୍କ ଶ୍ରୀମୁଖରୁ ଏହି ଅମୃତମୟ ବାଣୀ ଶ୍ରବଣ କରି ଉଦ୍ଧବ ନିଜକୁ ଧନ୍ୟ ମନେ କଲେ ଏବଂ ପ୍ରଭୁଚରଣରେ ପ୍ରଣାମ କରି ପଚାରିଲେ, ହେ ଦାମୋଦର ! ତୁମେ ତ କହିଲ ତ୍ରିଗୁଣରେ ଏ ଶରୀର ସୃଷ୍ଟି ହୁଏ, ଶରୀର ମଧ୍ୟରେ ଆତ୍ମା ଅଛି, ସେ ତୁମରି ଅଂଶ, ତେଣୁ ନିର୍ଲିପ୍ତ, ନିତ୍ୟ ଓ ନିର୍ବିକାର ତାହାର ଗୁଣ ବନ୍ଧନ ନାହିଁ । ତେବେ ଜୀବକୁ କର୍ମ ପ୍ରେରଣା ଦିଏ କିଏ ? ସେ ସାତ୍ତ୍ୱିକ କର୍ମ ନକରି କାହିଁକି ବା ରାଜସିକ ଓ ତାମସିକ କର୍ମରେ ଲିପ୍ତ ହୋଇ ବନ୍ଧନରେ ପଡେ ? ସେ ସଂସାରରେ କିପରି କାହା ଦ୍ୱାରା ଆତଯାତ ହୁଏ ? ଅନ୍ନ ଜଳ ଭକ୍ଷଣ କରି ଶରୀରକୁ କେଉଁ ପ୍ରେରଣା ବଳରେ ଓ କେଉଁ କାରଣ ହେତୁ ପୋଷଣ ଓ ରକ୍ଷଣ କରେ । ସଂସାରରେ ବନ୍ଧ ମୋକ୍ଷ ଏ ଦୁଇ ଅବସ୍ଥାରେ ସୃଷ୍ଟି କଳ୍ପନା ବା ଅବତାରଣା କିପରି ସମ୍ଭବ ହୁଏ ତାହା ମୋତେ ବୁଝାଇ କୁହ । ହେ ପ୍ରଭୋ ! ଦୟାକରି ମୋର ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନାଲୋକ ପ୍ରଦାନ କର ।

### ୧୧ଶ ଅଧ୍ୟାୟ, ବଦ୍ଧ, ମୁକ୍ତ ଓ ଭକ୍ତମାନଙ୍କର ଲକ୍ଷଣ

ଶ୍ରୀ ଭଗବାନ କହିଲେ, ହେ ଉଦ୍ଧବ, ଜୀବର ବନ୍ଧ ଓ ମୋକ୍ଷ ଏ ଦୁଇର ବିଚାର ଯେତେ ଶାସ୍ତ୍ର ଘେନି କଲେ ମଧ ତାହାର ଅନ୍ତ ମିଳିବ ନାହିଁ । କାରଣ ତାହା ହିଁ ବିଷ୍ଣୁମାୟା । ବିଦ୍ୟା ଓ ଅବିଦ୍ୟା ଉଭୟ ମୋର ଶରୀର । ବ୍ୟାଘ୍ର ଗୋଟାଏ ହିଂସ୍ର ଜନ୍ତୁ ଯାହା ନିକଟକୁ ଗଲେ ସେ ନିଶ୍ଚୟ ଆକ୍ରମଣ କରିବ କହି ବାରଣ କରାଯାଇପାରେ ମାତ୍ର ବ୍ୟାଘ୍ରର ସୃଷ୍ଟି କିପରି ଓ କାହିଁକି ହେଲା ତାହାର ଉତ୍ପତ୍ତି ସ୍ଥଳ କିଏ, ସେ କାହିଁକି ହିଂସ୍ର ହୋଇ; ଏ ସବୁର ଉତ୍ତର ମିଳିବା କଷ୍ଟସାଧ୍ୟ । ତାହାର ଜିଜ୍ଞାସା ମଧ ଅନାବଶ୍ୟକ । ସେହିପରି ବିଷ୍ଣୁମାୟାର ଉତ୍ପତ୍ତି ସ୍ଥଳ ବନ୍ଧ ମୋକ୍ଷ ରହସ୍ୟ ବିଷୟ ନେଇ ତୁମେ ଚିନ୍ତିତ ହୁଅ ନାହିଁ । ସେଥିଲାଗି ହିଁ ମୁଁ ତୁମ ନିକଟରେ ବିଷ୍ଣୁମାୟା ରୂପୀ ବନ୍ଧମୋକ୍ଷର ସ୍ୱରୂପକୁ ବାରମ୍ବାର ବିଭିନ୍ନ ପ୍ରକାରେ ବିସ୍ତୃତ ଭାବେ ବର୍ଣ୍ଣନା କରୁଛି ଓ ତୁମ ପାଇଁ କର୍ତ୍ତବ୍ୟ ନିର୍ଦ୍ଧାରଣର ଉପଦେଶ ପ୍ରଦାନ କରୁଛି । କେଉଁ କାରଣ ହେତୁ ବୃକ୍ଷସ୍ଥିତ ଜୀବ ଓ ପରମ ରୂପୀ ଦୁଇ ପକ୍ଷୀ ମଧ୍ୟରୁ ଗୋଟିଏ ପକ୍ଷୀ ସମସ୍ତ ଫଳ ଭୁଞ୍ଜେ ଓ ଅପରଟି ନର୍ଲିପ୍ତ ରହେ ତାହା ନିର୍ଦ୍ଧାରଣ କରିବା ଅସମ୍ଭବ ଓ ସେ ବିଷୟରେ ଜିଜ୍ଞାସା ଅନାବଶ୍ୟକ । କେବଳ ତୁମେ ଏତିକି ଉତ୍ତମ ଭାବେ ଜାଣିରଖ ଅବିଦ୍ୟା ବା ଅଜ୍ଞତା ଫଳରେ ଜୀବ ବନ୍ଧନ ଦଶା ପ୍ରାପ୍ତ ହୁଏ ଏବଂ ବିଦ୍ୟା ବା ଜ୍ଞାନର ଉଦୟ ହେଲେ ସେ ମୁକ୍ତ ହୁଏ । ଜ୍ଞାନୋଦୟ ନିମିତ୍ତ ଶରୀର ଧାରୀ ପକ୍ଷରେ ଯେଉଁ ସବୁ ଆଚରଣ କରିବାକୁ ହେବ ଯେପରି ସତର୍କତା ଅବଲମ୍ବନ କରିବାକୁ ହେବ ତାହା ହିଁ ତୁମର ଉତ୍ତମ ଭାବେ ଜାଣିବାର କଥା । ମୁଁ ତାହା ତୁମକୁ ବାରମ୍ବାର କହୁଛି । ଦେହଧାରୀ ଦେହକୁ ସ୍ୱପ୍ନପରି ଅଳୀକ ମନେକରି ତାହାପ୍ରତି ଉଦାସୀନ ଭାବ ପୋଷଣ କରିବା ଉଚିତ । ମନରେ ଲୋଭ ବା ସଂକଳ୍ପର ଉଦୟ ହେଲେ ସ୍ୱତଃ ଅଭିମାନ, ହିଂସା, ନିନ୍ଦା, ସ୍ତୁତି ଆଦିର ଉଦ୍ରେକ ହୁଏ । ତେଣୁ ଦୃଢ ଭଗବତ ବିଶ୍ୱାସର ଆଧାର ଉପରେ ନିବୃତ୍ତ ଭାବ ପ୍ରତିଷ୍ଠିତ କରିପାରିଲେ ସେହି ବ୍ୟକ୍ତ ପ୍ରକୃତରେ ପଣ୍ଡିତ ପଦବାଚ୍ୟ ହୁଏ । ନଚେତ ଦୁଗ୍ଧ ବିହୀନ ଗାଭି, ଦୁଷ୍ଟା ଅପ୍ରିୟବାଦିନୀ ଭାର୍ଯ୍ୟା ଉଦ୍ଦେଶ୍ୟ ପୂରଣରେ ଅସମର୍ଥ ହେବାପରି ପଣ୍ଡିତ ମନ୍ୟ ବ୍ୟକ୍ତିର ସକଳ ଶାସ୍ତ୍ର ଜ୍ଞାନ ବୃଥା ହୁଏ ଓ ଜ୍ଞାନ ଆହରଣ ଜନିତ ଶ୍ରମ ହିଁ ସାର ହୁଏ । ହେ ଉଦ୍ଧବ, ଦୁଗ୍ଧହୀନା ଗାଭୀ, ଅସତୀ ସ୍ତ୍ରୀ, ପରାଧୀନ ଦେହ, ଅସତ ସନ୍ତାନ, ସତପାତ୍ରେ ଅନର୍ପିତ ଧନ ଏବଂ ମୋ ବିଷୟ ଆଲୋଚନା ବିହୀନ ବାକ୍ୟ ଏ ସମସ୍ତ ଅକାରଣ । ଏ ସମସ୍ତ ବରଂ ଦୁଃଖ ଭୋଗର କାରଣ ହୁଏ । ସୁତରାଂ ଯଥାର୍ଥ ଜ୍ଞାନୀ ବ୍ୟକ୍ତି ଏହା ଉତ୍ତମ ଭାବେ ବିଚାର କରି ସର୍ବବ୍ୟାପୀ ଓ ସର୍ବସ୍ୱରୂପ ମୋତେ ହିଁ ତାହାର ଅନାବିଳ ଶୁଦ୍ଧ ମନକୁ ସମ୍ପୂର୍ଣ୍ଣ ଅର୍ପଣ କରି ଲୌକିକ ଆଚରଣରୁ ବିରତ ହେବେ । ଏହା ବୋଲି ଯେ ଗୁଣାତୀତ ବିଜ୍ଞ ବ୍ୟକ୍ତି ଆହାର, ନିଦ୍ରା, ଉପବେଶନ, ପଃଠନ, ଲିଖନ ଆଦି ତ୍ୟାଗ କରିବେ ଏପରି ନୁହେଁ । କେବଳ ତାଙ୍କର ଅହଂକାର, ରାଗ ଦ୍ୱେଷ ଆଦି ରହିବ ନାହିଁ । ଉପକାର ଓ ଅପକାର ନିର୍ବିଶେଷରେ ତୁଲ୍ୟ ଚିତ୍ତ ବା ସମଦର୍ଶୀ ରହିଥିବେ । ଦର୍ଶନ. ଶ୍ରବଣ, ସ୍ପର୍ଶାଦି କ୍ରିୟାରେ ଅଭିମାନ ଶୂନ୍ୟ ଓ ଅନାଶକ୍ତ ରହିବେ । ସୁବର୍ଣ୍ଣ, ଲୋଷ୍ଟ୍ର ବା ଇଷ୍ଟ ଅନିଷ୍ଟ ବିଚାରରେ ସମଭାବାପନ୍ନ ହେବେ । ଆତ୍ମାନନ୍ଦରେ ବିଭୋର ହୋଇ ଜଡ ବ୍ୟକ୍ତିପରି ନିଶ୍ଚିନ୍ତ ଭାବ ପୋଷଣ କରିବେ । ଏ ସବୁ ମୁକ୍ତି ପୁରୁଷର ଲକ୍ଷଣ । ଏହାର ଅନ୍ୟଥା ଦର୍ଶନ କଲେ ତାହାକୁ ବଦ୍ଧ ଜୀବ ବୋଲି ହିଁ କୁହାଯିବ । ହେ ଉଦ୍ଧବ ! ସମସ୍ତେ ଜାଣନ୍ତି କାମ କ୍ରୋଧ ଆଦି ଷଡରିପୁ ମନୁଷ୍ୟକୁ କ୍ଷୟ ଓ ଧ୍ୱଂସ ପଥରେ ଆଗେଇ ନିଏ । ମାତ୍ର କେବେ ଚିନ୍ତା କରିଛ କି ଏହି ଷଡରିପୁ ମଧ୍ୟରେ କ୍ରୋଧ ଗୋଟାଏ ସମ୍ପୂର୍ଣ୍ଣ ଅନାବଶ୍ୟକ ରିପୁ । ଅନ୍ୟ ରିପୁମାନେ ମନୁଷ୍ୟକୁ କ୍ଷଣିକ ଶାରୀରିକ ବା ମାନସିକ ସୁଖ ବା ପରିତୃପ୍ତି ପ୍ରଦାନ କରିଥିବା ବେଳେ କ୍ରୋଧର ମନୁଷ୍ୟ ଜୀବନରେ କିଛି ମାତ୍ର ଆବଶ୍ୟକତା ନାହିଁ । ଅଥଚ ଅନ୍ୟପକ୍ଷରେ ଏହା ଘୋର କ୍ଷତିକାରକ ଓ ମାରାତ୍ମକ । ତେଣୁ ତାହା ସମ୍ପୂର୍ଣ୍ଣ ବର୍ଜନୀୟ । ଏହିପରି ଭାବରେ ଭଗବାନ ଜ୍ଞାନଯୋଗ, ତାହାର ସାଧନା ସିଦ୍ଧି ବର୍ଣ୍ଣନା କରିସାରି ଯେଉଁମାନେ ଏଥିରେ ଅଧିକାରୀ ହୋଇନପାରନ୍ତି ସେମାନଙ୍କ ପାଇଁ ଭକ୍ତି ଯୋଗ ଓ କର୍ମ ଯୋଗ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ ଉକ୍ତ ପ୍ରକାର ଜ୍ଞାନ ଯୋଗ ସାଧନାରେ ଯେଉଁମାନେ ମାୟାଶକ୍ତ ହେତୁ ଅସମର୍ଥ ହେବେ ସେମାନେ ନିଜର ସମସ୍ତ କର୍ମଫଳ ମୋତେ ଅର୍ପଣ କରି ନିଷ୍କାମ ଭାବେ ସ୍ୱୀୟ ବର୍ଣ୍ଣ ଓ ଆଶ୍ରମ ବିହିତ ସକଳ କର୍ମ ସମ୍ପାଦନ କରିବେ । ନିଷ୍କାମ କର୍ମାନୁଷ୍ଠାନ ଦ୍ୱାରା ଚିତ୍ତ ଶୁଦ୍ଧ ହେଲେ ସାଧକର ଅନ୍ତରରେ ମୋ ପ୍ରତି ଶ୍ରଦ୍ଧା ଓ ଭକ୍ତିର ଉଦ୍ରେକ ହୁଏ । ହେ ଉଦ୍ଧବ, ସର୍ବମଙ୍ଗଳ ଦାୟକ ପରମ ପବିତ୍ର ମୋର ଲୀଳାର ବିଷୟ ଶ୍ରବଣ, କୀର୍ତ୍ତନ, ସ୍ମରଣ, ଅଭିନୟ ଆଦି କରି କେବଳ ପ୍ରୀତି ସାଧନ ନିମିତ୍ତ ଗୃହସ୍ଥାଶ୍ରମ ବିହିତ ଧର୍ମ ଅର୍ଥ ଓ କାମ ସେବା କରି ମୋର ଶରଣାଗତ ବ୍ୟକ୍ତି ସକଳ କାରଣର କାରଣ ମୋହଠାରେ ଅଚଳା ଭକ୍ତି ଲାଭ କରିପାରେ । ମୋତେ ଲାଭ କରିବାର ଅନ୍ୟତମ ଉପାୟ ସତସଙ୍ଗ । ଏହା ଅନ୍ତରରେ ଭକ୍ତି ଜାତକରେ ଫଳରେ ମୁଁ ଅନାୟସରେ ଉପଲବ୍ଧ ହୁଏ । ଉଦ୍ଧବ, ସାଧୁସଙ୍ଗ ଓ ସତସଙ୍ଗ ଭଗବତ ପ୍ରାପ୍ତିର ସହଜ, ସରଳ ଓ ନିଶ୍ଚିତାର୍ଥ ପନ୍ଥା । ଉଦ୍ଧବ ପଚାରିଲେ, ପ୍ରଭୁ ! କିପରି ଗୁଣସମ୍ପନ୍ନ ବ୍ୟକ୍ତି ପ୍ରକୃତ ସାଧୁ ମୋତେ ବୁଝାଇ ଦିଅନ୍ତୁ । ଆପଣ ସ୍ୱୟଂ ପରମବ୍ରହ୍ମ ଆକାଶପରି ନିର୍ଲିପ୍ତ ଓ ପ୍ରକୃତିର ନିୟାମକ ହୋଇ ମଧ ସ୍ୱୀୟ ଭକ୍ତଗଣର ସନ୍ତୋଷ ବିଧାନ ପାଇଁ ଦେହ ଧରିଛନ୍ତି । ସେହି ଭକ୍ତଗଣର ଲକ୍ଷଣ ଦୟାକରି ପ୍ରକାଶ କରନ୍ତୁ । ମୁଁ ନିତ୍ୟାନ୍ତ ଅଧମ କାରଣରୁ ଆପଣଙ୍କ ଭକ୍ତ ହୋଇନପାରେ ମାତ୍ର ମୋର ସୌଭାଗ୍ୟ ଯେ ମୁଁ ଆପଣଙ୍କ ନିକଟରେ ଅଛି ଯାହାକି ମୋର କୋଟି ଜନ୍ମର ସୁକୃତର ଫଳ । ଯଦି ଆପଣଙ୍କ ସେବକ ଭାବେ କିଛି ଅପରାଧ କରିଥିବି ତାହା ମୋର ମାର୍ଜନା କରିବେ । ତହୁଁ ଭଗବାନ କହିଲେ ହେ ଉଦ୍ଧବ, ପ୍ରକୃତ ସାଧୁର ଲକ୍ଷଣ ଶୁଣ । ଯିଏ ପର ଦୁଃଖର ଦୁଃଖୀ, କାହାର ଅନିଷ୍ଟ ଚିନ୍ତା ନକରେ, ଅନ୍ୟକୃତ ଅନିଷ୍ଟକୁ ଶାନ୍ତଭାବେ ସହ୍ୟକରେ ଓ ଅନିଷ୍ଟକାରୀକୁ କ୍ଷମାକରେ, ଯିଏ କୌଣସି ସ୍ଥିତିରେ ବି କ୍ରୋଧ କରେନାହିଁ, ଯେ ସତ୍ୟନିଷ୍ଠ, ସମଦର୍ଶୀ, ଶୁଦ୍ଧ, ବିବେକୀ, ଇର୍ଷା-ଦ୍ୱେଷ-ଦ୍ରୋହ ବର୍ଜିତ, ଧୀର-ଶାନ୍ତ, ତ୍ୟାଗ ସ୍ୱଭାବ ସମ୍ପନ୍ନ, ଦୟାଳୁ ଓ ସର୍ବ ଜନ ହିତକାରୀ, ଯିଏ ସୁଖରେ ଉତ୍ଫୁଲ୍ଲ ବା ଦୁଃଖରେ ବିମର୍ଷ ହୁଏନାହିଁ, ଯିଏ ଅଚଞ୍ଚଳ ଚିତ୍ତ ଓ ଅଳ୍ପାହାରୀ, ଯାହାର ଚିତ୍ତ ଓ ବଦନ ସଦା ପ୍ରଫୁଲ୍ଲ, କୋମଳ ସ୍ୱଭାବ ଓ ସଦାଚାରୀ, ଯିଏ କେବେ କାହାକୁ କଟୁବାକ୍ୟ କହିନାହାନ୍ତି, ଯିଏ ନିଜ ପାଇଁ ସମ୍ମାନ ଚାହେଁନା ଅଥଚ ପରକୁ ସମ୍ମାନ ଦିଏ, ଯିଏ ଶାସ୍ତ୍ରଜ୍ଞ ପଣ୍ଡିତ ଓ ଶାସ୍ତ୍ର ସମ୍ମତ ସ୍ୱଧର୍ମ ପାଳନ କରି ମୋ ନିକଟରେ ମନପ୍ରାଣ ସମର୍ପଣ କରେ, ଯିଏ ଅପ୍ରମାଦୀ ଓ ସ୍ଥିର ବୁଦ୍ଧି ସମ୍ପନ୍ନ, ମନନଶୀଳ ଓ ଷଡରିପୁଜୟୀ, ଯିଏ ଶାସ୍ତ୍ରର ମର୍ମକୁ ବୁଝାଇବାକୁ ସମର୍ଥ, ଅହଂକାର ବର୍ଜିତ ଓ ମିଷ୍ଟଭାଷୀ, ଯିଏ ନିଜର ଗୁଣକର୍ମ ସମ୍ପର୍କରେ ପ୍ରଦର୍ଶନ ମନୋଭାବ ବର୍ଜିତ ଓ ଆତ୍ମ ପ୍ରଶଂସା ରହିତ ହୋଇ ସର୍ବଦା ଅତ୍ୟନ୍ତ ବିନୟ ଓ ନମ୍ରତା ପ୍ରକାଶ କରେ ଏହି ସବୁ ଉତ୍ତମ ସାଧୁର ଲକ୍ଷଣ । ଯିଏ ଏହି ଗୁଣ ସମ୍ପନ୍ନ ସେ ମୋର ମହିମା ଜାଣୁ ବା ନଜାଣୁ, ସର୍ବଧର୍ମ ତ୍ୟାଗକରି ମୋଠାରେ ହିଁ ଚିତ୍ତ ଅର୍ପଣ କରିଥାଏ ମୋର ଅର୍ଚ୍ଚନ, ବନ୍ଦନ, ଭଜନ, କୀର୍ତ୍ତନ କରୁଥାଏ ସେ ହିଁ ଯଥାର୍ଥରେ ଭକ୍ତ । ସେ ସର୍ବଦା ଅନ୍ତରରେ ମୋର ରୂପକୁ ଧ୍ୟାନକରେ । ମୋ ବ୍ୟତୀତ ଅନ୍ୟ ତୀର୍ଥ ଦର୍ଶନରେ ଅଭିଳାଷ ପୋଷଣ କରେ ନାହିଁ । ମୋର ଅମୃତମୟୀ କଥା ଶ୍ରବଣ କରେ । ମୋର ଲୀଳାକୁ ବାଦ୍ୟ, ନୃତ୍ୟ ଓ ଗୀତାଦି ମାଧ୍ୟମରେ କୀର୍ତ୍ତନ କରେ । ବେଳେବେଳେ ହସେ ତ ବେଳେବେଳେ କାନ୍ଦେ । ଅଥଚ ତାହାର ସେହି ଅଶ୍ରୁ ଆନନ୍ଦାଶ୍ରୁ ନୁହେଁ କି ଦୁଃଖାଶ୍ରୁ ମଧ ନୁହେଁ । ତାହା ନିଜ ହୃଦୟରେ ଏକ ଅପୂର୍ବ ଅନିର୍ବଚନୀୟ ମଧୁର ଭାବର ଅଭିବ୍ୟକ୍ତି । ସେହି ଦୁର୍ଦ୍ଦୁର ଭାବକୁ ହୃଦୟରେ ଉପଲବ୍ଧି କରି ସେ ହସ ଓ କାନ୍ଦକୁ ଏକାକାର କରିଦିଏ ଏବଂ ଦେହକୁ ପାସୋରି ପକାଏ । ହେ ଉଦ୍ଧବ ସେହି ଜାଣ ମୋର ଭକ୍ତ । ସେ ସାମର୍ଥ୍ୟ ମୁତାବକଏକାକୀ ବା ଅନ୍ୟମାନଙ୍କ ସହ ମିଳି ଆନନ୍ଦ ମନରେ ମୋର ପୂଜାର୍ଚ୍ଚନାରେ ଲିପ୍ତ ରହେ । ମୋର ସୁନ୍ଦର ମନୋହର ବିଗ୍ରହ ସ୍ଥାପନ କରି ବିଧି ପୂର୍ବକ ଧୂପ, ଦୀପ, ନୈବେଦ୍ୟାଦି ପ୍ରଦାନ କରି ମୋର ବିଭିନ୍ନ ବ୍ରତ ଉତ୍ସବ ପାଳନ କରେ । ମୋର ମନ୍ଦିର ଅଧିଷ୍ଠାନ କ୍ଷେତ୍ରାଦି ସ୍ୱହସ୍ତରେ ପରିଷ୍କାର ପରିଛନ୍ନ କରେ । ଅଥଚ ଭକ୍ତ ବୋଲି ହୃଦୟରେ ଅଭିମାନ କରେନାହିଁ କି ନିଜର ପୁଣ୍ୟକର୍ମାଦିକୁ ଅନ୍ୟ ସମୀପରେ ପ୍ରକାଶ କରେନାହିଁ । ନିଜର ନିଜ ଆତ୍ମାର ପ୍ରିୟ ବସ୍ତୁ ମୋତେ ଅର୍ପଣ କରି ପୁନର୍ଗ୍ରହଣ କରେ ନାହିଁ । ଏପରିକି ମୋ ଉଦ୍ଦେଶ୍ୟରେ ନିବେଦିତ ଦୀପାଲୋକ ପର୍ଯ୍ୟନ୍ତ ଅନ୍ୟକାର୍ଯ୍ୟରେ ନିୟୋଜିତ କରିବା ଅନୁଚିତ । ଲୋଭର ବଶବର୍ତ୍ତୀ ହୋଇ ମୋର ପ୍ରସାଦ ମଧ ସେବନ କରିବ ନାହିଁ । ମୋତେ ନିବେଦିତ ତୁଳସୀ, ଚନ୍ଦନ ପ୍ରସାଦ ଆଦି ଭକ୍ତ ଶ୍ରଦ୍ଧାର ସହ ଧାରଣ କରି ନିଜକୁ କୃତାର୍ଥ ମନେକରିବ । ଯେଉଁ ଭକ୍ତ ହୃଦୟରେ ଶ୍ରୀହରିକୁ ଧ୍ୟାନ କରେ ମୁଖରେ ତାଙ୍କ ପବିତ୍ର ନାମ କୀର୍ତ୍ତନ କରେ ଉଦରରେ ତାଙ୍କ ପ୍ରସାଦ ଓ ମସ୍ତକରେ ତୁଳସୀ ପୁଷ୍ପ ଚନ୍ଦନାଦି ନିର୍ମାଲ୍ୟ ଧାରଣ କରେ ସେ ସ୍ୱୟଂ ଅଚ୍ୟୁତ ସ୍ୱରୂପ ପ୍ରାପ୍ତ ହୁଏ । ଏହାପରେ ଶ୍ରୀ ଭଗବାନ ତାଙ୍କର ବିଗ୍ରହ ବ୍ୟତୀତ ଅନ୍ୟ ୧୧ଟି ଆଧାରରେ ତାଙ୍କୁ ପୂଜା କରାଯାଇପାରେ ବୋଲି ପ୍ରକାଶ କରିଛନ୍ତି । ତାହା ହେଉଛି ସୂର୍ଯ୍ୟ, ଅଗ୍ନି, ବ୍ରାହ୍ମଣ, ଗୋରୁ, ବୈଷ୍ଣବ, ଆକାଶ, ବାୟୁ, ଜଳ, ପୃଥିବୀ, ସ୍ୱୀୟ ଆତ୍ମା ଏବଂ ସକଳ ପ୍ରାଣୀ । ଶ୍ରୀ ଭଗବାନ କହିଲେ ବେଦମନ୍ତ୍ର ଦ୍ୱାରା ସୂର୍ଯ୍ୟ, ଘୃତାହୂତି ଦ୍ୱାରା ଅଗ୍ନି, ଅତିଥି ସତ୍କାର ଦ୍ୱାରା ବ୍ରାହ୍ମଣ, ମୁନିଋଷି ଶୀତଳ ଜଳ ଓ ତୃଣ ଦାନ ଦ୍ୱାରା ଗୋରୁ,ଧ୍ୟାନନିଷ୍ଠ ଦ୍ୱାରା ହୃଦୟସ୍ଥିତ ଆକାଶ, ପ୍ରାଣଦୃଷ୍ଟି ଓ ଗନ୍ଧ ଆମୋଦନ ଦ୍ୱାରା ବାୟୁ, ଅନ୍ନ ଭୋଜନ, ଜଳପାନ ଓ ଜଳମୟ ଦ୍ରବ୍ୟଦ୍ୱାରା ଜଳ, ମନ୍ତ୍ରନ୍ୟାସ ଦ୍ୱାରା ଭୂମି, ବିଭିନ୍ନ ସାତ୍ତ୍ୱିକ ଉପାଦାନ ଦ୍ୱାରା ସ୍ୱୀୟ ଆତ୍ମା ଓ ମୁଁ ସର୍ବଭୂତାଶ୍ରୟୀ ହେତୁ ମୋତେ ସର୍ବପ୍ରାଣୀ ରୂପେ ପୂଜା କରିବ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ପ୍ରତ୍ୟେକ କର୍ମ ପୂର୍ବ ନିର୍ଦ୍ଧାରିତ




**ଶ୍ୱେତା ରାଉତ୍**

ଜୀବନ ପଥରେ ଚାଲୁଥିବା ପ୍ରତ୍ୟେକ ମଣିଷ କେବେ ନା କେବେ ନିଜକୁ ପ୍ରଶ୍ନ କରେ, ଯାହା ଘଟୁଛି, ସେ କଣ ଆମ ଇଚ୍ଛାରେ ଘଟୁଛି, ନା ସବୁକିଛି ପୂର୍ବରୁ ନିର୍ଦ୍ଧାରିତ ? ଅନେକ ସମୟରେ ଆମେ ଯୋଜନା ଗୋଟିଏ କରିଥାଉ, କିନ୍ତୁ ଘଟଣାର ମୋଡ଼ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଏ। ସେତେବେଳେ ଅନୁଭବ ହୁଏ, ଆମେ କେବଳ ଏକ ନିମିତ୍ତ, ପ୍ରକୃତ ନିୟନ୍ତା ହେଉଛନ୍ତି ପରମେଶ୍ୱର। ଈଶ୍ୱରଙ୍କ ସୃଷ୍ଟିରେ କୌଣସି କାର୍ଯ୍ୟ ଅକାରଣରେ ହୁଏ ନାହିଁ। ଗଛରୁ ଗୋଟିଏ ପତ୍ର ଝରିବା ଠାରୁ ଆରମ୍ଭ କରି ମଣିଷ ଜୀବନର ବଡ଼ ବଡ଼ ଘଟଣା ପର୍ଯ୍ୟନ୍ତ ସବୁ ଈଶ୍ୱରଙ୍କ ଇଚ୍ଛାରେ। କେବେ କେବେ ଆମେ ଯେଉଁ କାର୍ଯ୍ୟକୁ ବିଫଳତା ବୋଲି ଭାବୁ, ସମୟ ବିତିଗଲା ପରେ ବୁଝିପାରୁ ଯେ ସେହି ବିଫଳତା ଆମ ଜୀବନର ସବୁଠାରୁ ବଡ଼ ଆଶୀର୍ବାଦ ଥିଲା। ପୁଣି କେବେ ଯେଉଁ ସଫଳତା ପାଇଁ ଆମେ ଆନନ୍ଦିତ ହେଉ, ସେହି ସଫଳତା ଆମ ଅହଂକାରର କାରଣ ହୋଇଯାଏ। ତେଣୁ ଈଶ୍ୱର ଯାହା କରନ୍ତି, ତା ପଛରେ ନିଶ୍ଚୟ ମଙ୍ଗଳ ଲୁଚି ରହିଥାଏ। ଆମର ସୀମିତ ବୁଦ୍ଧି ସେହି ଯୋଜନାକୁ ସଙ୍ଗେ ସଙ୍ଗେ ବୁଝିପାରେ ନାହିଁ। ଜୀବନରେ ଅନେକ ସମୟରେ ଆମେ କିଛି ଲୋକଙ୍କ ସହ ହଠାତ୍ ସାକ୍ଷାତ କରୁ, କେତେକ ସମ୍ପର୍କ ଗଢ଼ିଉଠେ, କେତେକ ସମ୍ପର୍କ ଭାଙ୍ଗିଯାଏ। ଆମକୁ ଲାଗେ ଏସବୁ ଆକସ୍ମିକ। କିନ୍ତୁ ଯଦି ଗଭୀର ଭାବରେ ଚିନ୍ତା କରିବା, ତେବେ ବୁଝି ପାରିବା ଯେ ଏହାର ଅର୍ଥ ନୁହେଁ ମଣିଷ କର୍ମ କରିବା ଛାଡ଼ିଦେବ। ବରଂ ମଣିଷର କର୍ତ୍ତବ୍ୟ ହେଉଛି ସତ୍ କର୍ମ କରିବା, ନିଷ୍ଠାର ସହିତ ନିଜ ଦାୟିତ୍ୱ ପାଳନ କରିବା ଏବଂ ଫଳକୁ ଈଶ୍ୱରଙ୍କ ଚରଣରେ ସମର୍ପଣ କରିଦେବା। ଯେତେବେଳେ ଆମେ ଫଳର ଚିନ୍ତା ଛାଡ଼ି କର୍ମ କରୁ, ସେତେବେଳେ ମନରେ ଶାନ୍ତି ଆସେ। କାରଣ ଆମେ ଜାଣୁ, ଯାହା ହେବ ତାହା ଈଶ୍ୱରଙ୍କ ଇଚ୍ଛାରେ ହେବ ଏବଂ ସେହିଟା ଆମର ମଙ୍ଗଳ ପାଇଁ ହେବ। ପ୍ରତ୍ୟେକ ସାକ୍ଷାତ, ପ୍ରତ୍ୟେକ ବିଚ୍ଛେଦ, ପ୍ରତ୍ୟେକ ସୁଖ ଓ ପ୍ରତ୍ୟେକ ଦୁଃଖ ଆମକୁ କିଛି ନା କିଛି ଶିଖାଇବା ପାଇଁ ଈଶ୍ୱରଙ୍କ ଯୋଜନାର ଅଂଶ। ଭଗବାନଙ୍କ ଉପରେ ଆସ୍ଥା ରଖୁଥିବା ବ୍ୟକ୍ତି ବିପଦରେ ମଧ କେବେ ଭାଙ୍ଗିପଡ଼େ ନାହିଁ। ସେ ଜାଣେ, ଆଜିର ଅନ୍ଧକାର ପରେ ଆସନ୍ତାକାଲିର ସୂର୍ଯ୍ୟୋଦୟ ନିଶ୍ଚିତ। ଯେଉଁ ମଣିଷ ନିଜ ଜୀବନକୁ ପ୍ରଭୁଙ୍କ ହାତରେ ସମର୍ପଣ କରିଦିଏ, ତା ମନରେ ଭୟ ରହେ ନାହିଁ। କାରଣ ସେ ଜାଣେ, ଯିଏ ସୃଷ୍ଟି କରିଛନ୍ତି, ସେହି ସୁରକ୍ଷା ମଧ କରିବେ। ଏହି ବିଶ୍ୱାସ ମଣିଷକୁ ସବୁଠାରୁ କଠିନ ପରିସ୍ଥିତିରେ ମଧ ଦୃଢ଼ ରଖେ। ପ୍ରତ୍ୟେକ କର୍ମ ପୂର୍ବ ନିର୍ଦ୍ଧାରିତ ବୋଲି ଭାବି ଆମେ ଆମର କର୍ତ୍ତବ୍ୟ ଓ ଦାୟିତ୍ୱକୁ ଠକିଦେବା ଠିକ୍ ନୁହେଁ।ଈଶ୍ୱର ଆମକୁ କର୍ମ କରିବାର ସୁଯୋଗ ଦେଇଛନ୍ତି, ବିବେକ ଦେଇଛନ୍ତି, ସତ୍ୟ ଓ ଅସତ୍ୟ ମଧ୍ୟରେ ବାଛିବାର କ୍ଷମତା ଦେଇଛନ୍ତି। ଆମର କର୍ତ୍ତବ୍ୟ ହେଉଛି ଧର୍ମ, ସତ୍ୟ ଓ ମାନବିକତାର ପଥରେ ଚାଲିବା। ଫଳ କିପରି ମିଳିବ, କେବେ ମିଳିବ ଏବଂ କେଉଁ ରୂପରେ ମିଳିବ, ତାହା ପରମେଶ୍ୱରଙ୍କ ହାତରେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମୌସୁମୀ ବର୍ଷାରୁ ମସ୍ତିଷ୍କ ସଂକ୍ରମଣ



ମୌସୁମୀ ବାୟୁ ପ୍ରବାହଜନିତ ବର୍ଷା ହେଲେ ପରିବେଶ ସବୁଜ ଦିଶିବା ସହ ବାୟୁମଣ୍ଡଳରୁ ଉତ୍ତାପ ହ୍ରାସ ପାଇ ଆର୍ଦ୍ର ବାୟୁ ପ୍ରବାହିତ ହୁଏ। ଏହି ସମୟରେ ଗରମରୁ ଟିକେ ତ୍ରାହି ମିଳେ। ତେବେ ଏହି ଆଶ୍ୱସ୍ତି ସହ ଆସିଥାଏ କିଛି ସମସ୍ୟା। ବର୍ଷା ଯୋଗୁଁ ଖାଲଖମାରେ ପାଣି ଜମି ରହି ମଶାବଂଶ ବୃଦ୍ଧିପାଏ। ଫଳରେ ଭୂତାଣୁମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୁଏ। ସେମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ମଣିଷ ରୋଗରେ ପଡ଼େ। ଅଧିକାଂଶ ଲୋକଙ୍କର ଧାରଣା ଯେ ମୌସୁମୀକାଳୀନ ସଂକ୍ରମଣ ଅର୍ଥ ଜ୍ୱର, ଦେହହାତ ପୀଡ଼ା, କାଶ ଓ ପେଟ ଗୋଳମାଳ। ହେଲେ ଅନେକେ ହୁଏତ ଜାଣି ନ ଥିବେ, ସାଧାରଣ ମନେ ହେଉଥିବା ସଂକ୍ରମଣ ବେଳେ ବେଳେ ମସ୍ତିଷ୍କ ଓ ସ୍ନାୟବିକ ବ୍ୟବସ୍ଥାକୁ ମଧ ନିଶାଣ କରିଥାଏ। ସେଭଳି ହେଲେ ରୋଗର ଉପସର୍ଗରେ ଦ୍ରୁତ ଅବନତି ଘଟେ। ଫଳରେ ମାମୁଲି ଜ୍ୱର ମଧ ବଡ଼ ଅସୁବିଧା କରାଏ। ଏ ଧରଣର ସଂକ୍ରମଣର ଆଗୁଆ ନିଦାନ କରାଯାଇ ତୁରନ୍ତ ଚିକିତ୍ସା କଲେ ସୁସ୍ଥତା ଫେରିଆସେ। ତେବେ ସମସ୍ୟା ହେଉଛି, ଏବେ ସାଧାରଣ ସଂକ୍ରମଣ ଆଉ ସାଧାରଣ ହୋଇ ନାହିଁ। ବ୍ଲଡ୍ ବ୍ରେନ୍ ବ୍ୟାରିୟର କୁହାଯାଉଥିବା ଏକ ବିଶେଷ ବାଡ଼ ମଧ୍ୟରେ ମସ୍ତିଷ୍କ ସୁରକ୍ଷିତ ଥାଏ। ଏହି ବାଡ଼ ଜୀବାଣୁଙ୍କୁ ଦୂରେଇ ରଖେ। କିନ୍ତୁ କେତେକ ଭୂତାଣୁ ଓ ଜୀବାଣୁ ଏହି ସୁରକ୍ଷା ବାଡ଼ ଅତିକ୍ରମ କରିଯାଆନ୍ତି। ଆଉ କେତେକ ରୋଗ ପ୍ରତିରୋଧକ ବ୍ୟବସ୍ଥା ସହ ଭୀଷଣ ଲଢ଼େଇ କରିବାରୁ ମସ୍ତିଷ୍କ ଚାରିପଟେ ପ୍ରଦାହ ଘଟେ। ସେଥିପାଇଁ ଡାକ୍ତରମାନେ କହନ୍ତି, ଏ ଜ୍ୱରକୁ କେବଳ ଜ୍ୱର ବୋଲି ଭାବିଲେ ହେବ ନାହିଁ। ଜ୍ୱର ସହ ମସ୍ତିଷ୍କ ସମ୍ପୃକ୍ତ ହୋଇଗଲେ ଅସୁସ୍ଥତାଜନିତ ଲକ୍ଷଣ ବଦଳିଯାଏ। ହଠାତ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ମୁଣ୍ଡ ଗୋଳମାଳ ହୋଇଯାଏ, ନିଦୁଆ ନିଦୁଆ ଲାଗେ, ବେଳେ ବେଳେ ବାତ ମାରିବା ଭଳି ମନେହୁଏ। ପୁଣି କଥା କହିବା ଓ ଚାଲିବାରେ ବି ଅସୁବିଧା ହୁଏ। ଏସବୁ ସାଧାରଣ ଋତୁକାଳୀନ ଭୂତାଣୁ ସଂକ୍ରମଣଜନିତ ଲକ୍ଷଣ ନୁହେଁ। ତେଣୁ ଏ କ୍ଷେତ୍ରରେ ଅବହେଳା କଲେ ଆଗକୁ ସମସ୍ୟା ହୋଇପାରେ। ଡାକ୍ତରୀ ଭାଷାରେ ଏଭଳି ଭୂତାଣୁଜନିତ ମସ୍ତିଷ୍କ ସଂକ୍ରମଣକୁ ଏନ୍‌ସିଫାଲାଇଟିସ୍ କୁହାଯାଏ। ଜାପାନିଜ୍ ଏନ୍‌ସିଫାଲାଇଟିସ୍ ଭାଇରସ୍, ଚାନ୍ଦିପୁରା ଭାଇରସ୍ ଓ ହାର୍ପିଜ୍ ସିମ୍ପ୍ଲେକ୍ସ ଭାଇରସ୍ ସମେତ କେତେକ ଭାଇରସ୍ ବା ଭୂତାଣୁ ଏଥିପାଇଁ ଦାୟୀ। ଏନ୍‌ସିଫାଲାଇଟିସ୍ ସାଂଘାତିକ ରୋଗ ହୋଇଥିବାରୁ ଏହା ତୁରନ୍ତ ଚିକିତ୍ସା ଆବଶ୍ୟକ କରେ। ସେହିପରି ପ୍ରବଳ ଜ୍ୱର, ଦେହହାତ ଘୋଳାବିନ୍ଧା ଓ ଲୋ ପ୍ଲେଟ୍‌ଲେଟ୍ କାଉଣ୍ଟ୍ ଡେଙ୍ଗୁର ଲକ୍ଷଣ ବୋଲି ଅଧିକାଂଶ କହନ୍ତି। କେବେ କେବେ ଡେଙ୍ଗୁ ମଧ ମସ୍ତିଷ୍କକୁ ସଂକ୍ରମିତ କରି ଏନ୍‌ସିଫାଲାଇଟିସ୍‌ର କାରଣ ହୋଇଯାଏ। ସେତେବେଳେ ବାନ୍ତି ମାଡ଼ିବା, ନିଦୁଆ ଲାଗିବା, ମୁଣ୍ଡ ବିନ୍ଧିବା ଓ ବାତ ମାରିବା ଭଳି ଲକ୍ଷଣ ଦେଖାଯାଏ। ଲଗାତାର ବର୍ଷା ହେଲେ ରାସ୍ତା ଓ ଖୋଲା ସ୍ଥାନ ସବୁ ପାଣିଭର୍ତ୍ତି ହୋଇଯାଏ। ସେହି ପାଣି ସଂକ୍ରମିତ ହୋଇଥିଲେ ବି ସେଥିରେ ପଶି ଚାଲିଲେ କିଛି କ୍ଷତି ହେଲା ଭଳି ଜଣାପଡ଼େ ନାହିଁ। ତେବେ ଏହି ପାଣି ଲେପଟ୍ରୋସ୍ପାଇରୋସିସ୍‌ର ମଧ କାରଣ ହୋଇପାରେ। ବିଶେଷକରି ମୂଷା କିମ୍ବା ସେହି ଧରଣର ଅନ୍ୟ କୌଣସି ଲେପଟ୍ରୋସ୍ପାଇରୋସିସ୍ ଆକ୍ରାନ୍ତ ଜନ୍ତୁଙ୍କ ପରିସ୍ରା ମିଶି ତାହା ସଂକ୍ରମିତ ହୋଇଥାଏ।

# ଜୁଆଣି ଖାଆନ୍ତୁ, କେବଳ ଏସିଡିଟି ନୁହେଁ ସବୁ ସମସ୍ୟାରୁ ଦେବ ମୁକ୍ତି



ଜୁଆଣି କେବଳ ଆପଣଙ୍କ ରୋଷେଇ ଘରେ ମସଲା ଭାବେ ବ୍ୟବହାର ହୁଏନାହିଁ, ବରଂ ଆୟୁର୍ବେଦରେ ମଧ ଜୁଆଣିକୁ ଅନେକ ରୋଗରୁ ମୁକ୍ତି ପାଇଁ ରାମବାଣ ଭାବେ ବର୍ଣ୍ଣନା କରାଯାଇଛି। ଲୋକମାନେ ପ୍ରାୟତଃ ଏହାକୁ କେବଳ ପେଟ ଯନ୍ତ୍ରଣା, ଗ୍ୟାସ୍ କିମ୍ବା ଏସିଡିଟି ଦୂର କରିବା ପାଇଁ ବ୍ୟବହାର କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହି ଜୁଆଣି ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସମାନ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିଥାଏ । ଏହାକୁ ନିୟମିତ ଭାବରେ ସେବନ କରି ଆପଣ ନିଜକୁ ବିଭିନ୍ନ ରୋଗରୁ ରକ୍ଷା କରିପାରିବେ। ଏଠାରେ, ଆମେ ଆପଣଙ୍କୁ ଏହାର ଲାଭ ବିଷୟରେ କହିବୁ। ୧. ଶ୍ୱାସକ୍ରିୟା ଏବଂ ଫୁସଫୁସ ସମସ୍ୟାରୁ ମୁକ୍ତି : ଜୁଆଣିରେ ଥାଇମୋଲ୍ ନାମକ ଏକ ଯୌଗିକ ଥାଏ, ଯେଉଁଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଯଦି ଆପଣଙ୍କର ଥଣ୍ଡା, କାଶ, ନାକ ବନ୍ଦ ହୋଇଯାଏ, କିମ୍ବା ଆପଣ ଶ୍ୱାସରୋଗରେ ପୀଡିତ, ତେବେ ଜୁଆଣି ପାଣି କିମ୍ବା ଭଜା ଜୁଆଣିର ଧୂଆଁ ନେବା ଶ୍ୱାସନଳୀକୁ ସଫା କରିବାରେ ବହୁତ ସହାୟକ ହୋଇପାରେ। ୨. ସନ୍ଧି ଏବଂ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି: ବୟସ ବଢ଼ିବା ମାତ୍ରେ ଗଣ୍ଠି ଏବଂ ଆଣ୍ଠୁରେ ଯନ୍ତ୍ରଣା ହେବା ସାଧାରଣ କଥା। ଗଣ୍ଠି ଫୁଲା ଏବଂ ଯନ୍ତ୍ରଣା କମାଇବାରେ ଜୁଆଣି ବେଶ ପ୍ରଭାବଶାଳୀ। ଜୁଆଣିର ତେଲକୁ ମାଲିସ୍ କରିବା କିମ୍ବା ଏହାର କାଢା ସେବନ କରିବା ଦ୍ୱାରା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ୩. ଓଜନ ହ୍ରାସରେ ସହାୟକ: ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇବା ଦ୍ୱାରା ଆପଣଙ୍କର ମେଟାବୋଲିଜିମ୍ ବୃଦ୍ଧି ପାଏ, ଯାହା କ୍ୟାଲୋରୀକୁ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖେ। ୪. ସଂକ୍ରମଣ ପ୍ରତିରୋଧ ଏବଂ ରୋଗ ପ୍ରତିରୋଧକ ଶକ୍ତି : ଜୁଆଣିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ଅଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରେ ଏବଂ ପରିବର୍ତ୍ତନଶୀଳ ପାଗ ଯୋଗୁଁ ହେଉଥିବା ବିଭିନ୍ନ ସଂକ୍ରମଣରୁ ରକ୍ଷା କରେ।

# ସୁଧ ହାର ସ୍ଥିର, ଆଭିମୁଖ୍ୟ ନିରପେକ୍ଷ

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ନିକଟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଦେଶର ପ୍ରମୁଖ ସୁଧ ହାର ବା ରେପୋ ରେଟକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଛଅ ଜଣିଆ କମିଟିର ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । କେବଳ ସୁଧ ହାର ଅପରିବର୍ତ୍ତିତ ରହିନାହିଁ, ବରଂ କେନ୍ଦ୍ରୀୟ ବ୍ୟାଙ୍କ ନିଜର ଆଭିମୁଖ୍ୟକୁ ମଧ୍ୟ ନିରପେକ୍ଷ ବା ନ୍ୟୁଟ୍ରାଲ୍ ରଖିବାକୁ ଉଚିତ ମଣିଛି । ରେପୋ ରେଟ୍ ହେଉଛି ସେହି ସୁଧ ହାର ଯେଉଁ ଦରରେ ରିଜର୍ଭ ବ୍ୟାଙ୍କ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସ୍ୱଳ୍ପ ମିଆଦୀ ଋଣ ପ୍ରଦାନ କରିଥାଏ । ଯେତେବେଳେ ଏହି ହାର ବୃଦ୍ଧି ପାଏ, ବ୍ୟାଙ୍କଗୁଡ଼ିକ ପାଇଁ ଋଣ ଆଣିବା ମହଙ୍ଗା ହୋଇଯାଏ ଏବଂ ସେମାନେ ଏହି ବୋଝକୁ ସାଧାରଣ ଗ୍ରାହକଙ୍କ ଉପରେ ଲଦି ଦିଅନ୍ତି । କିନ୍ତୁ ବର୍ତ୍ତମାନ ଏହାକୁ ୫.୨୫ ପ୍ରତିଶତରେ ସ୍ଥିର ରଖାଯାଇଥିବାରୁ ଅର୍ଥନୀତିରେ ଲିକ୍ୱିଡିଟିର ପ୍ରବାହ ସ୍ୱାଭାବିକ ରହିବ । ଏହାର ସିଧାସଳଖ ଅର୍ଥ ହେଉଛି ଯେ ବର୍ତ୍ତମାନ ପାଇଁ ସାଧାରଣ ଗ୍ରାହକମାନଙ୍କ ଉପରେ ଋଣର ବୋଝ ବଢ଼ିବ ନାହିଁ କିମ୍ବା କମିବ ନାହିଁ । ଗୃହ ଋଣ, ଗାଡ଼ି ଋଣ ଏବଂ ସୁନା ଋଣ ପରି ବିଭିନ୍ନ ବ୍ୟାଙ୍କ ଋଣର ମାସିକ କିସ୍ତି ବା ଇଏମଆଇ ପୂର୍ବଭଳି ସ୍ଥିର ରହିବ । ସେହିପରି ବ୍ୟାଙ୍କରେ ଜମା ରାଶି ଉପରେ ମିଳୁଥିବା ସୁଧ ହାରରେ ମଧ୍ୟ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଗୋଟିଏ ପଟେ ବିଶ୍ୱ ଅର୍ଥନୀତିରେ ଅନେକ ଅନିଶ୍ଚିତତା ଲାଗି ରହିଥିବା ବେଳେ ଅନ୍ୟପଟେ ଦେଶ ଭିତରେ ମୁଦ୍ରାସ୍ଫୀତିର ଚାପ ରହିଛି । ଏଭଳି ଏକ ସଙ୍କଟଜନକ ସ୍ଥିତିରେ ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପ ଏକ ସନ୍ତୁଳିତ ଆଭିମୁଖ୍ୟକୁ ଦର୍ଶାଉଛି । ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ମଧ୍ୟରେ ଏକ ସୂକ୍ଷ୍ମ ସମନ୍ୱୟ ରକ୍ଷା କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏହି ପନ୍ଥା ଆପଣେଇଛି । ଗତ ଜୁନ୍ ମାସରେ ମଧ୍ୟ ରିଜର୍ଭ ବ୍ୟାଙ୍କ ରେପୋ ରେଟକୁ ୫.୨୫ ପ୍ରତିଶତରେ ସ୍ଥିର ରଖିଥିଲା, ଯାହାକି ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତିରେ ନିରନ୍ତରତା ବଜାୟ ରଖିବାର ଏକ ସ୍ପଷ୍ଟ ସଙ୍କେତ ଅଟେ ।

ଏହି ମୁଦ୍ରାନୀତି ସମୀକ୍ଷାରେ ସବୁଠାରୁ ଉଲ୍ଲେଖନୀୟ ଦିଗଟି ହେଉଛି ଭାରତର ଅର୍ଥନୈତିକ ଅଭିବୃଦ୍ଧି ବା ଜିଡିପିକୁ ନେଇ ରିଜର୍ଭ ବ୍ୟାଙ୍କର ଆକଳନ । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬.୬ ପ୍ରତିଶତରୁ ବୃଦ୍ଧି କରି ୬.୭ ପ୍ରତିଶତ କରାଯାଇଛି । ବିଶ୍ୱ ସ୍ତରରେ ଭୌଗୋଳିକ ତଥା ରାଜନୈତିକ ଉତ୍ତେଜନା, ଅସ୍ଥିର ଶକ୍ତି ବଜାର ଏବଂ ଯୋଗାଣ ଶୃଙ୍ଖଳାରେ ବାଧା ସତ୍ତ୍ୱେ ଭାରତୀୟ ଅର୍ଥନୀତିର ଏହି ଅଭିବୃଦ୍ଧି ପଛରେ ଘରୋଇ ଉପଭୋଗର ଏକ ବଡ଼ ଅବଦାନ ରହିଛି । ବିଶେଷ କରି ସହରାଞ୍ଚଳରେ ଚାହିଦା ବୃଦ୍ଧି ପାଇବା ସହ ଗ୍ରାମାଞ୍ଚଳରେ ମଧ୍ୟ ଅର୍ଥନୈତିକ କାର୍ଯ୍ୟକଳାପ ଧୀରେ ଧୀରେ ସୁଧୁରୁଛି । ସରକାରଙ୍କ ଦ୍ୱାରା ଭିତ୍ତିଭୂମି ବିକାଶ ଉପରେ କରାଯାଉଥିବା ବିପୁଳ ପୁଞ୍ଜି ବିନିଯୋଗ ଘରୋଇ କ୍ଷେତ୍ରର ନିବେଶକୁ ମଧ୍ୟ ଆକର୍ଷିତ କରୁଛି । ଯଦିଓ କିଛି ଶିଳ୍ପ ସଂସ୍ଥା ଉଚ୍ଚ ଉତ୍ପାଦନ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି, ତଥାପି ସେବା କ୍ଷେତ୍ର, ଯେପରିକି ଆଇଟି, ପର୍ଯ୍ୟଟନ ଏବଂ ଆର୍ଥିକ ସେବା, ଦେଶର ଜିଡିପିକୁ ଉପରକୁ ଉଠାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ତେବେ ଉତ୍ପାଦନ କ୍ଷେତ୍ରରେ କିଛି ଆହ୍ୱାନ ରହିଛି, ବିଶେଷକରି କଞ୍ଚାମାଲ ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି କାରଣରୁ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପଗୁଡ଼ିକ ଉପରେ ଚାପ ପଡ଼ିଛି । ତଥାପି ସାମଗ୍ରିକ ଭାବେ ଦେଖିଲେ ଦେଶର ଆଭ୍ୟନ୍ତରୀଣ ଚାହିଦା ଏବଂ ସରକାରୀ ଭିତ୍ତିଭୂମି ନିବେଶ କାରଣରୁ ଜିଡିପି ଅଭିବୃଦ୍ଧି ଉତ୍ସାହଜନକ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଆଶାବ୍ୟକ୍ତ କରିଛି । ଏହି ପରିପ୍ରେକ୍ଷୀରେ ସୁଧ ହାର ନ ବଢ଼ାଇବା ଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକୁ ଶସ୍ତାରେ ପୁଞ୍ଜି ମିଳିପାରିବ, ଯାହାକି ବ୍ୟବସାୟିକ ସମ୍ପ୍ରସାରଣ ଏବଂ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ ।

ଅନ୍ୟପକ୍ଷରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧିକୁ ନେଇ ରିଜର୍ଭ ବ୍ୟାଙ୍କର ଆକଳନ ଏବଂ ବାସ୍ତବିକ ସ୍ଥିତି ମଧ୍ୟରେ ଏକ ଜଟିଳ ସମୀକରଣ ଦେଖିବାକୁ ମିଳିଛି । କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ନିଜର ଖୁଚୁରା ମୁଦ୍ରାସ୍ଫୀତି ଆକଳନକୁ ୫.୧ ପ୍ରତିଶତରୁ ହ୍ରାସ କରି ୫.୦ ପ୍ରତିଶତ କରିଛି । କିନ୍ତୁ ବାସ୍ତବରେ ଗତ ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୩୮ ପ୍ରତିଶତରେ ପହଞ୍ଚିଥିଲା, ଯାହାକି ଗତ ୧୭ ମାସ ମଧ୍ୟରେ ପ୍ରଥମ ଥର ପାଇଁ ରିଜର୍ଭ ବ୍ୟାଙ୍କର ୪ ପ୍ରତିଶତ ଲକ୍ଷ୍ୟମାତ୍ରାକୁ ଅତିକ୍ରମ କରିଥିଲା । ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ମଧ୍ୟରେ ସୀମିତ ରଖିବା କେନ୍ଦ୍ରୀୟ ବ୍ୟାଙ୍କର ପ୍ରାଥମିକ ଦାୟିତ୍ୱ ଅଟେ । ଗତ କିଛି ମାସ ଧରି ଏହା ନିୟନ୍ତ୍ରଣରେ ଥିବା ବେଳେ ଜୁନ୍ ମାସରେ ଏହା ୪ ପ୍ରତିଶତ ପାର୍ କରିବା ଏକ ସତର୍କ ଘଣ୍ଟି ସଦୃଶ ଅଟେ । ଏହି ଦରଦାମ ବୃଦ୍ଧିର ମୁଖ୍ୟ କାରଣ ହେଉଛି ଖାଦ୍ୟଶସ୍ୟ ଏବଂ ଇନ୍ଧନ ଦରରେ ଅହେତୁକ ବୃଦ୍ଧି । ଖରାଦିନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଅଦିନିଆ ବର୍ଷା କାରଣରୁ ପନିପରିବା ଦରରେ ଅହେତୁକ ବୃଦ୍ଧି ଘଟିଥିଲା । ଏହା ସହିତ ଯୋଗାଣରେ ବାଧା ମଧ୍ୟ ଖାଦ୍ୟ ମୁଦ୍ରାସ୍ଫୀତିକୁ ବଢ଼ାଇବାରେ ସହାୟକ ହୋଇଥିଲା । ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସ୍ପଷ୍ଟ କରିଛନ୍ତି ଯେ ଖାଦ୍ୟ ଏବଂ ଇନ୍ଧନକୁ ବାଦ୍ ଦେଲେ ଅନ୍ୟାନ୍ୟ ସାମଗ୍ରୀର ଦରଦାମ ବା କୋର୍ ଇନଫ୍ଲେସନ୍ ସ୍ଥିର ରହିଛି । ତେଣୁ ଏହି ସାମୟିକ ମୁଦ୍ରାସ୍ଫୀତିକୁ ନେଇ ଅଧିକ ଭୟଭୀତ ହେବାର କାରଣ ନାହିଁ । ତୃତୀୟ ତ୍ରୈମାସିକ ବେଳକୁ ମୁଦ୍ରାସ୍ଫୀତି ଶୀର୍ଷରେ ପହଞ୍ଚିବା ପରେ ଧୀରେ ଧୀରେ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି । ତେବେ ଖାଦ୍ୟପେୟ ସାମଗ୍ରୀର ଦରବୃଦ୍ଧି ସାଧାରଣ ଲୋକଙ୍କ ପକେଟ୍ ଉପରେ ସିଧାସଳଖ ପ୍ରଭାବ ପକାଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ସରକାର ଏବଂ ରିଜର୍ଭ ବ୍ୟାଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ମୌସୁମୀ ବର୍ଷାର ପ୍ରଭାବ ଏବଂ କୃଷି ଉତ୍ପାଦନ ଉପରେ ଖାଦ୍ୟ ମୁଦ୍ରାସ୍ଫୀତିର ଭବିଷ୍ୟତ ନିର୍ଭର କରୁଛି । ଯଦି ଖାଦ୍ୟ ଏବଂ ଇନ୍ଧନ ଦରବୃଦ୍ଧି ଅନ୍ୟ କ୍ଷେତ୍ରକୁ ବ୍ୟାପେ, ତେବେ ଆଗାମୀ ଦିନରେ ରିଜର୍ଭ ବ୍ୟାଙ୍କ କଠୋର ପଦକ୍ଷେପ ନେବାକୁ ବାଧ୍ୟ ହୋଇପାରେ । ବର୍ତ୍ତମାନ ପାଇଁ ମୁଦ୍ରାସ୍ଫୀତିର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ସହ ରିଜର୍ଭ ବ୍ୟାଙ୍କ ନିଜର ନିରପେକ୍ଷ ଆଭିମୁଖ୍ୟ ବଜାୟ ରଖିଛି ।

ରିଜର୍ଭ ବ୍ୟାଙ୍କର ଏହି ସତର୍କତାମୂଳକ ପଦକ୍ଷେପ ପଛରେ ସବୁଠାରୁ ବଡ଼ କାରଣ ହେଉଛି ବିଶ୍ୱ ଅର୍ଥନୀତିର ଅସ୍ଥିରତା, ବିଶେଷ କରି ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତି । ପଶ୍ଚିମ ଏସିଆର ସଙ୍କଟ କେବଳ ସେହି ଅଞ୍ଚଳ ମଧ୍ୟରେ ସୀମିତ ନରହି ସମଗ୍ର ବିଶ୍ୱର ଯୋଗାଣ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଦେଇଛି । ଭାରତ ନିଜର ଆବଶ୍ୟକତାର ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ କରିଥାଏ, ଯେଉଁଥିରୁ ଏକ ବଡ଼ ଅଂଶ ପଶ୍ଚିମ ଏସିଆରୁ ଆସିଥାଏ । ପଶ୍ଚିମ ଏସିଆରେ ଲାଗି ରହିଥିବା ସଂଘର୍ଷ କାରଣରୁ ଲୋହିତ ସାଗର ଦେଇ ଯାଉଥିବା ବାଣିଜ୍ୟିକ ମାର୍ଗ ଅସୁରକ୍ଷିତ ହୋଇପଡ଼ିଛି । ସୁରକ୍ଷା ଦୃଷ୍ଟିରୁ ଅନେକ ଜାହାଜ କମ୍ପାନୀ ଆଫ୍ରିକାର କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଦୀର୍ଘ ପଥ ଅତିକ୍ରମ କରିବାକୁ ବାଧ୍ୟ ହେଉଛନ୍ତି । ଏହା ଫଳରେ ମାଲ ପରିବହନ ସମୟ ୧୫ ରୁ ୨୦ ଦିନ ବୃଦ୍ଧି ପାଇବା ସହ ପରିବହନ ଖର୍ଚ୍ଚରେ ୪୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରର ଅସ୍ଥିରତା ଭାରତର ଆମଦାନୀ ଖର୍ଚ୍ଚକୁ ବହୁଗୁଣିତ କରିଦେଉଛି । ଅର୍ଥନୈତିକ ବିଶେଷଜ୍ଞମାନଙ୍କ ମତରେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଲେ ଭାରତର ମୁଦ୍ରାସ୍ଫୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିଥାଏ ଏବଂ ଜିଡିପି ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଏ, ତାହାର ପ୍ରଭାବ ଭାରତର ପରିବହନ, ଶିଳ୍ପ ଉତ୍ପାଦନ ଏବଂ ଶେଷରେ ଖୁଚୁରା ବଜାର ଉପରେ ପଡ଼ିଥାଏ । ଏହାକୁ ଆମଦାନୀ ଜନିତ ମୁଦ୍ରାସ୍ଫୀତି ବା ଇମ୍ପୋର୍ଟେଡ୍ ଇନଫ୍ଲେସନ୍ କୁହାଯାଏ । ଏହି ବାହ୍ୟ କାରଣଗୁଡ଼ିକ ଉପରେ ରିଜର୍ଭ ବ୍ୟାଙ୍କର କୌଣସି ନିୟନ୍ତ୍ରଣ ନଥିବାରୁ, କେନ୍ଦ୍ରୀୟ ବ୍ୟାଙ୍କ ଘରୋଇ ସୁଧ ହାରକୁ ଅପରିବର୍ତ୍ତିତ ରଖି ପରିସ୍ଥିତି ଉପରେ ନଜର ରଖିବାକୁ ଶ୍ରେୟସ୍କର ମଣିଛି । ଯଦି ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୁଏ ଏବଂ ତୈଳ ଦର ଆହୁରି ବୃଦ୍ଧି ପାଏ, ତେବେ ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ବଡ଼ ଧକ୍କା ସାବ୍ୟସ୍ତ ହେବ ।

ଏହି ଭୌଗୋଳିକ-ରାଜନୈତିକ ଉତ୍ତେଜନାର ପ୍ରଭାବ କେବଳ ତୈଳ ବଜାରରେ ସୀମିତ ନାହିଁ, ବରଂ ଦେଶର ଉତ୍ପାଦନ କ୍ଷେତ୍ର ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ଉଦାହରଣସ୍ୱରୂପ, ଭାରତର ଇସ୍ପାତ, ସିରାମିକ୍ସ ଏବଂ ବସ୍ତ୍ର ଶିଳ୍ପ ପରି ଉର୍ଜା-ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ ବର୍ତ୍ତମାନ କଞ୍ଚାମାଲ ଅଭାବ ଏବଂ ଉଚ୍ଚ ଇନ୍ଧନ ଦର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପରିବହନ ବାଧାପ୍ରାପ୍ତ ହେବା କାରଣରୁ ରପ୍ତାନି ମଧ୍ୟ ପ୍ରଭାବିତ ହେଉଛି । ଏହି ପରିସ୍ଥିତିର ସବୁଠାରୁ ବଡ଼ ଶିକାର ହୋଇଛନ୍ତି ଦେଶର କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପ ବା ଏମଏସଏମଇ । ଏହି ଉଦ୍ୟୋଗଗୁଡ଼ିକର କାର୍ଯ୍ୟକାରୀ ପୁଞ୍ଜି ବା ୱାର୍କିଂ କ୍ୟାପିଟାଲ୍ ଚକ୍ର ବିଗିଡ଼ି ଯାଇଛି କାରଣ ସାମଗ୍ରୀ ପହଞ୍ଚିବାରେ ବିଳମ୍ବ ହେଉଛି ଏବଂ ପରିବହନ ଖର୍ଚ୍ଚ ବଢ଼ିଯାଇଛି । ଯଦି ରିଜର୍ଭ ବ୍ୟାଙ୍କ ଏହି ସମୟରେ ମୁଦ୍ରାସ୍ଫୀତିକୁ ଆଳ କରି ସୁଧ ହାର ବଢ଼ାଇ ଦେଇଥାନ୍ତା, ତେବେ ଏହି ଶିଳ୍ପଗୁଡ଼ିକ ପାଇଁ ଋଣ ନେବା ଆହୁରି ମହଙ୍ଗା ହୋଇଯାଇଥାନ୍ତା, ଯାହାକି ଉତ୍ପାଦନକୁ ଆହୁରି ତଳକୁ ଖସାଇ ଦେଇଥାନ୍ତା । ଅନ୍ୟପକ୍ଷରେ, ଯଦି ସୁଧ ହାର ହ୍ରାସ କରାଯାଇଥାନ୍ତା, ତେବେ ବଜାରରେ ଅଧିକ ଟଙ୍କା ପ୍ରବାହିତ ହୋଇ ମୁଦ୍ରାସ୍ଫୀତିକୁ ଆହୁରି ବଢ଼ାଇ ଦେଇଥାନ୍ତା । ତେଣୁ ରେପୋ ରେଟକୁ ୫.୨୫ ପ୍ରତିଶତରେ ସ୍ଥିର ରଖିବା ଏକ ବାଧ୍ୟତାମୂଳକ ଏବଂ ଯୁକ୍ତିଯୁକ୍ତ ପଦକ୍ଷେପ ଥିଲା । ଏହାଦ୍ୱାରା ବଜାରରେ ଏକ ସ୍ଥିରତା ବଜାୟ ରହିବା ସହ ଶିଳ୍ପ ଜଗତକୁ ଏକ ଆଶ୍ୱାସନା ମିଳିଛି । ବିଦେଶୀ ପୁଞ୍ଜି ପ୍ରବାହ ଏବଂ ଦୃଢ଼ ବୈଦେଶିକ ମୁଦ୍ରା ଭଣ୍ଡାର କାରଣରୁ ଭାରତୀୟ ଟଙ୍କାର ମୂଲ୍ୟରେ ହେଉଥିବା ହ୍ରାସକୁ କିଛି ମାତ୍ରାରେ ରୋକାଯାଇପାରିଛି, ତଥାପି ବିଶ୍ୱ ବଜାରର ଅସ୍ଥିରତା ଟଙ୍କାର ବିନିମୟ ମୂଲ୍ୟ ଉପରେ ଚାପ ପକାଉଛି ।

ଆଗାମୀ ଦିନରେ ଭାରତୀୟ ଅର୍ଥନୀତିର ଦିଗ କିପରି ରହିବ, ତାହା ସମ୍ପୂର୍ଣ୍ଣ ଭାବେ ତଥ୍ୟଭିତ୍ତିକ ହେବ ବୋଲି ମୁଦ୍ରାନୀତି କମିଟି ସ୍ପଷ୍ଟ କରିଛି । ଅର୍ଥାତ୍, ଯଦି ଖାଦ୍ୟ ଏବଂ ଇନ୍ଧନ ଦରରେ ସୁଧାର ଆସେ ଏବଂ ମୁଦ୍ରାସ୍ଫୀତି ୪ ପ୍ରତିଶତ ଲକ୍ଷ୍ୟମାତ୍ରା ଆଡ଼କୁ ଅଗ୍ରସର ହୁଏ, ତେବେ ଭବିଷ୍ୟତରେ ସୁଧ ହାର ହ୍ରାସ ପାଇବାର ସମ୍ଭାବନା ରହିଛି । ଆଗାମୀ ମାସଗୁଡ଼ିକରେ ରିଜର୍ଭ ବ୍ୟାଙ୍କର ଦୃଷ୍ଟି ମୁଖ୍ୟତଃ ଦୁଇଟି ବିଷୟ ଉପରେ କେନ୍ଦ୍ରୀଭୂତ ରହିବ, ପ୍ରଥମଟି ହେଉଛି ଘରୋଇ ବଜାରରେ ଖାଦ୍ୟଶସ୍ୟର ମୂଲ୍ୟ ଏବଂ ଦ୍ୱିତୀୟଟି ହେଉଛି ବିଶ୍ୱ ବଜାରରେ ତୈଳ ଦର । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମୌସୁମୀ ବର୍ଷା ଉପରେ ଖରିଫ ଫସଲ ଅମଳ ନିର୍ଭର କରୁଛି, ଯାହାକି ଖାଦ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବାରେ ସାହାଯ୍ୟ କରିବ । ଯେପର୍ଯ୍ୟନ୍ତ ବିଶ୍ୱସ୍ତରରେ ଅନିଶ୍ଚିତତା ଦୂର ହୋଇନାହିଁ ଏବଂ ପଶ୍ଚିମ ଏସିଆରେ ଶାନ୍ତି ଫେରିନାହିଁ, ସେପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ କୌଣସି ତରବରିଆ ପଦକ୍ଷେପ ନେବ ନାହିଁ । ଦେଶର ଆର୍ଥିକ ପ୍ରଗତିକୁ ବଜାୟ ରଖିବା ପାଇଁ କେବଳ ମୁଦ୍ରାନୀତି ଉପରେ ନିର୍ଭର ନକରି ସରକାରଙ୍କୁ ମଧ୍ୟ ବିକଳ୍ପ ଶକ୍ତି ଉତ୍ସର ସନ୍ଧାନ ଏବଂ ଯୋଗାଣ ଶୃଙ୍ଖଳାର ସୁଦୃଢ଼ୀକରଣ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଏକ ବିକାଶଶୀଳ ଅର୍ଥନୀତି ପାଇଁ ସୁଧ ହାରର ସ୍ଥିରତା କେବଳ ବଜାରରେ ବିଶ୍ୱାସ ସୃଷ୍ଟି କରେ ନାହିଁ, ବରଂ ବିଦେଶୀ ନିବେଶକମାନଙ୍କୁ ମଧ୍ୟ ଏକ ସକାରାତ୍ମକ ବାର୍ତ୍ତା ଦେଇଥାଏ । ବିଶ୍ୱ ଅର୍ଥନୀତିର ଏହି ଝଡ଼ଝଞ୍ଜା ମଧ୍ୟରେ ଭାରତୀୟ ଅର୍ଥନୀତିର ନୌକାକୁ ସୁରକ୍ଷିତ ଭାବେ ଆଗକୁ ନେବା ପାଇଁ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏବଂ ତାଙ୍କ ଟିମ୍ ଏକ ସତର୍କ ଏବଂ ସନ୍ତୁଳିତ ମାର୍ଗ ବାଛିଛନ୍ତି ।

# ୨୨ ଗଜର ସର୍ବଶ୍ରେଷ୍ଠ ନାୟକ: ସାର୍ ଗ୍ୟାରୀ ସୋବର୍ସ



ଶ୍ରୀବତ୍ସ ନାୟକ

କ୍ରିକେଟ୍ କେବଳ ସଂଖ୍ୟା, ରନ୍ କିମ୍ବା ୱିକେଟ୍‌ର ହିସାବ ନୁହେଁ; ଏହା ହେଉଛି କଳା, ସାହସ ଏବଂ ମାନସିକ ଦୃଢ଼ତାର ପ୍ରଦର୍ଶନ । ଏହି ପ୍ରଦର୍ଶନକୁ ଯିଏ ସବୁଠାରୁ ରୋମାଞ୍ଚକର ଓ ସ୍ମରଣୀୟ କରି ଗଢ଼ିଛନ୍ତି, ସେ ହେଉଛନ୍ତି ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ ସାର୍ ଗାରଫିଲ୍ଡ ସୋବର୍ସ । କ୍ରିକେଟର ସ୍ୱର୍ଣ୍ଣିମ ଯୁଗରେ ଗ୍ୟାରୀ ସୋବର୍ସ ଏଭଳି ଏକ ସୂର୍ଯ୍ୟ ଥିଲେ, ଯାହାଙ୍କ କିରଣରେ ପ୍ରତିପକ୍ଷର ବୋଲର ଓ ବ୍ୟାଟରମାନେ ସ୍ତବ୍ଧ ହୋଇଯାଉଥିଲେ । ସେ କେବଳ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍‌ର ଭାଗ୍ୟ ବଦଳାଇ ନଥିଲେ, ବରଂ ବିଶ୍ୱ କ୍ରିକେଟ୍‌କୁ ଏକ ନୂଆ ପରିଭାଷା ଦେଇଥିଲେ । କ୍ରିକେଟ ଇତିହାସରେ ଅନେକ ମହାନ ଖେଳାଳି ଜନ୍ମ ନେଇଛନ୍ତି । କିଏ ନିଜର ବ୍ୟାଟିଂ ପାଇଁ ତ କିଏ ନିଜର ମାରାତ୍ମକ ବୋଲିଂ ପାଇଁ ବିଶ୍ୱର ପ୍ରଶଂସା ସାଉଁଟିଛି । କିନ୍ତୁ କ୍ରିକେଟ ଜଗତରେ ସେ ଏମିତି ଜଣେ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କୁ କ୍ରିକେଟର 'ପରିପୂର୍ଣ୍ଣତା' ବୋଲି କୁହାଯାଏ ।

କ୍ରିକେଟର ଇତିହାସ ଯେତେବେଳେ ବି ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡରଙ୍କ କଥା ମନେ ପକାଏ, ଗ୍ୟାରୀ ସୋବର୍ସଙ୍କ ନାମ ସବୁଠାରୁ ଶୀର୍ଷରେ ଉଚ୍ଚାରିତ ହୁଏ । ସେ କେବଳ ଏକ ଖେଳାଳୀ ନଥିଲେ, ବରଂ ନିଜେ ଏକ ସମ୍ପୂର୍ଣ୍ଣ କ୍ରିକେଟ ପାଠଶାଳା । ସେ ଖେଳପଡ଼ିଆ ଭିତରେ ଯାହା ସବୁ କରିପାରୁଥିଲେ, ତାହା ଆଜିର ଆଧୁନିକ କ୍ରିକେଟରେ ମଧ୍ୟ କଳ୍ପନା କରିବା ସହଜ ନୁହେଁ । ବ୍ୟାଟିଂ, ବୋଲିଂ ଓ ପଡିଆର ସ୍ଲିପ୍ ଅଞ୍ଚଳରେ ତାଙ୍କର ଚିତାବାଘ ଭଳି ଫିଲ୍ଡିଂ ତାଙ୍କୁ କ୍ରିକେଟ ପଡିଆର ୨୨ ଗଜ ବିଶିଷ୍ଟ ପିଚର ସର୍ବଶ୍ରେଷ୍ଠ ନାୟକ ରୂପେ ପରିଚିତ କରିଥିଲା ।

ଦି ରାଇଟ୍ ଏକ୍ସଲେଣ୍ଟ ସାର୍ ଗାରଫିଲ୍ଡ ସେଣ୍ଟ ଅବରୁନ୍ ସୋବର୍ସ, ଯିଏ କି ସାର୍ ଗ୍ୟାରୀ ବା ସାର୍ ଗ୍ୟାରୀ ସୋବର୍ସ ନାମରେ ଜଣାଶୁଣା । ପିଲାଦିନରୁ ହିଁ ତାଙ୍କର ବଲ୍ ସହିତ ଜଡ଼ିତ ପ୍ରାୟ ସମସ୍ତ ଖେଳ, ବିଶେଷ କରି କ୍ରିକେଟ୍, ଫୁଟବଲ୍ ଏବଂ ବାସ୍କେଟବଲ୍ ପ୍ରତି ଅତ୍ୟନ୍ତ ଆଗ୍ରହ ଥିଲା । କିନ୍ତୁ ତାଙ୍କର ପ୍ରାକ୍ ପ୍ରାଥମିକ ଶିକ୍ଷା ସମୟରେ ତାଙ୍କ ବିଦ୍ୟାଳୟ ତରଫରୁ ଆନ୍ତଃ-ବିଦ୍ୟାଳୟ କ୍ରିକେଟ୍ ଖେଳିବାର ସୁଯୋଗ ପାଇ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ । ଫଳରେ ତାଙ୍କୁ ୧୩ ବର୍ଷ ବୟସରେ ଦୁଇଟି ସ୍ଥାନୀୟ କ୍ରିକେଟ୍ ଦଳ ଯଥା ବାରବାଡୋସ୍ କ୍ରିକେଟ୍ ଲିଗ୍ ର କେଣ୍ଟ ସେଣ୍ଟ ଫିଲିପ୍ କ୍ଲବ୍ ଏବଂ ବାରବାଡୋସ୍ କ୍ରିକେଟ୍ ଆସୋସିଏସନ୍ ର ୱାଣ୍ଡରର୍ସ କ୍ଲବ୍ ରେ ସ୍ଥାନ ମିଳିଥିଲା । ଯେତେବେଳେ ସୋବର୍ସଙ୍କୁ ମାତ୍ର ୧୫ ବର୍ଷ ହୋଇଥିଲା ଅର୍ଥାତ୍ ୧୯୫୨-୫୩ ସିଜନ୍‌ରେ, କେନସିଙ୍ଗଟନ ଓଭାଲଠାରେ ଭାରତୀୟ ଦଳ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍ ପାଇଁ ବାରବାଡୋସ୍ ଦଳର ଟ୍ରାଏଲ୍ସ ପାଇଁ ଆମନ୍ତ୍ରଣ କରାଯାଇଥିଲା । ପ୍ରାରମ୍ଭରେ ସେ ଦ୍ୱାଦଶ ଖେଳାଳି ଭାବେ ମନୋନୀତ ହୋଇଥିଲେ ମଧ୍ୟ ଫ୍ରାଙ୍କ କିଙ୍ଗ ଆହତ ହେବା ଯୋଗୁଁ ତାଙ୍କୁ ଦଳରେ ସାମିଲ କରାଯାଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟତଃ ଜଣେ ବୋଲର ଭାବରେ ଖେଳୁଥିବା ସୋବର୍ସଙ୍କୁ ଶୀଘ୍ର ବ୍ୟାଟିଂ କ୍ରମରେ ପଦୋନ୍ନତି ମିଳିଥିଲା । ୧୯୫୮ ମସିହାରେ ପାକିସ୍ତାନ ବିପକ୍ଷରେ ସୋବର୍ସ ନିଜର ପ୍ରଥମ ଟେଷ୍ଟ ଶତକ ହାସଲ କରିବା ସହ ଏହାକୁ ୩୬୫ ରନ୍ (ଅପରାଜିତ)ରେ ପହଞ୍ଚାଇଥିଲେ ଏବଂ ଏକ ଇନିଂସରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରର ଏକ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ । ୧୯୯୪ ମସିହାରେ ବ୍ରାୟନ ଲାରା ୩୭୫ ରନ୍ କରିବା ପର୍ଯ୍ୟନ୍ତ ତାଙ୍କର ଏହି ରେକର୍ଡ ଭାଙ୍ଗି ନଥିଲା । ପଡ଼ିଆକୁ ଓହ୍ଲାଇଲେ ସେ ଏକାକୀ ଏକ ଦଳ ସଦୃଶ ପ୍ରତୀତ ହେଉଥିଲେ । ଜଣେ ବାମହାତୀ ଷ୍ଟାଇଲିସ୍ ବ୍ୟାଟର ଭାବେ ତାଙ୍କର ପ୍ରତ୍ୟେକଟି ସ୍ୱିଙ୍ଗିଂ ଷ୍ଟ୍ରୋକ୍ ପଡ଼ିଆକୁ କମ୍ପାଇ ଦେଉଥିଲା । ବିନା ହେଲମେଟ୍‌ରେ ଦୁନିଆର ସବୁଠାରୁ ମାରାତ୍ମକ ଦ୍ରୁତ ବୋଲରମାନଙ୍କ ସାମ୍ନା କରି ସେ ଯେଉଁ ସୌନ୍ଦର୍ଯ୍ୟପୂର୍ଣ୍ଣ ରନ୍ ସଂଗ୍ରହ କରୁଥିଲେ, ତାହା ଦର୍ଶକଙ୍କୁ ବିଭୋର କରୁଥିଲା । ୧୯୬୫ ମସିହାରେ ସୋବର୍ସଙ୍କୁ ୱେଷ୍ଟଇଣ୍ଡିଜ୍ ଦଳର ଅଧିନାୟକ କରାଯାଇଥିଲା, ଯେଉଁ ଦାୟିତ୍ୱରେ ସେ ୧୯୭୨ ପର୍ଯ୍ୟନ୍ତ ରହିଥିଲେ । ଯେଉଁ ସମୟରେ ରନ୍ ଗତିକୁ ଧୀମା ରଖି ଖେଳିବା ଟେଷ୍ଟ ଖେଳର ପରମ୍ପରା ଥିଲା, ସେ ସମୟରେ ସୋବର୍ସ

ବିଶ୍ୱ କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି ଭାବେ ନିଜର ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୬ଟି ବଲରେ ୬ଟି ଛକା ମାରି ଆଧୁନିକ ଟି-୨୦ର ଆଭାସ ବହୁତ ବର୍ଷ ପୂର୍ବରୁ ଦେଇ ସାରିଥିଲେ । ମୋଟ ଉପରେ, ସୋବର୍ସ ୱେଷ୍ଟଇଣ୍ଡିଜ୍ ପାଇଁ ୯୩ଟି ଟେଷ୍ଟ ମ୍ୟାଚ୍ ଖେଳି ୫୭.୭୮ ହାରରେ ୮,୦୩୨ ରନ୍ ସଂଗ୍ରହ କରିଥିଲେ । ୫,୦୦୦ରୁ ଅଧିକ ରନ୍ କରିଥିବା କ୍ରିକେଟରମାନଙ୍କ ତାଲିକାରେ ଟେଷ୍ଟ କ୍ରିକେଟରେ ତାଙ୍କର ବ୍ୟାଟିଂ ହାରାହାରି ପଞ୍ଚମ ସର୍ବୋଚ୍ଚ ଅଟେ ।

ନିଶ୍ଚିତ ଭାବରେ ଏହା କୁହାଯାଇ ପାରେ ଯେ ସେ ଦ୍ରୁତ ବୋଲିଂ ବିପକ୍ଷରେ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟର ଥିଲେ ।

ତାଙ୍କର ବହୁମୁଖୀ ପ୍ରତିଭା ଯୋଗୁଁ ସେ ଅର୍ଥୋଡକ୍ସ ସ୍ପିନ୍‌ଠାରୁ ଆରମ୍ଭ କରି ମଧ୍ୟମ ଦ୍ରୁତ ବୋଲିଂ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବାମହାତୀ ବୋଲିଂ କରିପାରୁଥିଲେ । ସେ ନୂଆ ବଲ୍‌ରେ ଦ୍ରୁତ ବୋଲିଂ,ପରିସ୍ଥିତି ଅନୁଯାୟୀ ଲେଫ୍ଟ ଆର୍ମ ଗୁଗ୍‌ଲି କିମ୍ବା ଫିଙ୍ଗର ସ୍ପିନ୍ କରୁଥିଲେ, ଯାହା ଅନ୍ୟ ସାଧାରଣ ବୋଲରଙ୍କ ତୁଳନାରେ ନିଆରା ଥିଲା । ଜଣେ ବୋଲର ଭାବରେ ସୋବର୍ସ ଅର୍ଥୋଡକ୍ସ ଲେଫ୍ଟ ଆର୍ମ ସ୍ପିନର ଭାବେ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପରେ ଲେଫ୍ଟ ଆର୍ମ ରିଷ୍ଟ ସ୍ପିନ୍ ଏବଂ ଗୁଗ୍‌ଲି ବୋଲିଂ କରିବାର ଦକ୍ଷତା ହାସଲ କରିଥିଲେ । ସୋବର୍ସ ଜଣେ ସିମର୍ ଭାବରେ ମଧ୍ୟ କାର୍ଯ୍ୟ କରିପାରୁଥିଲେ, ବେଳେବେଳେ ମାଧ୍ୟମ ଗତି ବ୍ୟବହାର କରୁଥିଲେ, କିନ୍ତୁ ସେ ଯେତେବେଳେ ଦ୍ରୁତ ବୋଲିଂ କରୁଥିଲେ ସେତେବେଳେ ଅଧିକ ପ୍ରଭାବଶାଳୀ ହେଉଥିଲେ । ନୂଆ ବଲ୍ ସହିତ, ସେ ଉଚ୍ଚ ଗତିରେ ବଲ୍‌କୁ ସୁଇଙ୍ଗ୍ କରାଇ ପାରୁଥିଲେ । ତାଙ୍କର ବୋଲିଂ ଆକ୍ସନ ଏକ ଢିଲା, ଶକ୍ତିଶାଳୀ ରନ୍-ଅପ୍ ଏବଂ ତା'ପରେ ଏକ ଚାବୁକ ପ୍ରହାର ଭଳି ଡେଲିଭରି ଥିଲା । ନିଜ କ୍ୟାରିୟରରେ ସେ ୨୩୫ଟି ୱିକେଟ୍ ମଧ୍ୟ ନେଇଛନ୍ତି । କେବଳ ବ୍ୟାଟିଂ ଓ ବୋଲିଂ ନୁହେଁ ଫିଲଡ଼ିଂ କ୍ଷେତ୍ରରେ ମଧ୍ୟ ସେ ଜଣେ ଚମତ୍କାର କ୍ଷେତ୍ର ରକ୍ଷକ ଥିଲେ । ଜଣେ ଫିଲ୍ଡର ଭାବରେ ସେ ପ୍ରାୟତଃ ୱିକେଟ୍ ନିକଟରେ ରହୁଥିଲେ ମଧ୍ୟ ସେ ଜଣେ ଚମତ୍କାର ଆଉଟ୍‌ଫିଲ୍ଡର ଥିଲେ । ୧୯୮୮ ମସିହାରେ ନର୍ମାନ୍ ମେ'ଙ୍କୁ ଦେଇଥିବା ଏକ ସାକ୍ଷାତକାରରେ, ଅଷ୍ଟ୍ରେଲିଆର ମହାନ ବ୍ୟାଟର ତଥା କ୍ରିକେଟ ପ୍ରଶାସକ ସାର୍ ଡୋନାଲ୍ଡ ବ୍ରାଡ୍‌ମ୍ୟାନ ସୋବର୍ସଙ୍କୁ ତାଙ୍କ ଦ୍ୱାରା ଦେଖାଯାଇଥିବା ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡର ଭାବେ ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ଶୈଳୀ ଓ ଜ୍ଞାନକୌଶଳର ମୂଲ୍ୟାଙ୍କନ କରି କହିଥିଲେ: 'ଗ୍ୟାରୀ ସୋବର୍ସ ମୁଁ ଦେଖିଥିବା ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡ କ୍ରିକେଟର ବୋଲି କହିବାକୁ ମୋର କୌଣସି ଦ୍ୱିଧା ନାହିଁ' । ଏତଦବ୍ୟତୀତ କ୍ରିକେଟ ପ୍ରତି ସୋବର୍ସଙ୍କର ନିର୍ଭୀକ ଓ ସ୍ପଷ୍ଟ ଆଭିମୁଖ୍ୟ ହିଁ ତାଙ୍କୁ ଜଣେ ଜନପ୍ରିୟ ନାୟକ ମଧ୍ୟ କରିପାରିଥିଲା । କ୍ରୀଡ଼ାବିତ୍ ସୁଲଭ ମନୋଭାବର ପ୍ରତୀକ ଜଣେ ଅଧିନାୟକ ଓ ଖେଳାଳି ଭାବେ ସୋବର୍ସ ସର୍ବଦା 'ଭଦ୍ରଲୋକଙ୍କ ଖେଳ'ର ଗାରିମା ରକ୍ଷା କରୁଥିଲେ । ଜିତିବା ଅପେକ୍ଷା ଖେଳକୁ ସଠିକ୍ ଭାବେ ଖେଳିବା ତାଙ୍କ ପାଇଁ ବଡ଼ ଥିଲା । ସେ ନିଜର ଦଳକୁ ସଶକ୍ତ କରିବା ସହ ୱେଷ୍ଟଇଣ୍ଡିଜ୍ କ୍ରିକେଟର ସୁବର୍ଣ୍ଣ ଯୁଗର ମୂଳଦୁଆ ପକାଇଥିଲେ । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କାରିବିଆନ୍ ଦ୍ୱୀପପୁଞ୍ଜର ଅନେକ ଯୁବକ କ୍ରିକେଟ୍‌କୁ ନିଜର କ୍ୟାରିୟର୍ ଭାବେ ଗ୍ରହଣ କରିଥିଲେ । କ୍ରିକେଟ ପ୍ରତି ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ୧୯୭୫ ମସିହାରେ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଦ୍ୱାରା ସୋବର୍ସଙ୍କୁ 'ନାଇଟ୍‌ହୁଡ୍' (ସାର୍) ଉପାଧି ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ, ୧୯୯୮ ମସିହାରେ ସଂସଦର ଏକ ଅଧିନିୟମ ଦ୍ୱାରା ସୋବର୍ସଙ୍କୁ ବାରବାଡୋସ୍‌ର ୧୧ ଜଣ ଜାତୀୟ ନାୟକଙ୍କ ମଧ୍ୟରୁ ଜଣେ ଭାବେ ନାମିତ କରାଯାଇଥିଲା, ୧୯୫୮, ୧୯୬୦, ୧୯୬୨, ୧୯୬୪-୬୬, ଏବଂ ୧୯୭୦ ଓ ୨୦୦୯ ମସିହା ନିମନ୍ତେ ଉଇଜଡ୍ଡେନ କ୍ରିକେଟର ଅଫ୍ ଦି ଇୟର ଆୱାର୍ଡ ପ୍ରଦାନ କରାଯାଇଥିଲା । ୨୦୦୩ ମସିହାରେ ତାଙ୍କୁ ଅଫିସର ଅଫ୍ ଦି ଅର୍ଡର ଅଫ୍ ଅଷ୍ଟ୍ରେଲିଆ ଭାବେ ନିଯୁକ୍ତି କରାଯିବା ସହ ୨୦୦୪ ମସିହାରେ ସୋବର୍ସଙ୍କୁ ଆଇସିସି କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା ଓ ୨୦୦୦ ମସିହାରେ ଉଇଜଡ୍ଡେନ କ୍ରିକେଟରର୍ସ ଅଫ୍ ଦି ସେଞ୍ଚୁରୀ ପାଇଁ ସେ ମନୋନୀତି ହୋଇଥିଲେ । ୨୦୦୪ ମସିହାରେ, ଆନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍, ସାର୍ ଗାରଫିଲ୍ଡ ସୋବର୍ସ ଟ୍ରଫିର ଶୁଭାରମ୍ଭ କରିଥିଲା, ଯାହା ପ୍ରତିବର୍ଷ ଆଇସିସି ଦ୍ୱାରା ବର୍ଷର ଶ୍ରେଷ୍ଠ ଖେଳାଳିଙ୍କୁ ପ୍ରଦାନ କରାଯାଏ ।

ଗତ ଜୁଲାଇ ମାସ ସତର ତାରିଖ ଦିନ ଏହି କିମ୍ବଦନ୍ତୀ ଖେଳାଳିଙ୍କର ମହାପ୍ରୟାଣ ଘଟିବା ସହ କ୍ରିକେଟ ଜଗତର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅନ୍ତ ଘଟିଛି । ଆଜି ପ୍ରଯୁକ୍ତିବିଦ୍ୟା, ଭିଡିଓ ଆନାଲିସିସ୍ ଏବଂ ସ୍ପେଶାଲିଷ୍ଟ କୋଚ୍‌ମାନଙ୍କ ଗହଣରେ ବି ଗ୍ୟାରୀ ସୋବର୍ସଙ୍କ ଭଳି ପରିପୂର୍ଣ୍ଣ ଅଲ୍‌ରାଉଣ୍ଡର ଜନ୍ମ ହେବା କଷ୍ଟକର ହେଉଛି । ସୋବର୍ସ ପ୍ରମାଣ କରିଥିଲେ ଯେ ପ୍ରକୃତ ପ୍ରତିଭା କୌଣସି ସୀମା ବା ବ୍ୟବସ୍ଥାର ମୋହତାଜ୍ ନୁହେଁ । କ୍ରିକେଟ୍ ଇତିହାସର ପୃଷ୍ଠାରେ ସାର୍ ଗ୍ୟାରୀ ସୋବର୍ସଙ୍କ ନାମ ସର୍ବଦା ଏକ ମାଇଲଖୁଣ୍ଟ ହୋଇ ରହିବ, ଯିଏ ବିଶ୍ୱକୁ ଶିଖାଇଥିଲେ ଯେ ଖେଳପଡ଼ିଆରେ କେମିତି ସର୍ବଗୁଣ ସମ୍ପନ୍ନ ହୋଇପାଇଛନ୍ତି ।

ଆଜିର କ୍ରିକେଟରେ ଖେଳାଳିମାନେ କେବଳ ବ୍ୟାଟିଂ କିମ୍ବା ବୋଲିଂ ଉପରେ ଅଧିକ ଧ୍ୟାନ ଦେଉଥିବା ବେଳେ, ଗ୍ୟାରୀ ସୋବର୍ସଙ୍କ ଜୀବନୀ ଶିଖାଏ ଯେ କଠିନ ପରିଶ୍ରମ ଓ ବହୁମୁଖୀ ପ୍ରତିଭା ଦ୍ୱାରା ଜଣେ କେମିତି ପ୍ରତିଟି କ୍ଷେତ୍ରରେ ଶ୍ରେଷ୍ଠ ହୋଇପାରେ । କ୍ରିକେଟ୍ ଖେଳ ଯେ ପର୍ଯ୍ୟନ୍ତ ରହିଥିବ, ସାର୍ ଗ୍ୟାରୀ ସୋବର୍ସଙ୍କ ନାମ ୨୨ ଗଜର ସବୁଠାରୁ ଦେଦିପ୍ୟମାନ ଏବଂ ପ୍ରେରଣାଦାୟୀ ନକ୍ଷତ୍ର ଭାବେ ପ୍ରତ୍ୟେକ ଯୁବ ଖେଳାଳିଙ୍କୁ ପ୍ରେରଣା ଯୋଗାଉଥିବ ।

+ଅଧ୍ୟାପକ, ବାଣିଜ୍ୟ ବିଭାଗ,
କଟକ
ମୋ:୯୪୩୮୦୭୦୮୪୯

# ମଧୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ସାକ୍ଷାତ



ଡ଼ଃ.ଅରୁନ୍ଧତୀ ଦେବୀ

କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଅଥବା ଭୂମିକାରେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ ସିଏ ଥିଲେ ଦେଶର ନାମକରା ଆଇନଜୀବୀ । ଲୋକେ ତାଙ୍କୁ କହୁଥିଲେ ମଧୁ ବାରିଷ୍ଟର । କିନ୍ତୁ ତା ସହିତ ସିଏ ଥିଲେ ସଂଗ୍ରାମୀ, ସମାଜ ସଂସ୍କାରକ । ସିଏ ଥିଲେ ଶିଳ୍ପପତି । ଯିଏ ଥିଲେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାର । ଆଉ ମା'-ମାଟି-ମାତୃଭାଷା ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରି ଦେଇଥିବା ଜଣେ ସ୍ୱାଭିମାନୀ ପୁରୁଷ । କଟକ ଥିଲା ତାଙ୍କର ଜନ୍ମଭୂମି ଆଉ କର୍ମଭୂମି । କିନ୍ତୁ ତାଙ୍କର ପରିଚୟ ଏରାଜ୍ୟ, ଏ ଦେଶର ସୀମା ସରହଦ ଟପି ବିଶେରେ ବି ପରିବ୍ୟାପ୍ତ ଥିଲା । ସିଏ ଥିଲେ ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି । ସେ ଥିଲେ ଓଡ଼ିଆ ଜାତିର ମୁରବି । ସିଏ ଥିଲେ ଓଡ଼ିଶା ଭାଷାର ସଂରକ୍ଷକ । ସିଏ ଥିଲେ ଓଡ଼ିଶା ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ । ସେଇଥି ପାଇଁ ତ ଶ୍ରଦ୍ଧା ଆଉ ସମ୍ମାନରେ ଏ ଜାତି ତାଙ୍କୁ କୁହେ କୁଳବୃଦ୍ଧ । ସେଇଥିପାଇଁ ତ ସେ ଥିଲେ ଏ ମାଟିର ଗୌରବ । ଉତ୍କଳ ଗୌରବ ମଧୁସୂଦନ ଦାସ ।

ଠିକ ଶହେ ବର୍ଷ ତଳେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭେଟ ହୋଇଥିଲା । ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା କଟକ ଗସ୍ତ ସମୟର କଥା । ସେ ଦିନ କଟକରେ ପହଞ୍ଚିବା ପରେ ଗାନ୍ଧୀ ପ୍ରଥମେ ବିନୋଦ ବିହାରୀ ପୂଜା ମଣ୍ଡପରେ ଆୟୋଜିତ ସଭାରେ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ମହିଳାଙ୍କୁ ସୁନା, ରୂପା, ଗହଣା ମାଗିଥିଲେ । ବହୁ ମହିଳା ହାତ ଓ ବେକରୁ ଗହଣା କାଢ଼ି ଦାନ ଦେଇଥିଲେ । ଏହି ମହିଳାଙ୍କ ମଧ୍ୟରେ ଥିବା ମଧୁବାବୁଙ୍କ ଝିଆରୀ ମା' ରମାଦେବୀ ଗାନ୍ଧୀଙ୍କୁ ଖଦି ସୂତା ଉପହାର ଦେଇଥିଲେ । ସୂତା ଦେଖି ଗାନ୍ଧିଜୀ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏହି ଘଟଣାରୁ ଗାନ୍ଧିଜୀ ମଧୁବାବୁଙ୍କ ବିଷୟରେ ଶୁଣିଲେ । ମଧୁବାବୁ ପଥର ଅରଟରେ ସୂତା କାଟୁଥିବା ଜାଣିବାକୁ ପାଇଲେ । ସେ ସମୟରେ ମଧୁବାବୁ କଂଗ୍ରେସ ଛାଡ଼ି ଥିଲେ ଏବଂ ଉତ୍କଳ ଟ୍ୟାନେରି ସମେତ ତାରକସି କାରଖାନାରେ ବ୍ୟସ୍ତ ରହୁଥିଲେ । ମଧୁବାବୁଙ୍କ ବାସଭବନ ଏବେର ଶୈଳବାଳା ମହିଳା କଲେଜରେ ରହୁଥିଲେ । ୧୯୨୫ ଅଗଷ୍ଟରେ ଦ୍ୱିତୀୟ ଓଡ଼ିଶା ଗସ୍ତରେ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଭେଟିବାକୁ ଆସିଥିଲେ । ଗାନ୍ଧିଜୀଙ୍କ ସହ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦୀ ମଧ ଆସିଥିଲେ । ଗାନ୍ଧିଜୀ ମଧୁବାବୁଙ୍କ ବାସ ଭବନରେ ଅଗଷ୍ଟ ୧୮ ଓ ୧୯ ତାରିଖ ଦୁଇ ଦିନ ପାଇଁ ରହିଥିଲେ । ସେତେବେଳେ ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇଥିଲେ ।

ଆଲୋଚନା ପ୍ରସଙ୍ଗରେ ମଧୁବାବୁ ତାଙ୍କୁ ଉତ୍କଳ ଟ୍ୟାନେରି ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ । ଉତ୍କଳ ଟ୍ୟାନେରି ଜେକେବିକେ ଓଏମପି ଅଞ୍ଚଳରେ ୩୩ ଏକର ଜମିରେ ପ୍ରତିଷ୍ଠା ହୋଇଥିଲା । ଉତ୍କଳ ଟ୍ୟାନେରି ଚମଡ଼ କସାଠୁ ଆରମ୍ଭ କରି ଚୂଡ଼ାନ୍ତ ଚମଡ଼ା ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକ କାର୍ଯ୍ୟ କରୁଥିଲେ । ଗାନ୍ଧିଜୀ ବୁଝିଗଲେ, ଉତ୍କଳ ଟ୍ୟାନେରି କେବଳ ଲୋକଙ୍କୁ ନିଯୁକ୍ତି ଦେଇ ନଥିଲା, ଏହା ଥିଲା ଅସ୍ପୃଶ୍ୟତା ନିବାରଣର ପ୍ରୟୋଗଶାଳା । ମଧୁବାବୁଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ଦେଶପ୍ରେମ ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିଲା । ସାବରମତୀ ଆଶ୍ରମରେ ଉତ୍କଳ ଟ୍ୟାନେରି ଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମଧୁବାବୁଙ୍କୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ । ପରବର୍ତ୍ତୀ ସମୟର ନାରୀ ଶିକ୍ଷା ପାଇଁ ମଧୁବାବୁଙ୍କ ବାଳିକା ହାଇସ୍କୁଲ ପ୍ରତିଷ୍ଠା ପାଳିତ କନ୍ୟା ସୁଧାଂଶୁବାଳା ହାଜରାଙ୍କୁ ଓକିଲାତି କରିବା ସୁଯୋଗ ଦେବା ଆଦି ବିଷୟରେ ଗାନ୍ଧିଜୀ ଜାଣିବାକୁ ପାଇଲେ ।

୧୯୨୬ ମସିହା ସେବାଗ୍ରାମ ଶିକ୍ଷା ସମ୍ମିଳନୀରେ ଉଦବୋଧନ ଦେଇ ଗାନ୍ଧିଜୀ କହିଥିଲେ ଯେ ୟୁରୋପରେ ଜଣେ ଲିଓ ଟଲଷ୍ଟୟ ଅଛନ୍ତତି ଓ ଆଉ ଜଣେ ଲିଓ ଟଲଷ୍ଟଏ ଓଡ଼ିଶାରେ ରହୁଛନ୍ତି । ମଧୁବାବୁଙ୍କୁ ସେ ଲିଓ ଟଲଷ୍ଟୟ ଭାବେ ସମ୍ବୋଧନ କରିଥିଲେ । ୧୯୩୪ଫେବୃଆରୀ ୨୮ରେ ମଧୁବାବୁଙ୍କ ଦେହାନ୍ତ ପରେ ସେହି ବର୍ଷ ମେ ୨୧ ତାରିଖରେ ଗାନ୍ଧିଜୀ ସତ୍ୟଭାମାପୁର ଜନ୍ମପୀଠକୁ ଆସି ରାତ୍ରିଯାପନ କରିଥିଲେ । କିନ୍ତୁ ସେ ଘରେ ନଶୋଇ ଛାତ ଉପରେ ମସିଣା ପକାଇ ଶୋଇଥିଲେ । ୧୯୨୫ ମସିହାରେ ଗାନ୍ଧିଜୀ ଓ ମଧୁବାବୁଙ୍କ ସାକ୍ଷାତକୁ ମଧୁବାବୁଙ୍କ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା ମୋଦି ଓ ତନ୍ତିଙ୍କ ସାକ୍ଷାତ ଭାବେ ଉଲ୍ଲେଖକରିଛନ୍ତି । ୧୯୫୨ ମସିହାରେ ମଧୁବାବୁଙ୍କ ସତ୍ୟଭାମାପୁରସ୍ଥିତ ପୈତୃକ ଜମି ବିକ୍ରି କଥା ଉଠିବାରୁ ମଧୁବାବୁ ଓ ଗାନ୍ଧିଜୀଙ୍କ ସ୍ମୃତି ବହନ କରୁଥିବା ଏହି ଜମିକୁ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀନିଧି ୮୨ ହଜାର ଟଙ୍କା ଦେଇ କିଣିଥିଲେ । ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହେରୁ, ଅବଦୁଲ କଲାମ ଆଜାଦ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଜମି କ୍ରୟ କରିଥିଲେ ।

ଆଜିର ସମୟରେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ସ୍ମରଣକୁ ଆସୁଛି । ମଧୁବାବୁଙ୍କ ବ୍ୟକ୍ତିତ୍ୱ ମର୍ଯ୍ୟାଦା ସ୍ୱାଭିମାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ ଏ ଓଡ଼ିଶା ପାଇଁ । ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ, ଏ ଜାତିର ମୁରବୀ, ଭାଷାର ସଂରକ୍ଷକ ଓଡ଼ିଆ ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ । ଉତ୍କଳ ଜନନୀର ଏହି ମହାନ ସନ୍ତାନକୁ କୋଟି କୋଟି ପ୍ରଣାମ ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦

କବିତା କୋଣାର୍କ

# ଫୁଲଟେ ଫୁଟିଲା ପରେ....

ସୁଜିତ କୁମାର ମିଶ୍ର



ଫୁଲଟେ ଫୁଟିଲା ପରେ
ସୁକୋମଳ ହୁଏ ପୃଥିବୀ ଆଉ ତାର
ପ୍ରେମ ଛବି

କିଏ ଯେମିତି ଆଙ୍କି ଦିଏ
ନୂତନ ଅରୁଣିମାର ପ୍ରୀତି ପୂରବୀ ।

ଜହ୍ନ ତା ହୃଦୟ ନଇଁ ଆସେ
କଇଁ ପାଇଁ
ବହୁଥାଏ ବେଶ୍ ଭାବାବେଗର
ଗୀତି ନଈ ।

ମନ ମନ୍ଦିରରେ ଘଣ୍ଟି ବାଜେ
ମନ୍ତ୍ର ଆଳତିରେ
ନିରାଜନା ହୁଏ ଆତ୍ମା ଦୀପ
ଆରମ୍ଭ ହୁଏ
ଭାବନାର ଧ୍ୟାନ ତପ ।

ଆଖି ମଳି ମଳି ଉଠନ୍ତି ଜେଜେ
କାଉ ପରି ରାଉ ରାଉ ହୋଇ
ଉଠାନ୍ତି ସଭିଙ୍କୁ
ତାକଂ ମାଲିକାନାରେ
ଭାଙ୍ଗେ ଅଳସପଣ
ଫୁଲର ପ୍ରାର୍ଥନା ପରି ଜେଜେଙ୍କ
ତମାମ୍ ଜୀବନ ସମର୍ପଣ ।

ଅନ୍ଧକାର କାବୁ କରି ରଖିଥିବା
ଘରର କବାଟ ଝରକା ସବୁ ଖୋଲେ
ଆକାଶରୁ ଦରଦୀ ବର୍ଷା
ଅନବରତ ଝରେ,
ଫୁଟିଲା ଫୁଲ ଦେଖିଲେ
କୁନିଝିଅର କାନ୍ଦିଲା ଓଠକୁ
ଫଗୁଣର ହସ ସବୁ ଫେରେ ।

ମୁହଁ ତାତିଲା କ୍ଷେତ ସବୁ
ପୂଜା ପାଆନ୍ତି ଏଇ ଫୁଲର ମହକରେ,
ଚଷା ଭାଇ ତ ତା ଫୁଲର ହୃଦୟକୁ
ବିଛେଇ ଥାଏ
ତା ଆହାର ଅଗଣାରେ,
ଫୁଲଟେ ଫୁଟିଲା ପରେ
ଜୀବନ ହୁଏ ପବନ ପରି ଚଳ ଚଂଚଳ
ପକ୍ଷୀ ପରି ଉଡାଣରେ ।

ରୂପସୀ ସଜେଇ ଦିଏ ତା
କୃଷ୍ଣ କବରୀକୁ
ପ୍ରଣୟର ଗୀତ ଗାଇ,
ପିନ୍ଧେ ସେ ଫୁଲ ପକା ଶାଢୀ,
ଚିତ୍ରିତ ହୁଏ ତା
ରୂପା ଶଗଡୀ...

କିଏ କରେ ତା ବାତୁଳୀ ମନକୁ ଚୋରୀ ।

କବିତା ଗଜାଏ
କେଉଁ ପରିଚିତ ବାସ୍ନାର ପ୍ରଲେପରେ,
ମହମହ ବାସୁଥାଏ
ସର୍ଜନାର ସରହଦ
ଯେଉଁଠି ଥାଏ ପକ୍ଷୀର କାକଳି
ପ୍ରାଣର ପୁଲକିତ ଛନ୍ଦ
କେଉଁ ଅନନ୍ତ ଭାବର ପ୍ରବାହରେ
କଙ୍କାଳର ଦେହକୁ ଛୁଉଁଥାଏ
କରୁଣାର ମକରନ୍ଦୀୟ ମାନବବାଦ ।

କ୍ଷତର ଫାଟ ସବୁ ହୁଏ
ଅନୁକମ୍ପାର ଚନ୍ଦନ,
ପୀଡିତ ଦେହ ପିନ୍ଧେ
ଶାନ୍ତ୍ୱନାର ମେଘ ମାଳା
ଜହ୍ନରାତି ହୁଏ ଯୌବନର ଜ୍ୱାଳା ।

ଫୁଲ ଫୁଟିଲା ପରେ
ସକାଳ ସଜାଡେ ରାତିକୁ
ମାଆର ଅମୃତ ପଣତ ପରି
ନାଚୁଥାଏ ବନ୍ଧନର ଗୁଡି ନଟି
ସ୍ୱପ୍ନ ଫୁଲ ସବୁ
ଆଶାର ଡାଳରେ ଏକାନ୍ତରେ ଫୁଟି ।


ଫୁଲ ଫୁଟିଲା ପରେ
ମୌନ ଆକାଶ ବି ମୌସୁମୀ ପରି
ହସୁଥାଏ ମେଘ କଜଳର ଛୁଆଁରେ ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ସିଝୁବୁଦା



ବିଜୟଲକ୍ଷ୍ମୀ ପାଣିଗ୍ରାହୀ



ଅଠର ବର୍ଷ ଡେଇଁ ଏଇ ଚାଲିଛି ଛଅମାସ। ମୁଣ୍ଡ ଉପରରୁ ଖସି ସାରିଛି ଦ୍ୱାଦଶ ପରୀକ୍ଷାର ବୋଝ। ହେଲେବି ଆଖି ଆଉ ଖସୁନାଇଁ ଖାତା ଉପରୁ। ସାର୍ଥକ କ'ଣ ଗୋଟେ ଲେଖାଲେଖିରେ ବେଳ ଅବେଳ ଭୁଲି ଯାଉଛି। ରେଣୁକା ଭାବିଲା ପୁଅ ପାଠରେ ମନ ଦେଲାଣି। ଟେଲରିଂ କରିବା ବ୍ୟସ୍ତତାରେ ପୁଅର କାମରେ ମୁଣ୍ଡ ଖେଳାଇ ପାରୁ ନାହିଁ ସିନା, ନ ହେଲେ ଏମିତି ନାହିଁ ଯେ ସେ ଜାଣି ପାରିବ ନାହିଁ ପୁଅ ପାଠ ପଢୁଛି କି ଆଉ କିଛି କରୁଛି। ଏଇତ ବର୍ଷେ ହେଲା ସେ ମଧ ବହିରୁ ମୁହଁ ଫେରାଇଛି। ପୁଅ ସାର୍ଥକ ପୂର୍ବରୁ ସେ ମେଟ୍ରିକ ପରୀକ୍ଷା ଦେଇଥିଲା ଯେ ଲେଖା ଅଭ୍ୟାସ ଛାଡି ଯାଇଥିବାରୁ ଅସଫଳ ହୋଇଗଲା ସିନା ତା'ପରେ ପୁଅ ସାଥିରେ ପୁଣି ପରୀକ୍ଷା ଦେଇ ଦଶମ ପାଶ କଲା।

ସେଦିନ ସୁଧୀର ଦୁଇ ପ୍ରକାର ମିଠା ନେଇ ଘରକୁ ଆସିଥିଲେ। ମୁଁ ପଚାରିବାରୁ କହିଲେ ମାଆ ପୁଅ ଦୁଇଜଣ ଏକା ଥରକରେ ମେଟ୍ରିକ ପାଶ କଲେ ତ ସେଥିପାଇଁ ଦୁଇ ପ୍ରକାର ମିଠା। ମନଟା ମୋର କୁଣ୍ଢେମୋଟ ହୋଇଗଲା। ମାଆ ପୁଅର ପାଶ ହେବା ଖବର ପାଇ ନୁହେଁ ବରଂ ସୁଧୀରର ଖୁସି ଆଉ ଗର୍ବ ଦେଖି। ନିଜେ ଦଶମ ଫେଲ ହୋଇଥିବାରୁ ଭାଇମାନଙ୍କ ପରି ଚାକିରି ବାକିରି କରିପାରିଲେ ନାହିଁ। ଅଟୋ ଚଲେଇ ଘର ଚଳାଇଲେ। ହେଲେ ଆଜି ପାଠର ମହତ୍ୱ ବୁଝି ସ୍ତ୍ରୀ ଆଉ ପୁଅକୁ ପାଠ ପଢ଼ାଉଛନ୍ତି। ହଁ ପୁଅ ଇଂରାଜୀ ବିଦ୍ୟାଳୟରେ ଆଉ ସ୍ତ୍ରୀ ଓଡିଶା ମୁକ୍ତ ରାଜ୍ୟ ମହାବିଦ୍ୟାଳୟରେ।

ଆଉ କେତେଦିନ ଆଗରୁ କେହି ଏ ଧାରଣା ଦେଇ ନ ଥିଲେ ରେଣୁକାକୁ। ଯୌଥ ପରିବାରରେ ରାନ୍ଧ... ପରଶ ଆଉ ଖାଅ , ଏହା ଭିତରେ କଟିଗଲା ବାହାଘରର ବାର ବର୍ଷ। ପରେ ପରେ ଭାଇ ଭାଗ ହେବାରୁ ଚିନ୍ତା ବଢ଼ିଲା। ଘର କେମିତି ଚଳିବ ? ଦିନେ ଗଛରେ ପାଣି ଦେଉ ଦେଉ ରେଣୁକା ତା'ର ଦୁଃଖ କହିଲା । କ'ଣ ବା ତାକୁ ବୋଧ ଦେବି ଭାବି ଟେଲରିଂ କଥା କହିଥିଲି। ଘରକୁ ଡାକି ନିଜ ମେସିନ ଦେଖାଇ ବୁଝାଇଥିଲି କେମିତି ଦୁଇ ଟଙ୍କାରେ କିଣିଥିବା ସୂତା ବିଣ୍ଡିଟିଏରେ କେତେ ସିଲାଇ ହୋଇପାରେ ଆଉ ତାହା ପୁଣି ମରାମତି କାମରେ। ଅନ୍ତତଃ କାମ ମିଳିଗଲେ ଦୁଇ ଟଙ୍କାରେ ଦୁଇ ଶହ ମଧ ଲାଭ କରାଯାଇ ପାରେ। ମେଡ଼ିସିନ ଭଳି କଥାଟା ଭଲ କାମ କରିଥିଲା। ରେଣୁକା ଖାଲି ମରାମତି କାମ କଲାନାହିଁ, ତାହା ସହିତ ସିଲାଇ ଶିଖିବା ଆରମ୍ଭ କରି ଦେଇଥିଲା।

ଟେଲରିଂ ଶିଖି ସିଲାଇ କରୁ କରୁ କେତେବେଳେ ସେ ଟେଲରିଂ ମାଷ୍ଟରାଣୀଟିଏ ହୋଇଗଲାଣି ତା' ଭିତରେ। ଦିନେ ଏମିତି ଏକ ଖଟି କରୁ କରୁ କହିଲା, ନାନୀ ଟିକେ ସାହାଯ୍ୟ କରୁନ, ଆଉ ଗୋଟେ ମେସିନ ଆଣନ୍ତି। ମୁଁ କହିଲି ପାଠ ଶାଠ ଦି ଅକ୍ଷର ପଢିଥିଲେ ଏତେବେଳକୁ ସାହାଯ୍ୟ କରିଥାନ୍ତା ଅନ୍ତତଃ ସାର୍ଟିଫିକେଟ ରଖି ଲୋନ୍ ବି ମିଳିପାରିଥାନ୍ତା। ହେଉ ଦେଖିବା କିଛି ଗୋଟାଏ କରିବା ନିଷ୍ଚୟ।

ତା'ପରଠାରୁ ତା'ପାଖରେ ସବୁ ଖବର। କେବେ ଫର୍ମ ବାହାରିବ, କେବେ ନାଁ ଲେଖା ହେବ, କେଉଁଠି ପରୀକ୍ଷା ସେଣ୍ଟର ପଡିବ ଇତ୍ୟାଦି ଇତ୍ୟାଦି। ସେ ଯାହା ହେଉ ଦଶମ ପରେ ଦ୍ୱାଦଶ ପରୀକ୍ଷା ମଧ ମାଆ ପୁଅ ମିଶିକି ପାଶ କଲେ। ହେଲେ ଏବେ ବୟସ ଗଡ଼ିବା ଉତ୍ତାରୁ ଆଉ ସାର୍ଟିଫିକେଟ କ'ଣ କରିବ ଭାବି ପୁଅକୁ ଛାଡିଲା ବିଏ ପଢିବାକୁ।

ଆଜିକାଲି ସାର୍ଥକର ଗୋଟିଏ କଥା। ତାକୁ ବାଇକ ଦରକାର। ସେଥିପାଇଁ ସେ ଡ୍ରାଇଭିଂ ଲାଇସେନ୍ସ କରିବ। 'ଆରେ ବାପା! ଏଇତ ବର୍ଷେ ତଳେ ଅଝଟ ହେଲୁ ବୋଲି ଆଇ-ଫୋନ ଧରିଲୁ। ସେଇଟା ପୁଣି ମାଆର ଭଙ୍ଗା କାନଫୁଲ ବିକ୍ରି କରି। ଏବେ ଏବେ ବାଇକ କିଣିବାକୁ ଏତେ ଟଙ୍କା ଆସିବ କୁଆଡୁ? ବଡ କଷ୍ଟରେ ଟେଲରିଂ ଆଉ ରାସନ ଦୋକାନରୁ ସଞ୍ଚୟ ହୋଇଛି ଦେଢ଼ ଲକ୍ଷ ଟଙ୍କା। ହେଲେ ବର୍ଷା ଦିନେ ଘର ଛାତରୁ ପାଣି ଗଳୁଥିବାରୁ ଏ ବର୍ଷ ଆଉ ରହି ହେବନି। ଛାତ ମରାମତି ହେଉ ନହେଲେ ଉପରେ ଟିଣ ପକାଇବାକୁ ହେବ'। ଏହିକଥା ଦିନେ ଖାଇବା ସମୟରେ ରେଣୁକା କହି ଦେଇଥିଲା ଯେ, ସେହିଦିନୁ ପୁଅର ବାଇକ ନିଶା ଚଢ଼ିଛି। ମାଆକୁ ଫୁସୁରେଇଛି ବାଇକଟିଏ ବନ୍ଧା ରଖିବାକୁ। ତା' ସାଙ୍ଗର ବାପା କୁଆଡେ କହୁଥିଲେ ଯେ, ତାଙ୍କ ସମ୍ପର୍କୀୟଙ୍କର ବାଇକଟିଏ ଅଛି। ସେ ବିକ୍ରି କରିବେ ନାହିଁ। ବର୍ଷେ ପାଇଁ ବନ୍ଧା ଦେଇ ଲକ୍ଷେ ଟଙ୍କା ପାଇଲେ ତାଙ୍କ ସ୍ତ୍ରୀଙ୍କର ଆଖି ଅପରେସନ କରିବେ। ତେଣୁ ବାଇକଟିକୁ ବନ୍ଧା ରଖାଯାଉ। ବର୍ଷା ଦିନ ପୂର୍ବରୁ ତାଙ୍କଠାରୁ ଟଙ୍କା ଆଣି ଘର କାମ କରାଯାଇପାରିବ। ପୁଅର ଖୁସି ପାଇଁ ରେଣୁକା କିଛି କହି ପାରିଲା ନାହିଁ। ବାଇକ ବନ୍ଧା ରଖିଥିଲା।

ଏ କଥା ତାଙ୍କ ଘରର। ମୁଁ ବା ଜାଣନ୍ତି କାହିଁକି? ଅଗଷ୍ଟ ମାସ ପନ୍ଦର ତାରିଖରେ ମିଠା ଧରି ସୁଧୀର ଘରକୁ ଆସିଥିଲେ । ମୁଁ କହିଲି ଏବେ ତ କିଛି ପରୀକ୍ଷାର ଫଳାଫଳ ବାହାରିନି। ହେଲେ ମିଠା...?

ସୁଧୀରଙ୍କର ହସ ଦେଖି ମୁଁ ଠଉରେଇଦେଲି ଯେ ଆଜି ତାଙ୍କର ଜନ୍ମଦିନ। ବାସ୍ ଭାଉଜ ଦିଅର ଟିକେ ଦୁଃଖ ସୁଖ ହେଉ ହେଉ ସେ କହିଲେ, ରେଣୁକା ତାଙ୍କ ବାପାଘରକୁ ଯାଇଛନ୍ତି।

ତାଙ୍କ ସମ୍ପର୍କୀୟଙ୍କର ଦେହାନ୍ତ ଖବର ଶୁଣି। କାଲି ଆମେ ବାପାପୁଅ ବାଇକରେ ଯାଇଥିଲୁ।

'ବାଇକ ଗୋଟେ କିଣିଲ କି? ସାର୍ଥକ ବାଇକ ଚଳାଇବା ମୁଁ ଦେଖିଛି। ଭାରି ସ୍ପିଡ଼ରେ ଚଳାଉଛି। ତାକୁ ତାଗିଦ କର। ଏ ସବୁ ଭଲ ନୁହେଁ'। ଏତିକି କଥା ଶୁଣି ସେ କଥାରେ ଖିଅ ଲଗାଇ କହିଲେ, 'ହଁ ଭାଉଜ, କି ସ୍ପିଡ଼ ଚଳାଉଚଛି ସେ ! କାଲି ମୁଁ ତା' ବାଇକ ପଛରେ ବସିଥିଲି ଯେ, ମୋ ଗାଲ ଥରି ଯାଉଥିଲା'।

-ତମକୁ ଲାଜ ନାହିଁ? ଏମିତି କହୁଛ। ଜାଣିଛତ, କାଲିକି କିଛି ଅଘଟଣ ଘଟିଗଲେ ଦାୟୀ ତମେ ହେବ।

- ମୁଁ କ'ଣ କରିବି ଭାଉଜ? ମୋ କଥା ଜମାରୁ ଶୁଣୁନି। ତା' ମାଆ ତା'ର ମୁହଁ ବଢ଼େଇଛି। ଦେଖୁନ ବାଇକ ବନ୍ଧାରଖିଛି ପୁଅ ଚଲେଇବ ବୋଲି।

- ଆରେ ରେଣୁକା ସେ ବାଇକର କାଗଜପତ୍ର ଦେଖିଛି କି ନାହିଁ? ଆଜିକାଲି ଗଞ୍ଜେଇ ଗାଡି କେତେ ବୁଲୁଛି। ଦେଖ ସୁଧୀର! ଆମେ ସବୁ ଫସିଯିବା।

-ତମେ ଟିକେ ରେଣୁକାକୁ ବୁଝାଅ ଭାଉଜ। ସେ ତମକଥା ଶୁଣିବ। ଆଉ ତା' ପୁଅ... ତା' କଥା।

ତା'ପରେ ଦୁଇଥର ତା'ଘର ଆଡେ ଆଖି ବୁଲାଇଛି। ହେଲେ ତାକୁ ଦେଖିନି। ସାର୍ଥକକୁ ଦେଖିଛି ଯେ, ହେଲେ ରାସ୍ତା ଘାଟରେ। ଦିନେ ଲସର ପସର ହୋଇ ଧାଇଁ ଆସିଲା ରେଣୁକା ଆମ ଘର ଭିତରକୁ। ନାନୀ... ନାନୀ... ଦେଖ ତ ଦୁଇ ଦିନ ତଳେ ସାର୍ଥକ କହିଲା, ମାଆ! ବାଇକ ଚଳାଉଛି ବୋଲି ସାଙ୍ଗମାନେ ପାର୍ଟି ମାଗୁଛନ୍ତି। ମୋତେ ତିନି ହଜାର ଟଙ୍କା ଦେ। ମୁଁ ଦେଲି ନାହିଁ ବୋଲି ସେ ରାତିରେ ଖାଇଲା ନାହିଁ। ନଖାଉ କହି ମୁଁ ବି ରହିଗଲି। ହେଲେ ଗତକାଲି ଆଉ ଘରକୁ ଆସିଲା ନାହିଁ। ଫୋନ କଲାରୁ କହିଲା ଟଙ୍କା ଦେଲେ ଯିବି। ହଉ ଆସ ଘରକୁ, ଟଙ୍କା ଦେଖିବା। କାଲି ଘରକୁ ଆସିଲା। ତିନି ହଜାର ନ ଥିବାରୁ କହିପୋଛି ଦୁଇ ହଜାର ଦେଲି। ମୁହଁଟାକୁ ଏଡେବଡ଼ କଲା, ଖାଇଦେଇ ଗଲା ଯେ ରାତିସାରା ତା'ର ଦେଖା ନାହିଁ। ଶୀତରେ କୋଉଠି ଅଛୁ କେମିତି ଅଛୁ ବୋଲି ଫୋନ କରିବା ବେଳକୁ ଫୋନ ସୁଇଚଡ ଅଫ। ସକାଳୁ ସକାଳୁ ଖବର ମିଳିଲା ବାଇକ ପୋଲିସ ଧରି ନେଇଛି। ତାକୁ ଜେଲରେ ରଖିଛି। ଏବେ ମୁଁ କ'ଣ କରିବି ନାନୀ। ତମେ ଭାଇଙ୍କୁ କହି କିଛି ଗୋଟାଏ କର। ସେ ଏବେ କେମିତି ଜେଲରୁ ଆସିବ?

ମୋ ମୁଣ୍ଡକୁ ସଙ୍ଗେ ସଙ୍ଗେ ପିତ ଚଢ଼ିଗଲା। 'ତୁ ବାଇକ କିଣିଲାବେଳେ କ'ଣ ମୋତେ କହିଥିଲୁ? ନା ପୁଅକୁ ଆଇଫୋନ ଦେଲାବେଳେ? ପିଲାକୁ ମୁଣ୍ଡରେ ଚଢେଇ ରଖିଛୁ। ତା' କଥାରେ ଉଠ ବସ ହେଉଛୁ। ଏବେ ପା', ପୁଅ ଜନ୍ମର ଆନନ୍ଦ'।

ମନଟା ବୁଝିଲା ନାହିଁ। ୟା'ଙ୍କୁ ଫୋନ କରି କହିବାରୁ ସେ ବିରକ୍ତ ହେଲେ। ହେଲେ କରିବେ କ'ଣ? ପୁଅ କିଏ ଆଉ ପୁତୁରା କିଏ? ହେଉ, ମୁଁ ଦେଖୁଛି କହି ଫୋନ କାଟିଲେ। ରେଣୁକା ମୁହଁ ଶୁଖେଇ ଘରକୁ ଫେରିଲା। ଦୁଇ ଘଣ୍ଟା ପରେ ୟାଙ୍କର ଫୋନ ଆସିଲା। ମୁଁ ସାର୍ଥକକୁ ନେଇ ଘରକୁ ଆସୁଛି। ତୁମେ ବ୍ୟସ୍ତ ହୁଅ ନାହିଁ।

କୋଡିଏ ମିନିଟ ବିଳମ୍ବରେ ସେମାନେ ଘରକୁ ଆସିଲେ। ସାର୍ଥକକୁ ସୋଫାରେ ବସାଇ ସେ ଘର ଭିତରକୁ ଚାଲିଗଲେ। ଖାଲି ଏତିକି କହିଲେ, ଭଲକାମରେ ପରାମର୍ଶ ଦେବାକୁ ମୁଁ ଥାନାକୁ ଯାଏ, ଏମିତି ଖରାପ କାମରେ ସାଲିସ କରିବାକୁ ନାହିଁ। ବୁଝିଲୁ, ଆଜି ମୋ ଇଜ୍ଜତ ...ଛି।

ସାର୍ଥକର ମୁହଁ ଶୁଖିଯାଇଛି। ମୁଁ ବୁଝାଇବାକୁ ଚେଷ୍ଟାକଲି, 'ଦେଖ ବାପା! ଏ ବୟସରେ ଏମିତି ହୁଏ। ବ୍ୟସ୍ତ ହୁଅନା। ତୁମେ ତ ଜାଣିଛ, ତୁମ ମାଆ ପାଖରେ ଏତେ ଟଙ୍କା ନାହିଁ ଯେ ତୁମକୁ ଏ ସମସ୍ୟାରୁ କାଢି ଆଣିବ। ହଁ, ପାଖରେ ତା'ର ସେହି ମଙ୍ଗଳସୂତ୍ରଟି ଅଛି। ତୁମପାଇଁ ତ ସେଇଟିକୁ ସେ ବିକିଦେବ। ହେଲେ ତୁମେ ଗୋଟେ କାମ କଲେ ହୁଅନ୍ତା ନାହିଁ। ତୁମେ ତୁମର ସାଙ୍ଗମାନଙ୍କୁ କହି କିଛି ଟଙ୍କା ତ ଯୋଗାଡ କରିପାରନ୍ତ। ତମେ ଯେତେବେଳେ ସେମାନଙ୍କ ପାଇଁ ଏତେଖର୍ଚ୍ଚ କରି ପାରୁଛ ତୁମ ଅସୁବିଧା ସମୟରେ ସେମାନେ ବି ତ କିଛି କରିପାରିବେ'।

ସାର୍ଥକର ମୁହଁ ଉଜ୍ଜ୍ୱଳ ଦିଶିଲା। ସେ ତା' ସବୁଠାରୁ ଭଲ ସାଙ୍ଗକୁ ଫୋନ ଲଗାଇଲା। ଫୋନ ରିଂ ହେଉଛି ବୋଧହୁଏ ବ୍ୟସ୍ତ ଅଛି ବୋଲି ଉଠାଉନାହିଁ। ନିଷ୍ଚୟ କଲବ୍ୟାକ କରିବ। ଏହି ଭିତରେ ଆଉ ଏକ ସାଙ୍ଗକୁ ଫୋନ କଲେ ହେବ, ଏହା ଚିନ୍ତାକରି ଆଉଜଣକୁ ଫୋନ ଲଗାଇଲା। ଆରେ ଫୋନ କାଟି ଦେଉଛି ବାରବାର। ଜରୁରୀ କିଛି କାମ ଥିବ। ଆଉ ଜଣକୁ ଲଗାଇଲା ଫୋନ। ଏଥର ସାଙ୍ଗଟି ଫୋନ ଉଠାଇଲା ହେଲେ ସେପଟରୁ ହ୍ୟାଲୋ ହ୍ୟାଲୋ ହିଁ କହୁଛି। ବୋଧହୁଏ ନେଟୱର୍କ ପାଉନାହିଁ। ଘଣ୍ଟାଏ ହୋଇଗଲାଣି କାହାର କଲବ୍ୟାକ ନାହିଁ। ଏହା ଭିତରେ ଖାଇସାରି ସେ ଅପେକ୍ଷା କରିଛି ସାଂଗର କଲକୁ। ସାର୍ଥକ ଫୋନ କରି କରି ବିରକ୍ତ ହୋଇଗଲାଣି। ମୁଁ କହିଲି, ବୁଝିଲ ବାପା! ଅସୁବିଧା ସମୟରେ ଯେଉଁମାନେ ସାଥି ହୁଅନ୍ତି ନାହିଁ ସେମାନେ ପ୍ରକୃତ ହିତାକାଂକ୍ଷୀ ନୁହଁନ୍ତି। ଏବେ ତୁମେ ଘରକୁ ଯାଅ। ମୁଁ ରେଣୁକାକୁ ଫୋନ କରିଦେଉଛି।

-ବଡ଼ମାଆ! ଘରକୁ ଯିବାକୁ ମୋର ସାହସ ହେଉନି। ବୋଉର ମଙ୍ଗଳ ସୂତ୍ରଟି ଆଉ ନାହିଁ। ମୁଁ ତାକୁ କାଲି ବନ୍ଧା ଦେଇଦେଇଛି ସାଙ୍ଗଙ୍କୁ ପାର୍ଟି ଦେବି ବୋଲି...।

-ବାଃରେ ପୁଅ...ବାଃ। କେତେବଡ଼ କୀର୍ତ୍ତି କରିଦେଇଛ। ହଉ ସବୁକଥା ଛାଡ଼... ଯାଅ ଆଦର୍ଶ ପାଖରେ ଶୋଇପଡ।

- ନାଇଁ ବଡମାଆ। ଏଇଠି ରହିଲେ ଏବେ ବୋଉ ଆସିବ। ମୁଁ ତାକୁ ମୁହଁ ଦେଖାଇ ପାରିବି ନାହିଁ। ତେଣୁ ମୁଁ ଆଜି ରିତେଶ ଘରକୁ ଯାଉଛି। ସେଇଠି ରାତିଟି ରହିଯିବି। ଏତିକି କହି ସେ ଚାଲିଗଲା।

ପିଲାଟା ରିତେଶ ଘରେ ପହଁଚିଲା କି ନାହିଁ, ଜାଣିବାକୁ ମୁଁ ଫୋନ କଲି ରିତେଶ ମାଆଙ୍କୁ।

- ରିତେଶ ମାମା ! ସାର୍ଥକ ଯାଇଛି କି ସେଠାକୁ।

- ହଁ ଭାଉଜ! ଆସିଥିଲା ଯେ.. ପୁଣି ଚାଲିଗଲାଣି ଦଶ ମିନିଟ ହେବ।

କଥାଟା ଶୁଣି ମନଟା ଛଟ ପଟ ହେଲା। ଭେଣ୍ଡିଆ ପିଲା, କାଳେ କ'ଣ କରି ବସିବ? ଆଜିକାଲିର ପିଲାଙ୍କ ଧୈର୍ଯ୍ୟ ତ ବହୁତ କମ। ୟାଙ୍କୁ କହିଲେ ଏବେ ରାଗିଯିବେ। କ'ଣ କରିବି ଭାବି ଝରକା ଖୋଲି ରାସ୍ତାକୁ ଚାହିଁ ରହିଥାଏ। ରେଣୁକାର ଫୋନ ଆସିଲା। ଫୋନ ଉଠାଉ ଉଠାଉ ସେପଟରୁ ତା'ର କଇଁ କଇଁ କାନ୍ଦ ଶୁଭିବାକୁ ଲାଗିଲା। ବୋଧହୁଏ ସୁଧୀରକୁ ନ ଜଣେଇ ଲୁଚି ଲୁଚି ଫୋନ କରିଛି।

ବାସ୍ ସେତିକି ବେଳକୁ ରାସ୍ତାରେ ଦେଖାଗଲା, ଅଦୂରରୁ ଆସୁଛି ସାର୍ଥକ। ମୁହଁ ତା'ର ଶୁଖିଯାଇଛି। ଧୀରେ ଧୀରେ ତାଙ୍କ ଘର ଆଡ଼କୁ ଯାଉଛି। ତା'ପରେ ପାଦ ତାର ଅଟକି ଗଲା। ନିଜ ଘରକୁ ଚାହିଁ ରହିଲା ହେଲେ ପାଦ ବଢ଼ିଲାନି ଆଗକୁ। ହଠାତ୍ ଏଣ୍ଡୁଅଟିଏ ଝଟକରି ପଶିଗଲା ବୁଦା ମୂଳକୁ। ଏଣ୍ଡୁଅକୁ ଦେଖି ସାର୍ଥକ ଚମକିଗଲା। ତା'ପରେ ଏକ ଦୀର୍ଘ ନିଃଶ୍ୱାସ ଛାଡି ସେ ଘରମୁହାଁ ହେଲା। ଝାପ୍ସା ଅନ୍ଧାରରେ ସାର୍ଥକ ନିକଟତର ହେଉଥିଲା ସିଝୁବୁଦା ମୂଳରେ ଠିଆ ହୋଇଥିବା ରେଣୁକାର ।

+ ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ

# ମେଘପଛର ଜହ୍ନ

ସ୍ନିଗ୍ଧା ପଣ୍ଡା



ସେଇ ବସ୍‌ଷ୍ଟାଣ୍ଡ୍‌ରେ ଗୋଟେ ଛୋଟିଆ ଚା' ଦୋକାନ - ଏଇଠି ଅଟକିଥାଏ ସବୁ ବସ୍ । କାହିଁକି ନା ଏ ରାସ୍ତାରେ ଆଉ ଅନେକ ଦୂରଯାଏଁ କିଛି ଦୋକାନ ନାହିଁ । ଚା' ପିଅ କି ପାଣି - ଏ ଗୋଟିକ ଭରସା । ଆଉ ଗାଁ ଗହଳିରେ କେତେ ଲୋକ ଯେ ପାଣିବୋତଲ ଧରି ଯାତ୍ରା କରନ୍ତି!! ଯିଏ ଆସେ, ବସେ, ବସ୍‌କୁ ଅପେକ୍ଷାକରେ, ନ ହେଲେ ବସ୍‌ରୁ ଓହ୍ଲାଇ ତା'ର ଗନ୍ତବ୍ୟ ପଥକୁ ଚାଲିଯାଏ। ଦୋକାନରେ ଜଣେ ମାତ୍ର ଲୋକ - ବୁଢା ଦୋକାନୀ । ସେ ଚା' କରେ, କାଚ ଗିଲାସରେ ଗରାଖକୁ ଚା' ବଢେଇଦିଏ, ପିଇ ସାରିଲେ ତାକୁ ନେଇ ଧୋଇ ପୋଛି ରଖେ। ଗରାଖଠାରୁ ପଇସା ଆଣେ । ସନ୍ଧ୍ୟା ସାତ ହେଲେ ତା' 'ଘରକୁ ଫେରିଯାଏ । ଘର କେଉଁଠି ଠିକ କେହି ଜାଣନ୍ତିନି । ତେବେ ସାତଟା ବାଜୁବାଜୁ ଚାଲିଯାଉଥିବାରୁ ଘର ତା'ର ଦୂରରେ ହୋଇଥିବ ବୋଲି ସେ ବାଟରେ ଯିବାଆସିବା କରୁଥିବା ଲୋକ ଭବନ୍ତି ।

ହେଲେ ଆଜି କଥା ଅଲଗା । ଆଜି ଆଠଟା ବାଜିଲେ ବି ସେ ଘରକୁ ଫେରିଯାଇପାରୁନି । ଖାଲି ଥରେ ଆକାଶକୁ ଚାହୁଁଛି, ଥରେ ଦୋକାନରେ ପଡିଥିବା ବେଞ୍ଚକୁ । ବାହାରେ ଆଖିବୁଜା ବର୍ଷାରେ ରାସ୍ତାଘାଟ ଜଳାର୍ଣ୍ଣବ ହୋଇ ଯାଇଥିଲା। ଗାଡିରୁ ଓହ୍ଲାଉଥିବା ଲୋକଙ୍କଠାରୁ ଜଣାପଡୁଥିଲା ସିଆଡେ ଦୋକାନ ବଜାର ସବୁ ବନ୍ଦ। ଗାଡି ମଟର ଚଳାଚଳ ବ୍ୟାହତ ହେଲେ ବି ପୂରା ବନ୍ଦ ହେବାର ତ ନଥିଲା, କୁନ୍ଥେଇ ମୁନ୍ଥେଇ ଆଗକୁ ବଢିଲା ବେଳେ ପାଣିରେ ଭଉଁରୀ ଉଠି ଆସୁଥିଲା। ଏମିତି ପାଗରେ କାହିଁକି ବସ୍ ଷ୍ଟାଣ୍ଡରେ ତିନ୍ତିବୁଡି ଝିଅଟି ଆସିଚି ଆଉ ଏଠି ବସି ରହିଛି!! କାହାକୁ ଅପେକ୍ଷା କରିଛି ... ଘରୁ ଲୁଚିକି ପଳେଇ ଆସିଛି ... ନିଜ ଲୋକ କାହାକୁ ଭେଟିବାକୁ ଯାଉଛି... କ'ଣ ହେଇପାରିବ ତା'ର କାହାଣୀ ସତରେ!! ଏମିତି ଅନେକ ପ୍ରଶ୍ନ ବୁଢା ମନରେ । ଝିଅଟି ଏକୁଟିଆ ଅଛି ବୋଲି ସେ ବି ଦୋକାନ ବନ୍ଦ କରି ପଳେଇବା କଥା ଭାବିପାରୁନି ।

ଏଣେ ବର୍ଷାର ତୀବ୍ରତା କମିବାର ନାଁ ନେଉନଥିଲା। ଆକାଶଟା ଯେମିତି ନିଜର ସବୁ ଦୁଃଖ ଆଜି ଏକାଥରେ ଝରେଇ ଦେଉଥିଲା। ବିଜୁଳିର ଝଲକରେ କେବେ କେବେ ସେ ଝିଅଟିର ମୁହଁଟା ସ୍ପଷ୍ଟ ଦେଖାଯାଉଥିଲା। ତା' ହାତରେ ଥିଲା ଗୋଟିଏ ଛୋଟ ବ୍ୟାଗ୍, ଆଉ ଆଖିରେ ଥିଲା ଅସ୍ଥିରତା, କିନ୍ତୁ ଭୟ ନଥିଲା ବୋଲି ସେ ଦେଖିପାରୁଥିଲା । ଶେଷରେ ରହିପାରିଲାନି ସେ । କହିଲା-

'ମା'... ଆଉ ଟିକେ ଭିତରକୁ ଘୁଞ୍ଚି ଆ-। ପାଣି ଛିଞ୍ଚଡାରେ ପୁରା ଓଦା ହୋଇଗଲୁଣି।'

ଝିଅଟି ଧୀରେ ଘୁଞ୍ଚିଆସିଲା। ସେ ତା' ହାତରେ ଗୋଟିଏ ଗରମ ଚା'ର ଗିଲାସ ଦେଇ ପଚାରିଲେ,

'କାହାକୁ ଅପେକ୍ଷା କରିଛୁକି ମା' ?'

କିଛି କ୍ଷଣ ଚୁପ୍ ରହି ସେ କହିଲା,

'ହଁ... ଜଣେ ଆସିବେ।'


'ଘର ଲୋକ ?'

ସେ ମୁଣ୍ଡ ହଲାଇଲା,

'ନା... ସେ ମୋତେ ଚିହ୍ନି ନାହାନ୍ତି କି ମୁଁ ବି ତାଙ୍କୁ ଚିହ୍ନିନାହିଁ।'

ବୃଦ୍ଧ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ।

ଝିଅଟି ବ୍ୟାଗ୍ ଭିତରୁ ଗୋଟିଏ ପୁରୁଣା ଫଟୋ ବାହାର କଲା। ପୁରୁଣା ଫଟୋ । ଜଣେ ଯୁବ ସୈନିକର ଫଟୋ। ଥାର୍ଥର କଣ୍ଠରେ ଝିଅଟି କହିଲା -'ଏ ଫଟୋ ମୋ ବାପାଙ୍କର। ମୁଁ ଜନ୍ମ ହେବାର କିଛି ମାସ ପରେ ଦେଶପାଇଁ ଲଢି ସୀମାନ୍ତରେ ସେ ସହିଦ ହୋଇଥିଲେ। ଆଜି ତାଙ୍କର ଜଣେ ସାଙ୍ଗ ମତେ ଭେଟିବାକୁ ଆସୁଛନ୍ତି। ସେ ଚିଠିଟିଏ ଦେଇଥିଲେ—' ତୁମ ବାପାଙ୍କର କିଛି ଜିନିଷ ମୋ ପାଖରେ ଅଛି।' ଆଇ ଏହି ଜାଗାରେ ଅପେକ୍ଷା କରିବାକୁ କହିଥିଲେ ।"



ବାପ ପରି ବୁଢା ଦୋକାନୀର ଆଖିରେ ଲୁହ ଟଳମଳ ହେଉଥିଲା।

ଏତିକି ବେଳେ ଗୋଟିଏ ପୁରୁଣା ବସ୍ ଧୀରେ ଧୀରେ ଷ୍ଟାଣ୍ଡରେ ବ୍ରେକ୍ କଷିଲା। ବସ୍‌ରୁ ଜଣେ ବୟସ୍କ ବ୍ୟକ୍ତି ଓହ୍ଲାଇଲେ। ତାଙ୍କ ହାତରେ ଥିଲା ଗୋଟିଏ ଛୋଟ କାଠର ବାକ୍ସ।

ଝିଅଟିକୁ ଦେଖି ସେ କହିଲେ,

'ତୁମେ... ଅରୁଣଙ୍କ ଝିଅ ?'

ଝିଅଟି ନୀରବରେ ମୁଣ୍ଡ ହଲାଇଲା।

ସେ ଗୋଟିଏ ବାକ୍ସ ତା 'ହାତରେ ଦେଲେ। କହିଲେ-' ମୁଁ ତୁମ ବାପାଙ୍କ ସହିତ ସେହି ଭୟଙ୍କର ଯୁଦ୍ଧରେ ଥିଲି । ତାଙ୍କର ଶେଷ ସମୟରେ ସେ ମତେ ଏହାକୁ ତୁମ ହାତରେ ଦେବା ଦାୟିତ୍ୱ ଦେଇଥିଲେ।'

ଝିଅଟି କାଠ ବାକ୍ସ ଖୋଲିଲା। ଭିତରେ ଥିଲା ଗୋଟିଏ ହାତ ଘଣ୍ଟା, ଗୋଟେ ପୁରୁଣା ଡାଏରୀ.... ଆଉ ଗୋଟିଏ ଚିଠି। ଚିଠିଟିକୁ ଧୀରେ ଧୀରେ ଖୋଲିପଢିଲା ଝିଅଟି । ଚିଠିରେ ଲେଖାଥିଲା—

'ମୋର ଗେହ୍ଲି ଝିଅ, ତୁ ଯଦି ଏହି ଚିଠିଟି ପଢୁଚୁ, ତେବେ ମୁଁ ଆଉ ତୋ ପାଖରେ ନାହିଁ। ମୁଁ ତତେ ବଡ ହେବା ଦେଖିପାରିନାହିଁ, କିନ୍ତୁ ମୁଁ ଗର୍ବିତ ଯେ ମୁଁ ତୋ ପାଇଁ ଏହି ଦେଶକୁ ସୁରକ୍ଷିତ ଭାବେ ଛାଡିଯିବାପାଇଁ ମୋର ଦାୟିତ୍ୱ ପୂରଣ କରିପାରିଛି । ମୁଁ ଦୂରକୁ ଯାଇନାହିଁ, ବରଂ ସବୁବେଳେ ତୋ ସହିତ ଅଛି— ତୋର ହସରେ ଅଛି, ତୋର ସ୍ୱପ୍ନରେ ଅଛି । ଭଲ ମଣିଷ ହୁଅ ଓ ତୁ ମୋର ଝିଅ ବୋଲି ମୁଁ ଗର୍ବ କରିପାରେ । ମା'ରେ, ମୁଁ ତତେ ବହୁତ ଭଲ ପାଏ ।'

ବର୍ଷା ସେତେବେଳେ ବି ପଡୁଥିଲା। ଆଉ ଝିଅଟିର ଆଖିରୁ ଲୁହ ବି । ଚା' ଦୋକାନୀ ଅନୁଭବ କରୁଥିଲା ଲୁହ ଭିତରେ ଝିଅ ଆଖିରେ ଲୁଚିଥିବା ଟିକେ ଖୁସି- ମେଘ ଭିତରେ ଲୁଚିଯାଇ ଧରାପଡୁଥିବା ଜହ୍ନ ପରି।

+ ମୋ-୯୮୬୧୩୨୩୬୫୦

# ଲାସ୍ୟମୟୀ ବର୍ଷା

ଅସୀମା ପ୍ରଧାନ

ଗ୍ରୀଷ୍ମ ସନ୍ତାପିତ ଧୂସର ଧରିତ୍ରୀ
ସହୁଥିଲା ନିଆଁ ବର୍ଷା
ଧ୍ୱାନ୍ତ ବକ୍ଷକୁ ଆର୍ଦ୍ର କରିବାକୁ
ଆସେ ଲାସ୍ୟମୟୀ ବର୍ଷା।
ଧରି ଗମ୍ଭୀର ବଜ୍ର ବିକ୍ଷୁବ୍ଧ ବାତ୍ୟା
ପ୍ରଳୟର ମହାତାଣ୍ଡବ
ଘନ କୃଷ୍ଣର ଯେ ଘନ ଆସ୍ତରଣ
ମଧ୍ୟେ ଚପଳାର ରବା।

ଝରଝର ଝରିଯାଏ ବାରିଧାରା
ଅବିରତ ଅହରହ
ବର୍ଷିତ ମାଟିରେ କର୍ଷିତ ହଳରେ
ମାଟି ବାସେ ମହମହା।

ପର୍ଣ୍ଣହୀନ ବର୍ଣ୍ଣ ହୀନ ତରୁଲତା
ଉଚ୍ଛୁଳେ ପତ୍ର ଗହଳେ
ଶ୍ୟାମଳ ଦୂର୍ବାଦଳ ଗାଲିଚା ପରେ
ସାଧବ ବୋହୂ ଚହଲେ।

ପ୍ରଦତ୍ତ ପ୍ରଭଞ୍ଜନ ଗତି ରୀତି
ଥରକୁଥର ବଦଳେ
ଘନ କୃଷ୍ଣ ବାଦଳ ମାଳା ଉଲ୍ଲାସେ
ପବନରେ ଦୋଳି ଖେଳେ।

କଦମ୍ବରେ ଭରିଯାଏ ତ ରୋମାଞ୍ଚ
ଭ୍ରମର ହୁଏତ ଅନ୍ଧ
ଭରିଦିଏ ପରା ବିଲୋଳ ଆନନ୍ଦ
ଫୁଟନ୍ତା ଫୁଲର ସୁଗନ୍ଧ।
ପ୍ରାବୃଟ ଆଚ୍ଛନ୍ନ ନିରନ୍ଧ୍ର ରଜନୀ
ଖଦ୍ୟୋତର ଆଲୋକରେ
ନକ୍ଷତ୍ରମାଳିନୀ ଆକାଶର ରୂପ
ଧରାରେ ଅଙ୍କନ କରେ।

ଘନ କୃଷ୍ଣ ବାଦଲର ମହାମେଳା
ନାରିକେଳ ବୃକ୍ଷ ପରେ
ଗ୍ରାମ ଉପାନ୍ତର କ୍ଷୀଣତୋୟା ନଦୀ
ହୋଇଯାଏ ପୂର୍ଣ୍ଣଗର୍ଭା
କିଆ କେତକୀକୁଞ୍ଜ ମାଳତୀ ହେନା
ବଢାଇଥାଏ ତ ଶୋଭା।

+ ବୀରମହାରାଜପୁର,
ସୁବର୍ଣ୍ଣପୁର



# ବରିଷ୍ଠ ସିପିଏମ୍ ନେତା ଅର୍ଜୁନ ନାୟକଙ୍କ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି

ଭଦ୍ରକ/ଚାନ୍ଦବାଲି ,୫/୦୮ (ନି.ପ୍ର): ମହାବାତ୍ୟା ସମୟରେ ତତ୍କାଳୀନ କଲିକତା ମହାନଗରୀ ରେ ଝୋଟକଳରେ କାମ କରୁଥିବା ଓଡିଶା ଶ୍ରମିକ ମାନଙ୍କୁ ଏକଜୁଟ କରି ସେମାନଙ୍କ ନେତୃତ୍ୱ ନେଇ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ପରେ ଓଡିଶା ଫେରି ମତୋ ଅଞ୍ଚଳରେ ଚାଷୀ ଓ ଶ୍ରମିକ ମାନଙ୍କ ନେତୃତ୍ୱ ନେଇ ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ପରେ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟିର ସଭ୍ୟ ଭାବେ ନିର୍ବାଚିତ ହୋଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ମତୋ ଓ ମଉସୁଧା ଅଞ୍ଚଳର ସାଧାରଣ ଲୋକଙ୍କ ସେବା କରିଥିଲେ । ତାଙ୍କ ଫୁସଫୁସ ରେ କର୍କଟ ରୋଗ ଯୋଗୁ ଗତ ୦୩, ଅଗଷ୍ଟ ୨୦୨୬ ରାତି ୨ ଘଟିକା ସମୟରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ୮୨ ବର୍ଷ ବୟସରେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ମରଶରୀରକୁ ତାଙ୍କ ମଉସୁଧା ସ୍ଥିତ ବାସଭବନକୁ ଅଣାଯାଇ ମଉସୁଧା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ଘରବାଡିରେ ତାଙ୍କ ମରଶରୀରରେ ନିଆଁ ଦିଆଯାଇଥିଲା । ତାଙ୍କ ମୃତ୍ୟୁ ରେ ସିପିଆଇ(ଏମ)ର ବରିଷ୍ଠ ନେତା ରବି ପଟ୍ଟନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଶ୍ରମିକ ନେତା ମଳୟ ଭୋଇ, ମଉସୁଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜକିଶୋର ମଲ୍ଲିକ, ସମାଜସେବୀ ସୁଧାକର ପଣ୍ଡା, ସମିତି ସଭ୍ୟ ତାପସ ନାୟକ, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଭାପତି ଅଶୋକ ବେହେରା, ବରିଷ୍ଠ ନେତା ଫକୀର ସ୍ୱାଇଁ, ସୃଷ୍ଟିଧର ବିଶ୍ୱାଳ, ମହିଳା ନେତ୍ରୀ ପ୍ରତିଭା ପଣ୍ଡା, ମହିଳା ନେତ୍ରୀ କାମିନୀ ଭୋଇ, ଚାଷୀ ନେତା ପ୍ରବୀର ନାୟକ, ପ୍ରଣବ ପଣ୍ଡା, ଘନଶ୍ୟାମ ବଳ, ଶ୍ରମିକ ନେତା ନକୁଳ ମଲ୍ଲିକ, ଅକ୍ଷୟ ସେଠୀ, ଶରତ ଚନ୍ଦ୍ର ରାଉତ, ପ୍ରତାପ ବଳ, ପୁରସ୍ତମ ରାଉତ, ବୃନ୍ଦାବନ ଭଳ ପ୍ରମୁଖ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇ ତାଙ୍କ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କ ଶବ ଶୋଭାଯାତ୍ରାରେ ମଉସୁଧା ପଞ୍ଚାୟତର ପ୍ରାୟ ଶତାଧିକ ସାଧାରଣ ଜନତା ସାମିଲ ହୋଇଥିଲେ ।

# କନେଷ୍ଟବଲଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ବଡ ଭାଇଙ୍କ ହତ୍ୟା ଅଭିଯୋଗ

ବୈଶିଙ୍ଗା,୫/୦୮ (ନି.ପ୍ର): ବୈଶିଙ୍ଗା ଥାନାର କାର୍ଯ୍ୟରତ କନେଷ୍ଟବଲଙ୍କ ୧୮ନଂରାଜ ପଥ ପାର୍ଶ୍ୱରେ ନିଜ କାର ଭିତରେ ଅସ୍ୱାଭାବିକ ମୃତ୍ୟୁକୁ ନେଇ ତାଙ୍କର ବଡ ଭାଇ ମନୋଜ ମହାନ୍ତ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ଅଭିଯୋଗ କରିଥିବା ଜଣାଯାଇଛି । ଖବରରୁ ପ୍ରକାଶ ମୃତ କନେଷ୍ଟବଳ ବସନ୍ତ ମହାନ୍ତ (୪୮)ଙ୍କ ଘର ଝାରପୋଖରିଆ ଥାନା ଅଧୀନ ମାନଇଞ୍ଜ ଗ୍ରାମରେ । ସେ ୨୦୦୨ ବ୍ୟାଚର କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ । ମୃତ୍ୟୁର ପୂର୍ବ ଦିନ ରହିବାର ସେ ନିଜ ପୁଅ ପାଠ ପଢୁଥିବା ବାରିପଦା ଯାଇ ହଷ୍ଟେଲରେ ପୁଅର ସୁବିଧା ଅସୁବିଧା ବୁଝାବୁଝି କରି ବେତନଟୀ ସ୍ଥିତ ଭଡା ଘରକୁ ଆସିଥିଲେ ଓ ସକାଳେ ଡ୍ୟୁଟିରେ ବୈଶିଙ୍ଗା ଆସି କିଛି କାମ ପାଇଁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ୧୮ନଂ ରାଜପଥ ର ପଦ୍ମନାଭପୁର ଟୋଲ ପ୍ଲାଜା ପୂର୍ବରୁ ଅଟକି ଯାଇଥିଲେ । ଦିବ ୧୧ ଟାରୁ ୪ ଟା ପର୍ଯ୍ୟନ୍ତ କାର ଅଚଳ ଥିବାର ଦେଖି ବୈଶିଙ୍ଗା ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି କାର ଭିତରୁ ମୃତ ଅବସ୍ଥାରେ ବସନ୍ତ ଙ୍କୁ ଉଦ୍ଧାର କରିଥିଲେ । ବୈଶିଙ୍ଗା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବାରିପଦା ପଠାଇଥିଲେ । ମର ଶରୀର ବାରିପଦା ପହଞ୍ଚିବା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କେନେଷ୍ଟବଳ ସଂଘର ସଦସ୍ୟ ମାନେ ଶେଷ ସମ୍ମାନ ଜଣାଇଥିଲେ । ପରିବାର ବର୍ଗ ସମେତ ସ୍ତ୍ରୀ ପୁତ୍ର ପହଞ୍ଚି ମୃତ ବସନ୍ତଙ୍କ ବେକ ,ହାତ ଓ ଛାତିରେ କ୍ଷତ ଚିହ୍ନ ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ବଡ ଭାଇ ମନୋଜ ମହାନ୍ତ ହତ୍ୟା ଅଭିଯୋଗ ଆଣିଛନ୍ତି । ଏହି ଅଭିଯୋଗ ପାଇଁ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ପରିବାର ବର୍ଗଙ୍କୁ ଆଶ୍ୱାସନା ଦେଇ କହିଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଉଦଘାଟନ ପାଇଁ ତଦନ୍ତ ଜାରି ରହିବ । ତେବେ ଜଣେ ଶାନ୍ତ ସରଳ ପୋଲିସ କର୍ମଚାରୀ ଭାବେ ବସନ୍ତ ମହାନ୍ତ ଙ୍କୁ କିଏ ଓ କାହିଁକି ହତ୍ୟା କରିବ ତାହା ଚିନ୍ତାର ବିଷୟ ପାଲଟିଛି ।

# ଜଳକା ପଳାପଳା ବନ୍ୟାଜଳ ଦୁଃଖ: ୧୦ ଦିନ ପରେବି ପାଣି ଘେରରେ ପୁଟୁରାବାସୀ

ବସ୍ତା ,୫/୦୮ (ନି.ପ୍ର): ଜଳକା ନଦୀରେ ବନ୍ୟା ଜଳ ଆଜକୁ ଦଶ ଦିନ ବିତି ଯାଇଥିଲେ ମଧ୍ୟ ବସ୍ତା ପଞ୍ଚାୟତ ସମିତି ଅଞ୍ଚଳରେ ବିଭିନ୍ନ ପଞ୍ଚାୟତର ଅଧିକାଶଂ ଗ୍ରାମରେ ଆଜି ପର୍ଯ୍ୟନ୍ତ ଜଳ ଘେରରେ ବନ୍ଧି ହୋଇ ଦୁଃଖ ଦୂର୍ଦ୍ଦଶା ଭୋଗୁଛନ୍ତି। ଯାହା ସ୍ୱଚକ୍ଷୁରେ ନଦେଖିଲେ ହୃଦୟଙ୍ଗମ କରିବା ଅସମ୍ଭବ। ବିଶେଷ କରି ପୁଟୁରା ଗ୍ରାମ ପଞ୍ଚାୟତର ତଳ ବାଲିସାହି ଏବଂ ଦକ୍ଷିଣ ପୁଟୁରା ଗ୍ରାମ ପାଣି ଘେରର ଜୀବନ ଯାପନ କରୁଥିବାର ଦେଖା ଯାଇଛି। ଦକ୍ଷିଣ ପୁଟୁରା ଗ୍ରାମରେ ଥିବା କଚ୍ଚା ରାସ୍ତା ପାଣିରେ ବୁଡି ରହି ଥିବାରୁ ଛାତ୍ର/ଛାତୀ ମାନେ ୫ କିଲୋମିଟର ଦୂରରେ ଥିବା ବିଦ୍ୟା ଳୟକୁ ଯାଇପାରୁ ନାହାଁନ୍ତି। ରାସ୍ତା ମରାମତି ପାଇଁ ଗ୍ରାମର ୱାର୍ଡ ସଭ୍ୟ ଦିଲ୍ଲିପ ସାନ୍ତରା ସହିତ ଗ୍ରାମର ଅଜୟ କୁମାର ପାଳ, ଧୀରେନ ପାଳ,ବାବୁ ରାମ ପାଳ,ତପନ ସାମନ୍ତ,ଆରତୀ ପାଳ, ବିଷ୍ଣୁପିୟା ସାମନ୍ତ ଦାବି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ସରପାଞ୍ଚ କିମ୍ବା ସରକାରୀ ଅଧିକାରୀମାନେ ଧ୍ୟାନ ଦେଉ ନାହାଁନ୍ତି।ଯାଫଳରେ ବର୍ଷା ଦିନ ଆସିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗାଁ ଚଷୀ ମାନେ ଅତ୍ୟନ୍ତ ଗରିବ ହୋଇ ଥିବାରୁ ଧାରକରଜ କରି ରୁଆ ପିତା ସାରିଥିବା ଜମି ଗୁଡିକ ବର୍ଷା ପାଣି ବିଲରୁ ନିଷ୍କାସନ ହୋଇପାରୁ ନଥିବାରୁ ପଚି ନଷ୍ଟ ହୋଇ ଥିବାରୁ ଚିନ୍ତାରେ ଚାଷୀ କୂଳ ଭାଙ୍ଗି ପଡ଼ିଛନ୍ତି। ସରକାରୀ ଅଧିକାରୀମାନେ ତଦନ୍ତ କରି ଧାନ ବିହନ କ୍ଷତି ହୋଇଥିବା ଲୋକମାନଙ୍କୁ କ୍ଷତି ପୁରଣ ଯୋଗଇ ଦେବା ପାଇଁ ଦାବି କରୁଛନ୍ତି।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା’ ‘ଖୁରି’



ଉଦଳା,୫/୦୮ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଭିମତାଳି ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ବିଧବା ମା’ ‘ଖୁରି ହେମ୍ବ୍ରମ’ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମାସିକ ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବିଧବା ମା’ ‘ଖୁରି ହେମ୍ବ୍ରମ’ ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସ୍ୱାମୀ ଠାକୁରା ହାଁସଦାଙ୍କର ଆଜକୁ ୭ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଥିବାର କଥା ସେ କହିଛନ୍ତି । ବିଧବା ମା’ ‘ଖୁରି ହେମ୍ବ୍ରମ’ଙ୍କୁ ତୁରନ୍ତ ଭତା ଯୋଗାଇ ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ନାହିଁ ନାହିଁରେ ସଜନାଗଡ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର: ଆନ୍ଦୋଳନ ନେଇ ସଜବାଜ ଅଞ୍ଚଳବାସୀ




ନୀଳଗିରି,୫/୦୮ (ନି.ପ୍ର): ଡାକ୍ତର ଥାଇ ବି ନାହାନ୍ତି। ଜଣେ ଫାର୍ମାସିଷ୍ଟଙ୍କ ଭରଷାରେ ଚାଲିଥିବା ସଜନାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫାର୍ମାସିଷ୍ଟଙ୍କ ବଦଳିପରେ ଏବେ ଭଗବାନଙ୍କ ଭରଷାରେ ୩୦ହଜାରରୁ ଉର୍ଦ୍ଧ୍ୱଲୋକ। ନୀଳଗିରି (ବଣସୀମା) ଭଳି ବଣପାହାଡ ଘେରା ଅଞ୍ଚଳରେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ସଜନାଗଡ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର) ଏବେ ଶ୍ରୀହୀନ। ଅଞ୍ଚଳର ଗରିବ, ଖଟିଖିଆ, ଆଦିବାସୀ ଓ ଅଭାବିପରିବାର ଯେଉଁମାନେ ମୁଖ୍ୟତଃ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରକରିଥାନ୍ତି ସେମାନେ ଏବେ ଭଗବାନଙ୍କ ଭରଷାରେ। ସୂଚନାଯୋଗ୍ୟ ସଜନାଗଡ ଠାରେ ୧୯୮୨ ମସିହାରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନା ପରଠାରୁ ସଜନାଗଡ଼, ସିଆଡିମାଳ, ଜଡିଦା, ଜାମୁଡିହା, ଭଉଁରିଆବାଡ ଓ ନରଣପୁର ପଞ୍ଚାୟତକୁ ମିଶାଇ ୬ଟି ପଞ୍ଚାୟତର ପ୍ରାୟ ୩୦ହଜାରରୁ ଉର୍ଦ୍ଧ ଲୋକେ ନିର୍ଭର କରିଥାନ୍ତି। ପୂର୍ବରୁ ଏଠାରେ ବହୁରୋଗୀ ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବାବେଳେ ଗତ କିଛିବର୍ଷ ହେବ ଡାକ୍ତରଙ୍କ ଅବ୍ୟବସ୍ଥା ଯୋଗୁ ଏବେ ପ୍ରତିଦିନ ପ୍ରାୟ ୧୫୦ରୁ ୧୭୦ ରୋଗୀ ଏଠାକୁ ଚିକିତ୍ସାପାଇଁ ଆସୁଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ନିୟମଅନୁଯାୟୀ ଜଣେ ଆୟୁଷ ଡାକ୍ତର, ଜଣେ ନିୟମିତ ଏମ୍.ବି.ବି.ଏସ୍ ଡାକ୍ତର, ଜଣେ ଫାର୍ମାଷିଷ୍ଟ, ଜଣେ ନର୍ସ,ଲ ଓ ଜଣେ ସୁଇପର ନିଯୁକ୍ତି ହୋଇଛନ୍ତି। ତନ୍ମଧ୍ୟରୁ ଏମ୍.ବି.ବି.ଏସ୍ ଡାକ୍ତର ବି. ସୁବ୍ରମଣ୍ୟମ ଦାସ ୨୦୧୬ ମସିହାରୁ ଏଠାରେ ନିଯୁକ୍ତି ପାଇଥିଲେ ମଧ୍ୟ, ତାଙ୍କ ଇଚ୍ଛାରେ ଆସନ୍ତି ଏବଂ କେବଳ ହାଜିରା ପକେଇ ପଳେଇ ଯାଆନ୍ତି। ଡାକ୍ତର ସୁବ୍ରମଣ୍ୟମ ସଜନାଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେହିକେବେ ଦେଖିନାହାଁନ୍ତି। ଅପରପକ୍ଷରେ ଆୟୁଷ ଡାକ୍ତର ଉପସ୍ଥାନଖାତାରେ ହାଜିରା ପକାଇବା ବ୍ୟତୀତ ରୋଗୀସେବା ଶୁନ କହିଲେ ଚଳେ। ଜଣିଏ ଅନୁଭବି ଫାର୍ମାଷିଷ୍ଟ ପ୍ରତିଦିନ ଆସିବାସହ ତାଙ୍କର ଆୟତ୍ତଭିତରେ ଯାହା ରୋଗୀସେବା ହୋଇପାରେ ତାହାକରୁଥିବା ବେଳେ ଏବେ ତାଙ୍କର ବରହମପୁର ସି.ଏଚ୍.ସି.କୁ ବଦଳିଯାଇଛି। ଫଳରେ ରୋଗୀମାନେ ନାହିଁନଥିବା ହଇରାଣ ହେଉଛନ୍ତି । ଏହି ପରିସ୍ଥିତିରେ ମଙ୍ଗଳବାର ସଜନାଗଡ ମେଡିକାଲର ଡାକ୍ତର ଶ୍ରୀ ଦାସଙ୍କ ଦେଖାନଥିବାବେଳେ ଆୟୁଷ ଡାକ୍ତର ମଧ ନଥିଲେ।ଜଣେ ସିଏଚଓ ରୋଗୀସେବା କରୁଥିବା ଦେଖିବାକୁ ମିଳିଥିଲା। ଏନେଇ କିଛି ସ୍ଥାନୀୟ ସମାଜସେବୀ ଡାକ୍ତର ଶ୍ରୀ ଦାସଙ୍କୁ ଫୋନଯୋଗେ ଯୋଗାଯୋଗ କରିଥିବା ବେଳେ ସେ ଛୁଟିରେ ଅଛନ୍ତି ବୋଲି କହିଥିଲେ। ୧୦ବର୍ଷଧରି ସଜନାଗଡ ମେଡ଼ିକାଲରେ ଡାକ୍ତର ଶ୍ରୀ ଦାସ ନିଯୁକ୍ତିଥାଇ କେବଳ ଉପସ୍ଥାନ ବ୍ୟତୀତ ରୋଗୀସେବା କରୁନାହାନ୍ତି କି ହସ୍ପିଟାଲ ଛାଡ଼ି ଯାଉନଥିବା ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।ଏଭଳି ଦାୟିତ୍ୱହୀନ ଡାକ୍ତରଙ୍କ ବଦଳିପାଇଁ ବହୁବାର ସାଧାରଣରେ ଦାବୀହେଉଥିବା ବେଳେ ଜିଲ୍ଲା ପ୍ରଶାସନ କି ରାଜ୍ୟସରକାର ବଦଳିର ନାଁ ଧରୁନଥିବା କାରଣରୁ ନିଜର ଡାକ୍ତର ଶ୍ରୀଯୁକ୍ତ ଦାସ ନିଜର ଆଧିପତ୍ୟ ବିସ୍ତାର କରିଚାଲିଥିବା ଚର୍ଚ୍ଚା ଚାଲିଛି। ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ରାଜ୍ୟରେ ଡବଲ ଇଂଜିନର ସାଂସଦ ଓ ବିଧାୟକ ହସ୍ପିଟାଲର ଅବ୍ୟବସ୍ଥାର ସୁଧାର କରିନପାରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ବାଲେଶ୍ୱର ସି.ଡି.ଏମ୍ ଡାକ୍ତର ଦିଲ୍ଲିପ୍ କୁମାର ଜେନାଙ୍କୁ ଯୋଗାଯୋଗ କରିବାପରେପରେ ଡାକ୍ତର ଶ୍ରୀଯୁକ୍ତ ଦାସ ଫୋନ ଉଠାଉଥିବା କହିବା ସହ ବରହମପୁର ସି.ଏଚ୍.ସି ମେଡିକାଲ ଅଫିସର ଜଣାଇଛି କହିଥିଲେ। ପରେ ବରହମପୁର ସି.ଏଚ୍.ସି. ମେଡିକାଲ ଅଫିସର ଡାକ୍ତର ସୈମ୍ୟସମ୍ବିତ ବେହେରାଙ୍କ ମତାମତ ନେବାରୁ ସେ ସି.ଡି.ଏମଙ୍କ ସହ ଆଲୋଚନା ହେଇଛି ଯଥାଶିଘ୍ର ସେଠାରେ ଅନ୍ୟଜଣେ ଡାକ୍ତର ବ୍ୟବସ୍ଥା କରାଇବୁ କହିଥିଲେ। ଆଗାମୀଦିନରେ ହସ୍ପିଟାଲ ଅବ୍ୟବସ୍ଥା ନସୁଧାରିଲେ ବଡ ଆନ୍ଦୋଳନ ହେବାନେଇ ସ୍ଥାନୀୟ ଅଞ୍ଚଳର ଉପେନ୍ଦ୍ର ନାୟକ, ଦୈତାରି ବାରିକ, ନାରୟଣ ବେହେରା, କୃଷ୍ଣଚନ୍ଦ୍ର ବାଗ, ଚିନମୟରଞ୍ଜନ ସିଂ, ରବିନ୍ଦ୍ର ମାହାଳିକ, ରବିନ୍ଦ୍ର ଖାଲପାଳିଆ, ପ୍ରହଲାଦ ଖଣ୍ଡେଇ ପ୍ରମୁଖ ଆଜି ସକାଳେ ବୈଠକକରି ସଜବାଜ ହେଉଥିବାର ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଚାନ୍ଦବାଲି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



ଭଦ୍ରକ,୫/୦୮ (ନି.ପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶଶ୍ୱମେଶ କୁମାର ଉପାଧ୍ୟାୟ, ଆଜି ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସହ ଚାନ୍ଦବାଲି ବ୍ଲକର ଯଶୀପୁର, କୁଦ, ନଳଗୋହିରା ଓ ଚରଡ଼ିଆ ଆଦି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ଜିଲ୍ଲାପାଳ ବନ୍ୟା ପରିସ୍ଥିତି, ଜଳମଗ୍ନ ଅଞ୍ଚଳ, ରାସ୍ତାଘାଟର ସ୍ଥିତି, ଯୋଗାଯୋଗ ବ୍ୟବସ୍ଥା ଏବଂ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷକରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତା ଓ ଯାତାୟାତ ବ୍ୟବସ୍ଥାର ଶୀଘ୍ର ପୁନରୁଦ୍ଧାର ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜରୁରୀ ସହାୟତା ଯେପରି ନିରନ୍ତର ଭାବେ ପ୍ରଭାବିତ ଲୋକଙ୍କ ନିକଟରେ ପହଞ୍ଚିବ, ସେନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା ସହ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବା ଜିଲ୍ଲାପାଳ କହିଥିଲେ।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଇତିହାସରେ ରହିଛି ସ୍ୱତନ୍ତ୍ର ମହକ: ଭରି ଦେଇଛି ଆଶା ବହୁ ସମ୍ଭାବନାର



ଉଦଳା,୫/୦୮ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ଚଳିତ ଅଗଷ୍ଟ ୩ ତାରିଖ ସୋମବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ସାଧାରଣ ସଭା ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶିଭୁଷଣ ପାଣିଗ୍ରାହି ଉକ୍ତ ଉତ୍ସବରେ ଅଧକ୍ଷତା କରି ସମଗ୍ର କପ୍ତିପଦା ଉପଖଣ୍ଡରେ ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର କିପରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିଛି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହ ମହିଳା ମହାବିଦ୍ୟାଳୟକୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଇତିହାସରେ ଥିବା ସ୍ୱତନ୍ତ୍ର ମହକ କିପରି ବାରି ହୋଇ ପଡ଼େ ବିସ୍ତୃତ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟିର ପୁର୍ବତନ ସଂପାଦକ ଆଇନ ଜୀବି ବସନ୍ତ କୁମାର ପରିଡ଼ା ସମ୍ମାନିତ ଅତିଥିଭାବରେ ଯୋଗଦେଇ ମହିଳା ମାନଙ୍କୁ ଆଗକୁ ନେବା କ୍ଷେତ୍ରରେ ଏହି ମହାବିଦ୍ୟାଳୟ କିପରି ବହୁ ସମ୍ଭାବନାର ଭିତିଭୂମି ସୃଷ୍ଟି କରିଛି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ପରିଚାଳନା କମିଟିର ପୁର୍ବତନ ସଭାପତି ରବିନ୍ଦ୍ର କଟୁଆଳ ଓ ପ୍ରତିଷ୍ଠାତା ସଦସ୍ୟ ଯଜ୍ଞନାରାୟଣ ମହାନ୍ତି ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆଉ କେତୋଟି ବର୍ଷ ପରେ ଏହି ମହାବିଦ୍ୟାଳୟ ତାର ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳନ କରିବ, ଏଥିପାଇଁ ଆମକୁ ଏବେ ଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ବକ୍ତବ୍ୟ ରେ କହିଥିଲେ । ପରେ +୩ ଇତିହାସ ବିଭାଗର ଛାତ୍ରୀ ବିଦୁସ୍ମିତା ଘୋଷ ଚଳିତ ବର୍ଷ ବିଶ୍ୱିଦ୍ୟାଳୟ ଟପ୍ପର ହୋଇଥିବା ବେଳେ +୨ କଳା ବିଭାଗରେ ରିନା ମୁର୍ମୁ, ବିଜ୍ଞାନରେ ସୀମା ବେହେରା ଓ ମମତା ସିଂ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ଅତିଥି ମାନେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ କ୍ଷିରୋଦ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଶ୍ୱନି ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ଆଜିର ଏହି ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ଧୋବାଘାଟ ଦକ୍ଷିଣପାଖ କେନାଲ: ମାଟିରେ ପୋତିହୋଇଗଲା ଚାଷ ଜମି



ନୀଳଗିରି,୫/୦୮ (ନି.ପ୍ର): ନୀଳଗିରିରେ ଲଗାଣ ବର୍ଷାଫଳରେ ରାସ୍ତା,ଘର, ଚାଷଜମି, ଏପରିକି କ୍ଷୁଦ୍ରଜଳସେଚନ ବିଭାଗ କେନାଲ ପାଣି ବୁଡି କେନାଲ ଆଡି ଭାଙ୍ଗି ଚାଷ ଜମି ମାଟିରେ ପୋତିଯାଇଛି । ଏଭଳି ଅଭାବ ନିୟଘଟଣା ଘଟିଛି ଧୋବାଘାଟ କେନାଲର ଦକ୍ଷିଣପାଖ କେନାଲ ଆଡି । ହାତୀଆଶିଳା ଠାରୁ ମଛୁଆ ଗାଁ ପର୍ଯ୍ୟନ୍ତ ୫/୬ଜାଗାରେ ଘାଇ ହୋଇ କେନାଲକୁ ଲାଗିଥିବା ବିଲରେ ମାଟି ପୋତି ହୋଇବହୁ ଚାଷ ଜମିରେ ମାଟି ପୋତି ଯିବାଫଳରେ ଜମି ବାଲି ଚର ହୋଇଥିବାବେଳେ ଆଉ କିଛି ଜମିରେ ରୁଆ ଜାଇ ଥିବା ଧାନ ପୋତି ଯାଇଛି । ଏ ବିଷୟରେ ଜୟପ୍ରକାଶ ପାଣିପଂଚାୟତ ସଭାପତି ଗଙ୍ଗାଧର ଧର ମିଶ୍ର ଖୁଦ୍ର ଜଳ ସେଚନ ବିଭାଗ ସୁପର ଟେଣ୍ଡ ଇଂଜିନିୟର, ବାଲେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସହକାରୀ ଯନ୍ତ୍ରୀ ଇଂ ସଂଗୀତା ମହାନ୍ତି ପରିଦର୍ଶନ କରି ଅଳ୍ପ କିଛି ଜାଗାରେ ବୁଲି ଥିବାର ସୂଚନା ମିଳିଛି । ପ୍ରକାଶ ଥାଉକି ସହକାରୀ ଯନ୍ତ୍ରୀ ଇଂ ସଂଗୀତା ମହାନ୍ତି ଓ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଇଂ ନିମାଇଁ ଚରଣ ନାୟକ ଙ୍କ. ମଧ୍ୟରେ ତୁତୁ ମେମେ ହେଉଥିବା ଯୋଗୁଁ ଚାଷୀ ହନ୍ତସନ୍ତ । କ୍ଷୁଦ୍ରଜଳ ସେଚନ ବିବିଭାଗ, ନୀଳଗିରି ରେ କେନାଲ କାମ ସଠିକ ସମୟରେ ନ ହୋଇ ପାରିବାରୁ ଏହି ଲଗାଣ ବର୍ଷା ରେ କେନାଲ ର ଆଡି ବହୁଜାଗା ରେ ଭାଙ୍ଗି ଜାଇ କେନାଲଓ ଚାଷ ଜମି ନଷ୍ଟ ହୋଇଅଛି । ଏଥିପ୍ରତି ଦୃଷ୍ଟି କେନାଲ ଆଡିକୁ ତୁରନ୍ତ ବନ୍ଧାଇଲେ ଖରିବ ଋତୁ ରେଧାନ ଚାଷ ହୋଇପାରିବ ।

# ଆରୁ କେଭେଁର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୫/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ନାଟ୍ୟକାର ତଥା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ଲିଙ୍ଗରାଜ ସାହୁଙ୍କ ରଚିତ ସମ୍ବଲପୁରୀ/କୋଶଳି ଭାଷାର ନାଟକ ସଂକଳନ ଆରୁ କେଭେଁର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷକ ଭାବରେ ନେପାଳ ଚନ୍ଦନ ଯୋଗଦେଇ ନାଟକର ଆତ୍ମିକ ଓ ଆଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ମୁଖ୍ୟ ରାଜେଶ କୁମାର ପାତ୍ର ଓ ମାନବ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡକ୍ଟର ଶିବ କୁମାର ଯୋଗଦେଇ ନାଟକ ପୁସ୍ତକରେ ନିହିତ ଥିବା ସାମାଜ ସଚେତନର ବାର୍ତା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଜୟଶଙ୍କର ଭୋଇ ସାରସ୍ୱତ ସଭାର ଆଭିମୁଖ୍ୟ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଂଚ ପରିଚାଳନା କରିଥିଲେ।

# ୩୬୧ ଜଣ ପିଲାଙ୍କୁ ୪ ଶିକ୍ଷକ ଶିକ୍ଷୟତ୍ରୀ : ସ୍କୁଲକୁ ଶିକ୍ଷକ ନଦେଲେ ଆନ୍ଦୋଳନ ଚେତାବନୀ ଦେଲେ ଅଭିବବାକ

ବସ୍ତା,୫/୦୮ (ନି.ପ୍ର): ସାରା ରାଜ୍ୟ ଏବେ ଶିକ୍ଷା ବିଭାଗ କୁ ନେଇ ଚର୍ଚ୍ଚାରେ । କେତେ ବେଳେ ପିଲାଙ୍କ ପଢା ବହି ରେ ଭୁଲ କୁ ନେଇ କେତେ ବେଳେ ଶିକ୍ଷକ ଅଭାବ ନେଇ। ଏ ଭଳି ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ କସିପଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ । ସ୍କୁଲ ରେ ଚଳିତ ବର୍ଷ ୩୬୧ ଜଣ ଛାତ୍ର ଛାତ୍ରୀ ମାନେ ନିଜର ଭବିଷ୍ୟତ ପାଇଁ ନିଜ ନିଜ ଅଭିଭାବକ ମାନେ ସ୍କୁଲ କୁ ପଠାଉଛନ୍ତି। ସୁନ୍ଦର ପାଠ ପଢ଼ା ସହ ସୁନ୍ଦର ଭବିଷ୍ୟତ ପାଇଁ କିନ୍ତୁ ଦୁର୍ଭାଗ୍ୟ ର ବିଷୟ ସ୍କୁଲ ରେ ପ୍ରଧାନ ଶିକ୍ଷକ କୁ ଛାଡି ଦେଲେ ଜଣେ ଶିକ୍ଷକ ଓ ତିନି ଜଣ ଶିକ୍ଷୟତ୍ରୀ ଅଛନ୍ତି । ସେହି ଜଣେ ଶିକ୍ଷକ ସରକାର ଙ୍କ ଏସ ଆଇ ଆର କାମରେ ଲାଗି ରହିଛନ୍ତି। ତେଣୁ ପ୍ରଥମ ଶ୍ରେଣୀ ରୁ ସପ୍ତମ ଶ୍ରେଣୀ ତିନୋଟି ଦିଦି କଣ ପଢ଼ାଇବେ କଣ ପଢ଼ିବେ କଣ ଶିଖିବେ ଛାତ୍ର ଛାତ୍ରୀ। ତାହାକୁ ନେଇ ନେଇ ଆଜି ସ୍କୁଲ ରେ ପି ଟି ଏ ମିଟିଂ ରେ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି ଓ ସରକାର ସମସ୍ତଙ୍କୁ ସରକାରୀ ସ୍କୁଲ ରେ ପଢିବା ପାଇଁ କହୁଥିବା ବେଳେ କାହିଁକି ଶିକ୍ଷକ ଅଭାବ ରଖୁଛନ୍ତି ବୋଲି ପ୍ରଶ୍ନ କରିଥିଲେ ଅଭିଭାବକ । ତେଣୁ ସମସ୍ତ ଅଭିଭାବକ ମାନେ ସରକାର ଙ୍କୁ ଅନୁରୋଧ କରିଛନ୍ତି ସ୍କୁଲ କୁ ୪ ଜଣ ଶିକ୍ଷକ ଶିକ୍ଷୟତ୍ରି ପଠାଇବା ପାଇଁ। ଯଦି ଖୁବ ଶୀଘ୍ର ଶିକ୍ଷକ ଅଭାବ ପୂରଣ ନ ହୁଏ ଆନ୍ଦୋଳନାତ୍ମକ ପ୍ରନ୍ଥା ଗ୍ରହଣ କରିବେ ବୋଲି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି କହିଛନ୍ତି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୫/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇପୁର ଖଗେଶ୍ୱର ନାୟକ ବାଳିକା ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନତୀ ବେହେରାଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ତାଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କଳ୍ପନା ଦାସ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ କମଳାକାନ୍ତ ନାୟକ ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସାହିତ୍ୟିକ ଓ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର। ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଘନଶ୍ୟାମ ବିଶ୍ୱାଳ, ସି ଆର ସି ସି ଅଶୋକ କୁମାର ନାୟକ, ସମାଜସେବୀ ଚିତ୍ର ସେନ ପାତ୍ର, ଶିକ୍ଷାବିତ ଧ୍ରୁବ ଚରଣ ବେହେରା, ପ୍ରଦୀପ କୁମାର ରାୟ, ସ୍କୁଲ ପରିଚାଳନା କମିଟି ସଭାପତି ପଙ୍କଜ ମହାଲିକ ଓ ସମାଜସେବୀ ପ୍ରଭଞ୍ଜନ ମହାନ୍ତି। ଏହି ଉତ୍ସବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନତୀ ବେହେରାଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ପ୍ରକାରର ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନତୀ ବେହେରା ନିଜ ଶିକ୍ଷା ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏହି ଉତ୍ସବରେ ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷୟତ୍ରୀ ଭାରତୀ ପୃଷ୍ଟି, ଅଫିସ କର୍ମଚାରୀ ପ୍ରଦୀପ କୁମାର ରାୟ, ପୁରାତନ ଛାତ୍ରୀ ଡକ୍ଟର ନିବେଦିତା ପାତ୍ର ଓ ପୁଷ୍ପାଞ୍ଜଳି ନାୟକ ପ୍ରମୁଖଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟତ୍ରୀ ଜୟନ୍ତୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ସୁଦର୍ଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ମଞ୍ଜୁଲତା ପତି,ଝରଣା ରାୟ,ଆଦିକନ୍ଦ ନାୟକ, ହେମନ୍ତ କୁମାର ବାରିକ୍ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ୪୬ ବର୍ଷର ସେବାବ୍ରତୀ ଔଷଧ ବ୍ୟବସାୟୀ ଯତୀନ୍ଦ୍ର ନାଥ ଭୂୟାଁଙ୍କ ପରଲୋକ: ଅଞ୍ଚଳରେ ଶୋକର ଛାୟା



ଜଳେଶ୍ୱର , ୫/୮ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ଗ୍ରାମର ଜଣାଶୁଣା ଔଷଧ ବ୍ୟବସାୟୀ ତଥା ସମାଜସେବୀ ଯତୀନ୍ଦ୍ର ନାଥ ଭୂୟାଁଙ୍କର ୬୮ ବର୍ଷ ବୟସରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ପ୍ରକାଶ ଯେ, ସକାଳ ପ୍ରାୟ ୧୦ଟା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଦୀର୍ଘ ୪୬ ବର୍ଷ ଧରି ଔଷଧ ଦୋକାନ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ସେ ପ୍ରକୃତ ସେବାବ୍ରତୀ ଭାବେ ଆଦୃତ ଥିଲେ। ନିଜର ଅମାୟିକ ବ୍ୟବହାର, ପରୋପକାରୀ ମନୋଭାବ ଓ ସଦାହାସ୍ୟମୟ ବ୍ୟକ୍ତିତ୍ୱ ପାଇଁ ସେ ଅଞ୍ଚଳବାସୀଙ୍କ ଗହଣରେ ବେଶ୍ ପରିଚିତ ଥିଲେ।ତାଙ୍କ ମୃତ୍ୟୁ ଖବର ଶୁଣି ଆରୁହା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ସରପଞ୍ଚ ତପନୀ ଭୂୟାଁ, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ବ୍ୟବସାୟୀ ଓ ଗ୍ରାମବାସୀ ଶେଷ ଦର୍ଶନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ବଡ଼ପୁଅ ଦେବବ୍ରତ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭିଜିଲାନ୍ସ ଜାଲରେ...

ପରିବର୍ତ୍ତେ ପ୍ରତି ୨ଟି ଟ୍ରକ୍ ପାଇଁ ୨୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହାପରେ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନାବଦ୍ଧ ଭାବେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ନେଉଥିବା ସମୟରେ ନିରଞ୍ଜନ ସଣ୍ଡ ଓ ତାଙ୍କ ସହଯୋଗୀ ଧର୍ମେନ୍ଦ୍ର କୁମାର ବେହେରାଙ୍କୁ କାବୁ କରିଛି। ଉଭୟଙ୍କ ନିକଟରୁ ୨୬ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାସହ ଡିଲିଂ କ୍ଲାର୍କ ନିରଞ୍ଜନ ସାନ୍ଧାଙ୍କ ସମ୍ପତ୍ତି ସମ୍ପର୍କରେ ତିନୋଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ସମକାଳୀନ ଚଢ଼ାଉ ଜାରି ରହିଛି।

### କନଷ୍ଟେବଲ ସୌମ୍ୟରଞ୍ଜନ ...

ପ୍ରମାଣ ଆଧାରରେ ଏହି ଚାର୍ଜସିଟ୍ ଦାଖଲ ହୋଇଛି। ଏହି ମାମଲାରେ ୨୦ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଏହି ୧୧ ଜଣ ଅଭିଯୁକ୍ତ ଅଛନ୍ତି। ଅନ୍ୟ ୯ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ଚଲାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସେମାନେ ହେଉଛନ୍ତି- ସନ୍ତୋଷ ପତି ଓରଫ ମଣ୍ଟୁ, ସୂରଜ ଓଝା, ସଂଗ୍ରାମ ଭୋଇ, ପ୍ରମୋଦ ଜେନା, ବଣ୍ଟି ଜେନା, ସୂରଜିତ ରଣା, ଅଭିଷେକ କର, ସଦାନନ୍ଦ ଖୁଣ୍ଟିଆ ଓ ବିକ୍ରମ କେଶରୀ ଦାସ। ବାଲିଅନ୍ତାର ପୂର୍ବତନ ତଦନ୍ତ ଅଧିକାରୀ ଏହି ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ଧାରା ୧୯୩(୯) ଅନୁଯାୟୀ ଏହି ମାମଲାର ତଦନ୍ତ ଜାରି ରହିଛି। ଅଧିକ ପ୍ରମାଣ ସଂଗ୍ରହ, ବକେୟା ଫରେନ୍ସିକ୍ ରିପୋର୍ଟ ପ୍ରାପ୍ତି ଓ ଯାଞ୍ଚ, ଏବଂ ଅନ୍ୟାନ୍ୟ ତଥ୍ୟର ତଦନ୍ତ ଜାରି ରହିଛି। ସିଆଇଡି-କ୍ରାଇମବ୍ରାଞ୍ଚ କହିଛି, ଘଟଣାରେ ସମ୍ପୃକ୍ତ ଅନ୍ୟ ଚିହ୍ନଟ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ଅଧିକ ପ୍ରମାଣ ସଂଗ୍ରହ ପାଇଁ ତଦନ୍ତକୁ ପ୍ରାଥମିକତା ଭିତ୍ତିରେ ଜାରି ରଖାଯାଇଛି। ଆଗକୁ ଯଦି ଆହୁରି କିଛି ପ୍ରମାଣ ମିଳେ, ତା'ହେଲେ ଆଇନ ଅନୁଯାୟୀ କୋର୍ଟରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର-କାଜା ଅଞ୍ଚଳରେ ଗତ ମେ' ୭ ତାରିଖରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା।

### ଲଗାଣ ବର୍ଷା ପରେ...

ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଦେବଗଡ଼ ସମେତ ୨୮ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ରାଜ୍ୟରେ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଲାଗି ରହିବ।

### ସୀମା ନିର୍ଦ୍ଧାରଣ...

୫୦ ପ୍ରତିଶତ ବୃଦ୍ଧି କରାଯିବା ସହ ଆଗାମୀ ଲୋକସଭା ନିର୍ବାଚନରୁ ହିଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବାର ବ୍ୟବସ୍ଥା ରହିଛି । ସାମ୍ପ୍ରତିକ ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖି ସରକାର ଉଭୟ ଗୃହରେ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବା ନେଇ ଆଶାବାଦୀ ଅଛନ୍ତି । ଆସନ ବୃଦ୍ଧିର ସ୍ପଷ୍ଟ ବ୍ୟବସ୍ଥା ରହିଲେ କେତେକ ଆଞ୍ଚଳିକ ଦଳ ମଧ୍ୟ ଏହି ବିଲ୍ ?କୁ ସମର୍ଥନ କରିବେ ବୋଲି ଦାବି କରାଯାଉଛି।

### ଶେଖ୍ ହସିନାଙ୍କ ପ୍ରଥମ...

ସଂରକ୍ଷଣ ନୀତିରେ ସଂସ୍କାର ବାହାନାରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ବହୁ ପୂର୍ବରୁ ଷଡ଼ଯନ୍ତ୍ର ମାଧ୍ୟମରେ ରୂପରେଖ ଦିଆଯାଇଥିଲା । ସେ ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ସମ୍ପର୍କରେ କହିଛନ୍ତି ଯେ ସେ ନିଜେ ଏହି ଭୟାନକ ଚକ୍ରାନ୍ତ ପଛର ସତ୍ୟ ସାର୍ବଜନୀନ କରିଛନ୍ତି । କୋଟା ଆନ୍ଦୋଳନକୁ ଜାଣିଶୁଣି ଏକସୂତ୍ରୀ ଦାବିରେ ପରିଣତ କରାଯାଇ ସଂଗଠିତ ଗୋଷ୍ଠୀଗୁଡ଼ିକ ଦ୍ୱାରା କ୍ଷମତା ଦଖଲ ପାଇଁ ବ୍ୟାପକ ହିଂସା କରାଯାଇଥିଲା । ସେ କହିଛନ୍ତି ଯେ ୨୦୨୪ ଜୁଲାଇ ମାସର ଏହି ଆନ୍ଦୋଳନ ଆରମ୍ଭରୁ ଆଦୌ ଶାନ୍ତିପୂର୍ଣ୍ଣ ନଥିଲା ।

### ଜନ୍ତରମନ୍ତର ଆନ୍ଦୋଳନ ପରେ...

କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଝାଡ଼ଖଣ୍ଡରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସମର୍ଥନ ଦେବା କଥା ମଧ କୁହାଯାଇଛି । ଛାତ୍ରଙ୍କ ଉପରେ ହୋଇଥିବା ରଓଜ ହଟାଇବା ପାଇଁ ସରକାରଙ୍କ ସହ ଆଲୋଚନା ଚାଲିଥିବା ଦଳର ମୁଖପାତ୍ର କହିଛନ୍ତି । ସୂଚନା ଅନୁସାରେ, ଦିଲ୍ଲୀର ଜନ୍ତରମନ୍ତରରେ କକ୍ରୋଚ୍ ଜନତା ପାର୍ଟି ଜୁନ୍ ୨୦ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ୩୬ ଦିନ ଧରି ଆନ୍ଦୋଳନ କରିଥିଲା । ନିଟ୍-ୟୁଜି ପେପର ଲିକ୍, ପରୀକ୍ଷା ବ୍ୟବସ୍ଥାର ସୁଧାର ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ନେଇ ଏହି ଆନ୍ଦୋଳନ ଚର୍ଚ୍ଚାରେ ରହିଥିଲା । ଏବେ ରାଜନୀତିରୁ ଦୂରେ ରହି ଜନ ଚାପ ସୃଷ୍ଟି କରିବା ଉପରେ କକରୋଚ୍ ଜନତା ପାର୍ଟି ଗୁରୁତ୍ୱ ଦେଉଛି ।

# ବନ୍ୟା ପ୍ରଭାବିତ ବାଲେଶ୍ୱର ଜିଲ୍ଲା ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ବାଲେଶ୍ୱର, ୫/୮ (ନି.ପ୍ର): ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ସେ ଦହପଡା ଗ୍ରାମ ପଞ୍ଚାୟତ, ଛନୁଆ ଗ୍ରାମ ପଞ୍ଚାୟତ, କୁରୁଡ଼ିହା ଗ୍ରାମ ପଞ୍ଚାୟତ ଏବଂ ବାହାବଳପୁର ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ବନ୍ୟା ସ୍ଥିତି, ଜନଜୀବନ ଓ ସରକାରଙ୍କ ପକ୍ଷରୁ କରାଯାଉଥିବା ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ମାନ୍ୟବର ବାଲେଶ୍ୱର ସାଂସଦଙ୍କ ସମେତ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ମାନ୍ୟବର ସିମୁଳିଆ ବିଧାୟକ ଏବଂ ମାନ୍ୟବର ସଦର ବିଧାୟକ ମଧ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ପରିବାରମାନଙ୍କ ଘରକୁ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଘର, ଚାଷଜମି, ରାସ୍ତାଘାଟ, ପାନୀୟ ଜଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ଭିତ୍ତିଭୂମିର ସ୍ଥିତି ପରଖିଥିଲେ। ଏହି ଅବସରରେ ସେ କହିଥିଲେ ଯେ ରାଜ୍ୟ ସରକାର ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସହ ରହିଛନ୍ତି ଏବଂ କୌଣସି ଯୋଗ୍ୟ ବ୍ୟକ୍ତି ସରକାରୀ ସହାୟତାରୁ ବଞ୍ଚିତ ହେବେ ନାହିଁ। ସରକାରଙ୍କ ସମସ୍ତ ସହାୟତା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଶୀଘ୍ର ପ୍ରଦାନ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ। ପରିଦର୍ଶନ ସମୟରେ ସେ ଆଶ୍ରୟସ୍ଥଳ, ରିଲିଫ୍ ବଣ୍ଟନ କେନ୍ଦ୍ର ଓ ପ୍ରଭାବିତ ଗ୍ରାମଗୁଡ଼ିକରେ ଉପଲବ୍ଧ ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ଅଧିକାରୀମାନଙ୍କଠାରୁ ସୂଚନା ନେଇଥିଲେ। ଆବଶ୍ୟକ ସ୍ଥାନରେ ଅଧିକ ରିଲିଫ୍ ସାମଗ୍ରୀ ପଠାଇବା ସହିତ ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସେବା ଓ ପରିମଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର କଲେକ୍ଟରେଟ୍ ସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଲେଶ୍ୱର ଜିଲ୍ଲାର ବନ୍ୟା ସ୍ଥିତି, ଉଦ୍ଧାର କାର୍ଯ୍ୟ, ରିଲିଫ୍ ବଣ୍ଟନ, କ୍ଷୟକ୍ଷତିର ଆକଳନ, ଭିତ୍ତିଭୂମିର ପୁନରୁଦ୍ଧାର ଏବଂ ସାଧାରଣ ଜନଜୀବନକୁ ସ୍ୱାଭାବିକ କରିବା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କଠାରୁ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳର ବନ୍ୟା ସ୍ଥିତି, କ୍ଷୟକ୍ଷତିର ପରିମାଣ, ଉଦ୍ଧାର କାର୍ଯ୍ୟର ଅଗ୍ରଗତି, ରିଲିଫ୍ ବଣ୍ଟନ ଓ ପୁନରୁଦ୍ଧାର କାର୍ଯ୍ୟର ବିସ୍ତୃତ ସୂଚନା ସଂଗ୍ରହ କରିଥିଲେ। ସେ ପ୍ରତ୍ୟେକ ବ୍ଲକର ସ୍ଥିତି ସମ୍ପର୍କରେ ପୃଥକ ଭାବେ ସମୀକ୍ଷା କରି କେଉଁଠି କୌଣସି ସମସ୍ୟା ରହିଛି ତାହାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରେ କୌଣସି ପ୍ରକାରର ଅବହେଳା ବରଦାସ୍ତ କରାଯିବ ନାହିଁ। କ୍ଷତିଗ୍ରସ୍ତ ରାସ୍ତା, ପୋଲ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମିର ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ସେହିପରି କ୍ଷତିଗ୍ରସ୍ତ ପରିବାରମାନଙ୍କର ତାଲିକା ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପ୍ରସ୍ତୁତ କରି ଶୀଘ୍ର କ୍ଷତିପୂରଣ ଓ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗକୁ ବନ୍ୟା ପରବର୍ତ୍ତୀ ସମ୍ଭାବ୍ୟ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଆବଶ୍ୟକ ଔଷଧ ମହଜୁଦ ରଖିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ପଶୁ ସମ୍ପଦ ବିଭାଗକୁ ପଶୁମାନଙ୍କର ଚିକିତ୍ସା ଓ ଆବଶ୍ୟକ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୃଷି ବିଭାଗକୁ ଚାଷ କ୍ଷତିର ଆକଳନ କରି ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ବୈଠକରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟିକା/ବିଧାୟକ ଗଣ ବୈଠକରେ ଉପସ୍ଥିତ ରହି ନିଜ ନିଜ ନିର୍ବାଚନମଣ୍ଡଳୀର ବନ୍ୟା ସ୍ଥିତି, ଲୋକଙ୍କ ସମସ୍ୟା ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମତାମତ ରଖିଥିଲେ। ସେମାନେ ବିଭିନ୍ନ ଅଞ୍ଚଳରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ, ରାସ୍ତା ମରାମତି, କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଏବଂ କୃଷି କ୍ଷତିର ଯଥାର୍ଥ ଆକଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବିଭିନ୍ନ ଦାବିରେ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ




ଖଇରା, ୫/୮ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଖଇରା ଶିକ୍ଷକ ସମନ୍ୱୟ ସମିତି ତରଫରୁ ସଭା ଆୟୋଜନ ପରେ ଖଇରା ବିଡିଓ ନାରାୟଣ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ଆଇନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସମନ୍ୱୟ ସମିତି ଆବାହକ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ୪୮୮ବର୍ଗର ରାଜ୍ୟ ସଭାପତି ବନମାଳୀ ବାରିକ,ଓଷ୍ଟା ସଭାପତି ବ୍ରହ୍ମାନନ୍ଦ ସାହୁ,ଅଲୋଷ୍ଟା ସମ୍ପାଦକ ଶଙ୍କର୍ଷଣ ଜେନା,ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ହୋତା ପ୍ରମୁଖ ଖୁବଶିଘ୍ର ଶିକ୍ଷକମାନଙ୍କର ୪ ଦଫା ଦାବି ପୂରଣ ଉପରେଁ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ରାଜ କିଶୋର ମିଶ୍ର, କୃଷ୍ଣଚନ୍ଦ୍ର କର,ନରସିଂହ ପାଣି, ଚିତ୍ତରଞ୍ଜନ ଦାସ, ଗୌରାଙ୍ଗ ଚନ୍ଦ୍ର ପାଢୀ, ଅମରେନ୍ଦ୍ର ବାରିକ, ପାର୍ବତୀ ମହାନ୍ତି, ଗୀତାରାଣୀ ସାହୁ, ରଶ୍ମିରଞ୍ଜନ ଶତପଥି, ଗୌରାଙ୍ଗ ବେହେରା, ରବିନ୍ଦ୍ର ପଣ୍ଡା,ଉଦୟ ରାଉତ,ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଭା ପରେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ବ୍ୟବସ୍ଥା,ନୁତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୁରଣ,ଗ୍ରେଡ ପେ ଅସଙ୍ଗତି ଦୂରିକରଣ ତଥା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କୁ ସରକାରୀ କରଣ କରାଯିବା ନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ।

# ଖଇରାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଇରା, ୫/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବୁଧବାର ଦିନ ଭିମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଅସ୍ଥିଶଲ୍ୟ ବିଭାଗରେ ୧୮୦, ଚକ୍ଷୁରେ ୫୨, ମାନସିକ ଅଗ୍ରସର ବିଭାଗରେ ୩୯,ବିବିଧରେ ୧୪ଜଣ ମୋଟ ୨୮୫ ଜଣ ପଞ୍ଜିକରଣ କରିବା ପରେ ଡାକ୍ତରଙ୍କ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ତଥା ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଏଥିରେ ଯୋଗଦେଇଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରୟଣ ସାହୁ ଏହି ଶିବିରକୁ ଉଦଘାଟନ କରିଥିଲେ । ତେବେ ନାଶା,କର୍ଣ୍ଣ ଓ ଗଳା ବିଭାଗରେ କୌଣସୀ ଡାକ୍ତର ଆସିନଥିବାରୁ ଦୁରଦୁରାନ୍ତରୁ ଆସିଥିବା ପାଖାପଖି ୫୦ଜଣ ଦିବ୍ୟାଙ୍ଗ ନିରାଶାରେ ଫେରିଯିବାକୁ ବାଧ୍ୟ ହୋଇଥିଲେ । ବୁଧବାର ବିଭିନ୍ନ ବିଭାଗରେ ଡାକ୍ତର ନଆସିବା ତଥା ୨୦୨୪-୨୫ ଓ୨୫-୨୬ରେ ପ୍ରମାଣପତ୍ର ପାଇଁ ଆବଦେନ କରିଥିବା ବହୁ ଦିବ୍ୟାଙ୍ଗଙ୍କୁ ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ମିଳିନଥିବାରୁ ଏଭଳି ଶିବିର କେବଳ ପ୍ରହସନ ବୋଲି ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା କହିଛନ୍ତି । ଏଥିସହ ହାତଲେଖାରେ ୮୦ପ୍ରତିଶତର ପ୍ରମାଣପତ୍ର ପାଇଥିବା ଦିବ୍ୟାଙ୍ଗଙ୍କର ଏହି ପ୍ରମାଣପତ୍ରକୁ ଅନଲାଇନରେ ପ୍ରଦାନକୁ ବାଧ୍ୟତା ମୂଳକ କରିବାକୁ ଦାବି କରିଛନ୍ତି ।

# ଓଟିଇଟି ବାଧ୍ୟତାମୂଳକ କରାଯିବା ପ୍ରସଙ୍ଗକୁ ଶିକ୍ଷକ ସଂଘର ନିନ୍ଦା



ଉଦଳା , ୫/୮ (ନି.ପ୍ର): ଗତ ୨୦୧୧ ମସିହା ପୂର୍ବରୁ ଚାକିରୀ ଜୀବନ ଆରମ୍ଭ କରିଥିବା ଶିକ୍ଷକ ଶିକ୍ଷୟିତ୍ରିଙ୍କ ପାଇଁ ଓଟିଇଟି ବାଧ୍ୟତା ମୂଳକ କରାଯିବା ପ୍ରସଙ୍ଗକୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଏହିସବୁ ଶିକ୍ଷକ ଶିକ୍ଷୟିତ୍ରି ମାନେ ଚାକିରୀ ଜୀବନରୁ ଅବସର ନେବା ପାଇଁ ଆଉ ଅଳ୍ପ କେତୋଟି ବର୍ଷ ସମୟ ବାକି ଥିବା ବେଳେ ଓଟିଇଟି ବାଧ୍ୟତା ମୂଳକ କରାଯିବା ଆଦୌ ଉଚିତ ହୋଇନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏ ବାବଦରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆରତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବାରିପଦାସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ବୈଠକ ବସିବା ସହ ବିସ୍ତୃତ ଆଲୋଚନା କରାଯାଇଛି । ଶିକ୍ଷକ ସଂଘର ଏହି ନିଷ୍ପତିକୁ ସରକାରଙ୍କୁ ଅବଗତ କରାଇବା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି ସଭାପତି ଶ୍ରୀଯୁକ୍ତ ପରିଡ଼ା ଘୋଷଣା କରିଛନ୍ତି । ସଂଘର ଜିଲ୍ଲା ସଂପାଦକ ବିମଳ କୁମାର ଆଚାର୍ଯ୍ୟ ବିଗତ ଦିନରେ ସଂଘ ତରଫରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ଇତିହାସ ଉପସ୍ଥାପନ କରିବା ସହ ସଂଘର କାର୍ଯ୍ୟକାଳ ସରିଯାଇଥିବାରୁ ନୂତନ କର୍ମକର୍ତା ଚୟନ ପାଇଁ ନିର୍ବାଚନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହାପରେ ନିକଟରେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ଶିକ୍ଷକ ଶିକ୍ଷୟିତ୍ରିଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପରି ଇତି ମଧ୍ୟରେ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଖୁବ୍ ନିକଟରେ ଉତ୍ସବ ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଥିଲା । ବୈଠକର ପ୍ରାରମ୍ଭରେ ଶିବ ପ୍ରସାଦ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗାୟତ୍ରି ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଆଜିର ଏହି ବୈଠକକୁ ସଫଳ କରିବାରେ ନନ୍ଦକିଶୋର ବେହେରା ଓ ଲଳିତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ରାଜ୍ୟର ୯ଟି ଜାତୀୟ ଓ ରାଜ୍ୟ ରାଜପଥରେ କଡ଼ାକଡ଼ି ହେଲା ଇ-ଚାଲାଣ ବ୍ୟବସ୍ଥା

## ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ସ୍ୱୟଂଚାଳିତ ଜରିମାନା ଆଦାୟ

ଭଦ୍ରକ, ୫/୮ (ନି.ପ୍ର): ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସଡ଼କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ପରିବହନ ପ୍ରାଧିକରଣ , ଓଡ଼ିଶା ପକ୍ଷରୁ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ରାଜ୍ୟର ୯ଟି ଜାତୀୟ ଓ ରାଜ୍ୟ ରାଜପଥରେ ସ୍ୱୟଂଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରମାଣ ଆଧାରିତ ଓ ସ୍ୱଚ୍ଛ ଭାବରେ ଇ-ଚାଲାଣ ଜାରି କରାଯିବ। ଓଭରସ୍ପିଡ଼ (ଓରଗଝ) ମାଧ୍ୟମରେ ବର୍ତ୍ତମାନ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ତିନିଜଣ ବସି ଦୁଇଚକିଆ ଚଳାଇବା, ହେଲମେଟ୍ ବିନା ଚାଳନା ଏବଂ ଭୁଲ ସାଇଡରେ ଗାଡ଼ି ଚଳାଇବା ଭଳି ନିୟମ ଉଲ୍ଲଂଘନକୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରାଯାଇ ଇ-ଚାଲାଣ ଜାରି ହେବ। ପ୍ରତ୍ୟେକ ଇ-ଚାଲାଣରେ ଫଟୋ କିମ୍ବା ଭିଡିଓ ପ୍ରମାଣ, ଗାଡ଼ିର ପଞ୍ଜୀକରଣ ସଂଖ୍ୟା, ସମୟ, ସ୍ଥାନ ଏବଂ ଗତି ସମ୍ପର୍କିତ ସୂଚନା ରହିବ। ସେଥି ମଧ୍ୟରୁ ୧୬ ନଂ ଜାତୀୟ ରାଜପଥର ପାଣିକୋଇଲି ଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତାସ୍ତାର ନିର୍ଦ୍ଧାରିତ ସର୍ବାଧିକ ବେଗସୀମା: ଦୁଇଚକିଆ ଯାନ – ୬୦ କି.ମି./ଘଣ୍ଟା (+୫%)। ହାଲୁକା ମୋଟର ଯାନ – ୧୦୦ କି.ମି./ଘଣ୍ଟା (+୫%)। ଭାରୀ ମୋଟର ଯାନ – ୮୦ କି.ମି./ଘଣ୍ଟା (+୫%) ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଯାନଚାଳକମାନଙ୍କୁ ଟ୍ରାଫିକ୍ ନିୟମ ମାନିବା, ନିର୍ଦ୍ଧାରିତ ବେଗସୀମା ମଧ୍ୟରେ ଗାଡ଼ି ଚଳାଇବା, ହେଲମେଟ୍ ବ୍ୟବହାର କରିବା ଏବଂ ସଡ଼କ ସୁରକ୍ଷା ନିୟମକୁ ପାଳନ କରିବା ପାଇଁ ଅନୁରୋଧ କରାଯାଇଛି। ଏହି ବ୍ୟବସ୍ଥା ଦୁର୍ଘଟଣା ହ୍ରାସ କରିବା ସହ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଇଛି।

# ମା'ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ

ମୟୂରଭଞ୍ଜ, ୫/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଜନଜାତି ବହୁଳ ଇଲାକାସ୍ଥିତ ସାରସକଣା ବ୍ଲକର ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ନାରୀ ଶିକ୍ଷା ପ୍ରସାରଣର ପୁରାତନ ମାଧ୍ୟମିକ ଶିକ୍ଷାନୁଷ୍ଠାନ 'ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ'ର ଶିକ୍ଷାଦାନ ବ୍ୟବସ୍ଥା ଇତି ମଧ୍ୟରେ ବହୁଳ ଭାବେ ପ୍ରଭାବିତ ଓ ବାଧାପ୍ରାପ୍ତ ହେବା ନଜରକୁ ଆସିଛି। ସରକାରୀ ନିୟମାନୁଯାୟୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡି 'ଆର୍ଟସ୍' ବିଷୟ ପାଇଁ ଦୁଇଜଣ, 'ଗଣିତ ରସାୟନ ଓ ପଦାର୍ଥ ବିଜ୍ଞାନ' ପାଇଁ ଜଣେ, 'ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ' ନିମିତ୍ତ ଜଣେ, 'ସଂସ୍କୃତ' ପାଇଁ ଜଣେ, 'ହିନ୍ଦୀ' ପାଇଁ ଜଣେ ଏବଂ 'ଖେଳ' ଶିକ୍ଷୟିତ୍ରୀ ଜଣେ ଏହିପରି ତାଲିମପ୍ରାପ୍ତ ମୋଟ ଆଠଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସାହିତ୍ୟ , ଇଂରାଜୀ, ସଂସ୍କୃତ ବୀଜଗଣିତ, ଜ୍ୟାମିତି, ପରିମିତି, ତ୍ରିଗଣମିତି ତଥା ଭୌତିକବିଜ୍ଞାନ ଜୀବବିଜ୍ଞାନ ଇତ୍ୟାଦି ବିଷୟଗୁଡିକ ପାଇଁ ଶିକ୍ଷାଦାନର ଆବଶ୍ୟକ ରହିଥିଲେ ହେଁ, ସମ୍ପ୍ରତି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ 'ଆର୍ଟସ୍' ବିଷୟ ଲାଗି ଦୁଇଜଣ, 'ସଂସ୍କୃତ' ସକାଶେ ଜଣେ ଏବଂ 'ଖେଳ' ଶିକ୍ଷୟିତ୍ରୀ ଜଣେ, ସର୍ବମୋଟ କେବଳ ଚାରିଜଣ ଶିକ୍ଷିକା କାର୍ଯ୍ୟରତ ଅଛନ୍ତି। ପୂର୍ବବର୍ଷରେ ସରକାର ଅତିଥି ଶିକ୍ଷକ/ଶିକ୍ଷିକା ନିଯୁକ୍ତି ଦେଇ ଏହାର ସମାଧାନ କରିଥିଲେ, ହେଲେ ଦୁଃଖର କଥା ଏବର୍ଷ ତାହା ବି ନାହିଁ। ଉପରୋକ୍ତ ପରିସ୍ଥିତିରେ ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଏକପ୍ରକାର ଭୁଷୁଡି ଗଲାଣି ବୋଲି ସ୍କୁଲ୍ ମ୍ୟାନେଜିଂ କମିଟିର ତରଫରୁ ସଭାପତି ପଦ୍ମନାଭ ସାହୁ, ତାପସ କୁମାର ଦାସ, ସରପଞ୍ଚ ପୋଖରିଆ, ସୁରେଖା ସାହୁ, ଝରଣା ପାତ୍ର, ମାନ୍ୟବର ବିଧାୟକ, ସାରସକଣାଙ୍କ ପ୍ରତିନିଧି ସଞ୍ଜୟ କୁମାର ସାହୁ, ସୁଶ୍ରୀ ରୀତା ମିଶ୍ର, ବିଶ୍ୱଜିତ କର ଓ ରୁକ୍ମିଣୀ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି। ଜିଲ୍ଲା ଶିକ୍ଷାବିଭାଗ ଅଗ୍ରାଧିକାର ଭିତ୍ତିରେ ଉପରୋକ୍ତ ଅସୁବିଧାର ସମାଧାନ କରିବା ଏକାନ୍ତ ପ୍ରୟୋଜନ। ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ ତୁରନ୍ତ ସୁଗମ ଏବଂ ସୁଚାରୁ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସେମାନେ ଦାବି ଜଣାଇଛନ୍ତି।

ଗୁରୁବାର, ଅଗଷ୍ଟ ୦୬, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା ଓ ପ୍ରତିବାଦ ସଭା

ବୈଶିଙ୍ଗା, ୫/୮ (ନି.ପ୍ର): ଅଦ୍ୟ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବେତନଟୀ ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ରେ ଧାରଣା ଓ ପ୍ରତିବାଦ ସଭା ସହ ମୁଖ୍ୟ ମନ୍ତ୍ରୀ, ଉଚ୍ଚ ଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡିକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମନଙ୍କୁ ପେନସନ ପ୍ରଦାନ, ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ କଣ୍ଟ୍ରାଚୁଆଲ ପିରିଅଡ କୁ ସରକାରୀ ଚାକିରିରେ ଯୋଗ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକୁ ସରକାରୀକରଣ, ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ରେ ନିଯୁକ୍ତି, ଗ୍ରେଡ ପେ ରେ ଅସଙ୍ଗତି ଦୂର ଆଦି ଅନ୍ୟତମ । ଦାବିପତ୍ର ଗୁଡିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବିଡ଼ିଓ ଙ୍କ ଅନୁପସ୍ଥିତ ରେ ହେଡ କ୍ଲର୍କ ଙ୍କୁ ଓ ବିଧାୟକ ଙ୍କ ଉଦ୍ଦେଶ୍ୟ ରେ ମଣ୍ଡଳ ସଭାପତି ଜ୍ୱାନ ପଣ୍ଡିତ ଙ୍କୁ ପ୍ରଦାନ କରିଥିଲେ ।ଗୋପବନ୍ଧୁ ଶିକ୍ଷା ନିକେତନ ହରେକୃଷ୍ଣ ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ଆବାହକ ସୂର୍ଯ୍ୟାନନ୍ଦ ନାୟକ, ଧୀରେନ୍ଦ୍ର ପ୍ରଧାନ,ଟିକାୟତ ଚନ୍ଦ୍ର ମହାନ୍ତ,କୁଷଧର ମହାନ୍ତ, ନରହରି ମହାନ୍ତ, ଗଜେନ୍ଦ୍ର ମହାନ୍ତ, ବିଜୟ କୁମାର ପଣ୍ଡିତ, ଜଗଦିଶ ଚନ୍ଦ୍ର ମହାନ୍ତ, ରଞ୍ଜନ କୁମାର ବାରିକ, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଭବାନୀ ଶଙ୍କର ବାଗ, ଗଣେଶ ନାୟକ, ଅରୁଣ ସାହୁ, ମମତା ପଣ୍ଡା, ମୃତ୍ୟୁଞ୍ଜୟ ଦାସ, ନିହାର ବେହେରା, ଅଜୟ ବରିକ, ମୌସୁମୀ ମାହାପାତ୍ର, ସୁଜାତା ଦାସ, ଗୋପାଲ ପ୍ରଧାନ, ମନୋଜ ବେହେରା, ନିରଞ୍ଜନ ବେଜ୍, ହରେନ୍ଦ୍ର କର,ଅମୀୟ ପରିଡ଼ା, ଚିତ୍ତରଞ୍ଜନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଅନ୍ତର୍ଯ୍ୟାମୀ ପୋଥାଲ, ସରୋଜ ମହାପାତ୍ର, ଦିଲ୍ଲିପ ସେନାପତି ପ୍ରଭୃତି ଯୋଗ ଦେଇଥିଲେ । ସର୍ବଶେଷରେ ଶିକ୍ଷକ ଟିକାୟତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୟାଲ ହାଇସ୍କୁଲରେ ଭାଗବତ ସନ୍ଧ୍ୟା ଅନୁଷ୍ଠିତ




ବାସୁଦେବପୁର, ୫/୮ (ନି.ପ୍ର): ବାସୁଦେବପୁରର ଆଦର୍ଶ ଶିକ୍ଷା ଅନୁଷ୍ଠାନ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଗବତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଦିବସରେ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ହେମନ୍ତ କୁମାର ମହାକୁଡ଼ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଭାଗବତ ପାଠ କରି ଶୁଣାଇଥିଲେ । ଶ୍ରୀ ମହାକୁଡ ଖୁବ୍ ନିଆରା ଉଦ୍ୟମ ଜାରି ରଖିଛନ୍ତି ଓ ଆଧାତ୍ମିକ ପରିବେଶ ସୃଷ୍ଟି କରି ପାରିଛନ୍ତି । ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ କେବଳ ପାଠ୍ୟ ପୁସ୍ତକ ପଢା ଯାଉଛି । କିନ୍ତୁ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ଛାତ୍ର ଛାତ୍ରୀ ମାନଙ୍କୁ ପଢା ଯିବା ସହିତ ଭାଗବତ ପାଠ ଓ ଅଧିକାଂଶ ସମୟରେ ଆଧାତ୍ମିକ ଜ୍ଞାନ ଚର୍ଚ୍ଚା ଚାଲିଛି । ଏହି ସୁନ୍ଦର ଆଧାତ୍ମିକ ପରିବେଶରେ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଭାଗବତ ପାଠ ସହିତ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ମହାକୁଡ଼ ଭଜନ ସମ୍ରାଟ ଭିକାରୀ ବଳଙ୍କ ଭଜନ ଜଣାଣ ପରିବେଷଣ କରିଥିଲେ । ମହାପ୍ରଭୁ ଜଗନ୍ନାଥଙ୍କ ଭଜନ କୁ ଖୁବ୍ ସୁନ୍ଦର ଭାବେ ଗାଇ ଥିଲେ ଶ୍ରୀ ମହାକୁଡ । ଏହି ଭାଗବତ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର ଛାତ୍ରୀ ଓ ବାଦ୍ୟକାର ଯୋଗ ଦେଇଥିଲେ ।

## ସିଦ୍ଧେଶ୍ୱର ଡିଗ୍ରୀ କଲେଜରେ ଯୁବପିଢ଼ି ପାଇଁ 'ଷ୍ଟାର୍ଟଅପ୍ ଓ ନବସୃଜନ' କର୍ମଶାଳା ଅନୁଷ୍ଠିତ

ବସ୍ତା ୫/୮(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ଡିଗ୍ରୀ କଲେଜରେ ଯୁବ ପିଢ଼ିଙ୍କୁ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ 'ଷ୍ଟାର୍ଟଅପ ଏବଂ ନବସୃଜନ' ବିଷୟକ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । କଲେଜ ଅଧକ୍ଷ ଡ.ବସନ୍ତ କୁମାର ବଳଙ୍କ ପୌରହିତ୍ୟ ରେ ଅଧାପିକା ପ୍ରଯନ୍ମ ଶୀଳା ସ୍ୱାଦ୍ଧାଆନୀ, ଅଧାପିକା ଦିବ୍ୟା ଜ୍ୟୋତି ସୁନିଆନୀ, ଅଧାପକ ଭଗବାନ ବେହେରା, ଅଧାପକ ସୁପ୍ରିୟ ଚକ୍ରବର୍ତ୍ତୀ, ଅଧାପକ ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବିଶେଷଜ୍ଞମାନେ ନୂତନ ବ୍ୟବସାୟିକ ଚିନ୍ତାଧାରା, ନବ ସୃଜନ, ଷ୍ଟାର୍ଟଅପ ସୁଯୋଗ ଓ ସରକାରୀ ସହାୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଅଧାପକ ଉପସ୍ଥିତ ଥିଲେ ।

## ଗଦାଧର ଗିରି ପାନ ଚାଷୀ ସମନ୍ୱୟ ସମିତି ପକ୍ଷରୁ ପାନ ଚାଷୀଙ୍କ ସମାବେଶ

### ସରକାର ପାନଚାଷକୁ କୃଷିର ମାନ୍ୟତା ଦେଉନଥିବାରୁ ଚାଷୀଙ୍କ କ୍ଷୋଭ ପ୍ରକାଶ




ବାଲିଆପାଳ, ୫/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ର କାଇଁଚ ଖୋଳିଆ କାଳୀମନ୍ଦିର ସମ୍ମୁଖରେ ଆଜି ଗଦାଧର ଗିରି ପାନ ଚାଷୀ ସମନ୍ୱୟ ସମିତି ପକ୍ଷରୁ ପାନ ଚାଷୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶ ରେ ଦକ୍ଷିଣ ବାଲିଆପାଳ ର ସମୁଦ୍ର କୂଳିଆ ବିଭିନ୍ନ ପଞ୍ଚାତରୁ ପାନ ଚାଷୀ ଯୋଗ ଦେଇ ସରକାର ପାନଚାଷକୁ କୃଷିର ମାନ୍ୟତା ଦେଉ ନଥିବାରୁ କ୍ଷୁବ ପ୍ରକାଶ କରିବା ସହିତ ପାନ ଚାଷ କୁ କୃଷିର ମାନ୍ୟତା ଦାବୀରେ ରାଜ୍ୟସ୍ତରୀୟ ଆନ୍ଦୋଳନ କରାଯିବ ଚେତାବନୀ ଦେଇଥିଲେ । ଏହି ଅବସରେ ରେ ଗଦାଧର ଗିରି ସ୍ମୃତି ବିକାଶ ପାରିଷଦର ସଭାପତି ଧୀରେନ୍ଦ୍ର ନାଥ ହାଜିରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ପାନ ଚାଷୀ ସମାବେଶରେ ଓଡ଼ିଶା ପାନ ଚାଷୀ ସମନ୍ୱୟ ସମିତି ର ସଭାପତି ବିକାଶ ଚନ୍ଦ୍ର ଗିରି ଯୋଗ ଦେଇ ପାନ ଚାଷକୁ କୃଷିର ମାନ୍ୟତା ଓ ଦକ୍ଷିଣ ବାଲିଆପାଳ ରେ ଏକ ପାନ ପ୍ରୋସେସିଙ୍ଗ ୟୁନିଟ ସ୍ଥାପନ ପାଇଁ ପାନ ଚାଷୀ ଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ବାଲିଆପାଳ ରେ ପାନ ପ୍ରୋସେସିଙ୍ଗ ୟୁନିଟ ସ୍ଥାପନ ଦ୍ୱାରା ଚାଷୀ କି ପ୍ରକାରର ଲାଭ ପାଇ ପରିବେ ସେ ବିଷୟ ରେ ମଧ ବିଶଦ ଭବରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପାନ ଚାଷୀ ପୂର୍ଣ୍ଣ ଚନ୍ଦ୍ର ସାମନ୍ତରାୟ, ଯଦୁ ନାଥ ବେହେରା, ବଳରାମା ଦାସ, ରଜନୀ ପ୍ରଧାନ, ସଂଗ୍ରାମ ହାଜିରା, କାଶୀନାଥ ଗିରି ଙ୍କ ସହିତ ବହୁ ପାନ ଚାଷୀ ଉପସ୍ଥିତ ଥିଲେ ।

## ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧକ୍ଷତାରେ ଭଦ୍ରକ ଜିଲ୍ଲାର ବନ୍ୟା ପରିସ୍ଥିତିର ସମୀକ୍ଷା ବୈଠକ ଅନୁଷ୍ଠିତ



ଭଦ୍ରକ, ୫/୮ (ନି.ପ୍ର): ଆଜି ମାନ୍ୟବରଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧକ୍ଷତାରେ ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ,ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥାନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ପୋଲିସ ଅଧୀକ୍ଷକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମହୋଦୟା ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବନ୍ୟା ମୁକାବିଲା, ପ୍ରଭାବିତ ଅଞ୍ଚଳର ତୁରନ୍ତ ସମାଧାନ ଏବଂ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈତରଣୀ, ସାଳନ୍ଦୀ ଓ ଆଖୁଆପଦା ନଦୀର ଜଳସ୍ତର ସ୍ଥିତି,ପ୍ରଭାବିତ ଗ୍ରାମ, ବନ୍ଧ ଭଙ୍ଗା ସ୍ଥାନ, କଲଭର୍ଟ ଓ ବ୍ରିଜର ସ୍ଥିତି ,ଆଶ୍ରୟ ସ୍ଥଳୀ, ମାଗଣା ରୋଷେଇ, ଶୁଷ୍କ ଖାଦ୍ୟ ଓ ପାନୀୟ ଜଳ ବିତରଣ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପଶୁ ଚିକିତ୍ସା, ମାଛ ଜାଆଁଳା ଓ ଗୋଖାଦ୍ୟ ଯୋଗାଣ,ଚାଷ ଜମିର କ୍ଷୟକ୍ଷତି, ରାସ୍ତା, ବିଦ୍ୟୁତ୍ ଯୋଗାଯୋଗ ପୁନଃସ୍ଥାପନ ଆଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାରେ ତୁରନ୍ତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା, ଗାଈଗୋରୁଙ୍କ ପାଇଁ ଗୋଖାଦ୍ୟର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା, ବିଚ୍ଛିନ୍ନ ଅଞ୍ଚଳରେ ଶୁଷ୍କ ଖାଦ୍ୟ ଓ ପାନୀୟ ଜଳର ଶତପ୍ରତିଶତ ବିତରଣ କରିବା ,ଅତିରିକ୍ତ ଡାକ୍ତରୀ ଟିମ୍ ମୁତୟନ କରି ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଜଳବାହିତ ରୋଗର ପ୍ରାଦୁର୍ଭାବକୁ ରୋକିବା, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ବଳ ସ୍ଥାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖି ତୁରନ୍ତ ମରାମତି କରିବା, ସମସ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକ ପୂର୍ବରୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତିହିଡି ବ୍ଲକର ବାର୍ସର ଓ ଗୋବିନ୍ଦପୁର ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସେ ରାଜ୍ୟ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ।

## ପାଳିତ ହେଲା ଓଡିଆ ସାମ୍ବାଦିକତା ଦିବସ

### ଯୋଗଦେଲେ ଛାତ୍ରଛାତ୍ରୀ, ବୁଦ୍ଧିଜୀବି, ସାମ୍ବାଦିକ, ଶିକ୍ଷାବିତ୍ ଓ ଉଦ୍ୟୋଗପତି




ଭୁବନେଶ୍ୱର, ୫/୮ (ନି.ପ୍ର): ଓଡ଼ିଶା ମିରର୍ ଏବଂ ମୁଁ ଓଡ଼ିଆ ମୋ ଓଡ଼ିଶା ମିଳିତ ଆୟୋଜନରେ ସ୍ଥାନୀୟ ଦୂରସଂଚାର ଭବନ ସମ୍ମିଳନୀ କକ୍ଷରେ ' ଓଡ଼ିଆ ସାମ୍ବାଦିକତା ଦିବସ ସମୋରୋହ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ଆଜିର ଦିନରେ ଅଗଷ୍ଟ ୪ରେ ପ୍ରକାଶ ପାଇଥିଲା । ଓଡିଶାର ଭାଷା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ସହିତ ନଅଙ୍କ ଦୁର୍ଭିକ୍ଷର ଦାରୁଣ ଦୃଶ୍ୟ ସବୁ ଉତ୍କଳ ଦୀପିକା ମାଧ୍ୟମରେ ପ୍ରକାଶ ପାଇଥିଲା । ସେହି ଦିନକୁ ଓଡିଆ ସାମ୍ବାଦିକତା ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଆୟୋଜିତ ସଭାରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ଟିମ୍ ଗ୍ରୁପ୍ ଅଧକ୍ଷ ଶ୍ରୀଯୁକ୍ତ ନିଶିକାନ୍ତ ମିଶ୍ର, ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଓ ମହର୍ଷି ଡେୟାର ଡେଭିଲ୍ସ ଗ୍ରୁପ୍ ପ୍ରତିଷ୍ଠାତା ଡ. ମିହିର ରଞ୍ଜନ ଶରଣ, ବିଜେବି କଲେଜ ସାମ୍ବାଦିକତା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରାଜଲକ୍ଷ୍ମୀ ଦାସ, ବରିଷ୍ଠ ରାଜନେତା , କେନ୍ଦ୍ରାପଡ଼ାଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ତଥା ଜିଲ୍ଲାପରିଷଦ ସଦସ୍ୟ ଶ୍ରୀଯୁକ୍ତ ସୁରେନ୍ଦ୍ର ପ୍ରସାଦ ରାଉତ, ଏମ ବି ସି ଟିଭି ସହ ସଂପାଦକ ଶ୍ରୀଯୁକ୍ତ ମଳୟ ରଞ୍ଜନ ମହାନ୍ତି, ଉତ୍କଳ ଚାମ୍ବର ଅଫ୍ କମର୍ସ ଇଣ୍ଡଷ୍ଟ୍ରି ସଂପାଦକ ଶ୍ରୀଯୁକ୍ତ ସଞ୍ଜୀବ ମହାପାତ୍ର, ସ୍ତମ୍ଭକାର ଓ ପ୍ରେରଣାଦାୟୀ ବକ୍ତା ତଥା ଅଜୟ ଇନସ୍ୟୁରାନସ ଏକାଡେମୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ' ଉତ୍କଳ ଦୀପିକା ଠାରୁ ଡିଜିଟାଲ ସାମ୍ବାଦିକତା : ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଅଭିମତ ପ୍ରକାଶ କରିଥଲେ । ଓଡ଼ିଶା ମିରର୍ ମୁଖ୍ୟ ସଂପାଦକ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ଛାତ୍ରଛାତ୍ରୀ, ଯୁବଛାତ୍ର, ବୁଦ୍ଧିଜୀବୀ, କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗଦେଇଥିଲେ । ଏହି ଅବସରରେ ଓଡ଼ିଆ ସାମ୍ବାଦିକତାକୁ ନେଇ ପାଞ୍ଚଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥଲେ, ସମସ୍ତ ଅଧୟନ କରିରତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରଯାଇଥିଲା , କାର୍ଯ୍ୟକ୍ରମର ଶେଷରେ ଓଡ଼ିଶା ମିରର୍ ପରିଚାଳନା ସଂପାଦକ ସୁଧାଂଶୁବାଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୀର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୫/୮ (ନି.ପ୍ର): ପୁରୀ ଜିଲ୍ଲାର କଣାସ ଓ ପିପିଲି ଅଂଚଳ ଗସ୍ତ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ସ୍ଥାନୀୟ ବିଧାୟକ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସାମ୍ପ୍ରତିକ ବନ୍ୟା ପରିସ୍ଥିତି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ ।

## ନାବାଳିକା ଅପହରଣ ୨ ମାସ ବିତିଲା: ଜିଲ୍ଲାପାଳଙ୍କୁ ଫେରାଦ ହେଲେ ପିତା, ମାତା

ବାଲେଶ୍ୱର, ୫/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବର ନିମକାଳୀ ନିକଟରେ ମହାପାତ୍ର ସାହିରେ ଜୁନ ମାସ ୫ ତାରିଖ ଅପହରଣ ହୋଇଥିବା ନାବାଳିକା ଉଦ୍ଧାର କ୍ଷେତ୍ରରେ ପୋଲିସ କାଳ କ୍ଷେପଣ ନୀତିକୁ ନେଇ ପ୍ରଦୀପ କୁମାର କମିଳା, ସ୍ତ୍ରୀ ମାଳତୀ କମିଳା, ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଛନ୍ତି । ନାବାଳିକା ପିତା ମାତାଙ୍କ ଅପାତ୍ତି ଅନୁସାରେ ଜୁନ ମାସ ସନ୍ଧ୍ୟା ୬ଟାର ବାରବାଟୀ (ଦାମୋଦରପୁର ନ୧୨ମ୍ବର ୱାର୍ଡର କେମ୍ପା ନାୟକ ଓ ତାଙ୍କ ପୁଅ ଚନ୍ଦ୍ର ଶେଖର ନାୟକ ମୁହଁ ଖୋଲା ଥିବା ବେଳେ ଅନ୍ୟ ୪ଜଣ ଯୁବକ ମୁହଁରେ କପଡା ବାନ୍ଧି ପ୍ରଦୀପ କମିଳା ଘରେ ନଥିବା ବେଳେ ପଶି ଝିଅର ମାଙ୍କୁ ଗୋଟେ ରୁମରେ ବନ୍ଦ କରି ଝିଅକୁ ଟେକି ନେବା ସଂଗେ ସଂଗେ ୧୦ ଲକ୍ଷ ଟଙ୍କାର ଗହଣା ଆଲମାରୀରୁ ଲୁଟିନେଇଥିଲେ । ତେବେ ଅପହରଣ କାରୀ ତଥା ଲୁଟିଆ ମଧ୍ୟରୁ ଦୁଇଜଣଙ୍କୁ ନାବାଳିକାର ମା ଚିହ୍ନି ପାରିଥିଲେ । ଏ ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ ଦିଆଯିବା ପରେ ପୋଲିସ ୨୨୭/୨୬ ଓ ୧୧୫୭ ଓ ୩୦୩ +୨ ମାମଲା ରୁଜୁ କରିଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ପରିବାର ଲୋକ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳକୁ ଅଭିଯୋଗ କରିଥିଲେ । ତେଣୁ ଜିଲ୍ଲାପାଳ ପୋଲିସ ଅଫିସର ନିର୍ମଳା ଗୋଚ୍ଛାୟତକୁ ଦାୟିତ୍ୱ ଦେଇଥିଲେ । ପୋଲିସ ଅଫିସର ୧୦ତାରିଖ ସୁଦ୍ଧା ଆଣି ପହଞ୍ଚାଇବ ବୋଲି ଝିଅର ପିତା ଓ ମାତାଙ୍କୁ କହିଥିଲେ ।

## କଳପଟା ଛାଡି ରାସ୍ତାରେ ଶିକ୍ଷକ: ଦାବିପୂରଣ ନହେଲେ ଆଗାମୀ ଦିନରେ ଅହୋରାତ୍ର ଧାରଣା



ନୀଳଗିରି, ୫/୮ (ନି.ପ୍ର): ନିଜର ହକ ପାଇଁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟସମିତି ପକ୍ଷରୁ ନୀଳଗିରି ବ୍ଲକ ସମ୍ମୁଖରେ ଆଜି ସକାଳ ୧୦ ଟା ସମୟରେ ଧାରଣାରେ ବସିଥିଲେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ । ସୂଚନା ଯୋଗ୍ୟ ଓଡ଼ିଶା ସ୍କୁଲ ଓ ପ୍ରତିଷ୍ଠା କରାଯାଇଥିବା ବିଦ୍ୟାଳୟ ମାନଙ୍କରେ ଶିକ୍ଷକତା କରୁଥିବା ଶିକ୍ଷକମାନେ ବିନା ବେତନରେ ୨୫ ରୁ ୩୦ ବର୍ଷ ଶିକ୍ଷାଦାନ ପରେ ମଧ ସରକାର ସେହି ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପରିସର ଭୁକ୍ତ ନକରିବା, ବିଦ୍ୟାଳୟରେ ଅଧୟନରତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଅଧିକାର ନିୟମରୁ ବଞ୍ଚିତ କରି ପୋଷାକ, ପୁସ୍ତକ, ପରିମଳ ଯୋଜନା, ସାଇକେଲ୍ ଓ ମଧାହ୍ନ ଭୋଜନ ମିଳୁନାହିଁ ।୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଗୋଟି ଜାତୀୟ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଯୋଜନା ପୁନଃ ପ୍ରଚଳନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା,ଗ୍ରେଡପେରେ ଥିବା ଅସଙ୍ଗତି ଦୂରାବସ୍ଥା ଆଦି ଦାବୀଗୁଡିକ ପୂରଣ ପାଇଁ ପ୍ରମୁଖ ଦାବୀ କରିଥିଲେ । ଆଜି ଏହି ଧର୍ମଘଟ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ସଭାପତି ବିଶ୍ୱଜିତ ଦାସ, ଭାସ୍କର ଚନ୍ଦ୍ର ଜେନା, ସମ୍ପାଦକ ପ୍ରମୋଦ କୁମାର ପାତ୍ର, ସଦସ୍ୟ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସୂର୍ଯ୍ୟ କୁମାର ପଣ୍ଡା, ସରୋଜ କୁମାର ସିଂହ, ରଘୁନାଥ ବେହେରା, ମନୋରମା ଦାସ, ଗୌରୀଶଙ୍କର ସ୍ୱାଇଁ, କାଦମ୍ବିନୀ ବିଶ୍ୱାଳ, ସଞ୍ଜୟ କୁମାର ମହାନ୍ତି, ଶିଶିର ବିନ୍ଧାଣୀ, ଜଗତାନନ୍ଦ ମହାପାତ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଜିତ ଦାସ,ସୂର୍ଯ୍ୟକୁମାର ପଣ୍ଡା, ବିଶ୍ୱନାଥ ନାୟକ ପ୍ରମୁଖ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇଥିଲେ । ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ବ୍ଲକ ଅଧିକାରୀ ବିକ୍ରମ କିଶୋର ପରିଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଆସନ୍ତା ୭ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦାନ କରିବା ଯଦି କୌଣସି ସମାଧାନ ନହୁଏ ତେବେ ଭୁବନେଶ୍ୱରରେ ଅହୋରାତ୍ର ଧାରଣା ହେବ ବୋଲି ଚେତାବନୀ ଦେଇଛନ୍ତି ଶିକ୍ଷକ ଶିକ୍ଷୟତ୍ରୀମାନେ ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida